R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୭
ତିଥି: ତ୍ରୟୋଦଶୀ
୧୧ ଅଗଷ୍ଟ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 307
11 August 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur






# ୨୪ ଘଣ୍ଟାରେ ଲଘୁଚାପ !

ଭୁବନେଶ୍ୱର, ୧୦ ।୮ (ସବ୍ୟୁ): ବଙ୍ଗୋପସାଗରରେ ଘନୀଭୂତ ହେଉଛି ଘୂର୍ଣ୍ଣିବଳୟ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପ ରୂପ ନେଇପାରେ। ତେବେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ବହୁ ସମ୍ଭାବନା ଅଛି । ଏହା ପ୍ରଭାବରେ ରାଜ୍ୟରେ ବଡ଼ ବର୍ଷା ହେବ ବୋଲି ପୂର୍ବାନୁମାନ କରୁଛନ୍ତି ପାଣିପାଗ ବିଜ୍ଞାନୀ।



ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁସାରେ, ଉତ୍ତର-ପଶ୍ଚିମ ବଙ୍ଗସାଗରରେ ଓ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ରହିଛି। ଏହା ଆହୁରି ଘନୀଭୂତ ସହ ସମୁଦ୍ର ପତ୍ତନ ଠାରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ରୂପ ନେଇପାରେ। ବର୍ତ୍ତମାନ ଘୂର୍ଣ୍ଣିବଳୟଟି ଗଭୀର ସମୁଦ୍ର ଭିତରେ ରହିଛି। ଏହା ଲଘୁଚାପ ରୂପ ନେବା ପରେ ଆହୁରି ଅଧିକ ଘନୀଭୂତ ହେବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ଅଛି। ଫଳରେ ସାରା ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ।

ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବୁଲେଟିନ୍‌ରେ ଜାରି କରିଛି ଯେ, ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଏହା ଅଧିକ ଘନୀଭୂତ ହୋଇ ୧୨ ତାରିଖ ବେଳକୁ ଲଘୁଚାପ ରୂପ ନେଇପାରେ। ଏହା ପ୍ରଭାବରେ ୧୨ ତାରିଖଠାରୁ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଆସନ୍ତାକାଲି (ମଙ୍ଗଳବାର) ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର,

## ଅବପାତ ରୂପ ନେଇପାରେ

## ସାରା ରାଜ୍ୟରେ ପ୍ରବଳ ବର୍ଷିବ

ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ।

ବୁଧବାର ହଠାତ ୧୨ ତାରିଖରେ କଟକ, ଝାରସୁଗୁଡା, (୯ ପୃଷ୍ଠାରେ)

# ପ୍ରଥମ ବନ୍ୟାର ମିଳିନି କ୍ଷତିପୂରଣ, ପୁଣି ବନ୍ୟା ଆଶଙ୍କା

ଭୁବନେଶ୍ୱର, ୧୦ ।୮ (ସବ୍ୟୁ): ରାଜ୍ୟରେ ବନ୍ୟା ଉତ୍ତର ଓଡ଼ିଶାକୁ ଛାରଖାର କରିଦେଇଥିବା ବେଳେ ବାକି ଜିଲ୍ଲା ଗୁଡିକରେ ଆଂଶିକ ପ୍ରଭାବ ପଡ଼ିଛି। ବନ୍ୟା ପାଣି ଛାଡିବାର ୭ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏବେ ସୁଦ୍ଧା ବନ୍ୟା ପ୍ରପୀଡିତଙ୍କୁ କ୍ଷୟକ୍ଷତି ଟଙ୍କା ଦେଇନେି। ରାଜସ୍ୱ ବିଭାଗ ଜିଲ୍ଲା ପ୍ରଶାସନକୁ କ୍ଷୟକ୍ଷତି ରିପୋର୍ଟ ମାଗିଥିଲେ ମଧ୍ୟ ଜିଲ୍ଲାପାଳ, ତହସିଲଦାର ଓ ବିଡ଼ିଓ ପୂର୍ଣ୍ଣାଙ୍ଗ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିନାହାନ୍ତି। ଏହାରି ଭିତରେ ପୁଣି ଏକ ଲଘୁଚାପ ବନ୍ୟାରେ ପ୍ରଭାବିତ ହୋଇଥିବା ଅଞ୍ଚଳବାସୀଙ୍କୁ ଭୟ ଘାରିଛି ।

ଆସନ୍ତା ୧୨ ତାରିଖ ବେଳକୁ ସାରା ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ କରିଛନ୍ତି। ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ ରୂପ ବି ନେଇପାରେ। ଫଳରେ ଉତ୍ତରରୁ ପଶ୍ଚିମ ଉପକୂଳଠୁ ଆଭ୍ୟନ୍ତରୀଣ ସବୁଠି ପ୍ରବଳ ବର୍ଷା ହୋଇପାରେ। ବର୍ତ୍ତମାନ ନଦୀ ଗୁଡିକରେ ଜଳସ୍ତର ଏବେ ବି ଭରପୂର ରହିଛି। ସୋମବାର ସନ୍ଧ୍ୟା ୬ଟାରେ ୧୫ ହଜାର ୫୭ କ୍ୟୁସେକ ଜଳ ନିଷ୍କାସନ ହୋଇଛି । ଫଳରେ ମହାନଦୀ ଅବବାହିକାରେ ନଦୀରେ ଜଳସ୍ତର ଭରପୁର ରହିଛି । ସେହିପରି ନରାଜରେ ଜଳସ୍ତର ୨୫.୫୪ ମିଟର ରହିଥିବା ବେଳେ ବୈତରଣୀର ଅଖୁଆପଦାରେ ୧୭.୪୩ ମିଟର, ବଡ଼ାବଳଙ୍ଗର

## ପୁଣି ଆସୁଛି ବଡ଼ ବର୍ଷା, ସାରା ରାଜ୍ୟରେ ବନ୍ୟା ଆସିପାରେ

## ଜିଲ୍ଲାପାଳ, ତହସିଲଦାର, ବିଡ଼ିଓ ଦେଲେନି ପୂର୍ଣ୍ଣାଙ୍ଗ ରିପୋର୍ଟ

## ରାଜସ୍ୱମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଳମ୍ବ କରୁଛି ଜିଲ୍ଲା ପ୍ରଶାସନ

ହୀରାକୁଦରେ ଜଳସ୍ତର ୬୧୩.୭୫ ଘନଫୁଟ ରହିଛି । ହୀରାକୁଦକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୨୩ ହଜାର ୮୩ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୧୨ଟି ଗେଟ ଦେଇ ୧ ଲକ୍ଷ ଏନଏଚ୍-୫ ଗୋବିନ୍ଦପୁରରେ ୪.୪୦ ମିଟର ରହିବା ସହିତ ଜଳସ୍ତର ଖସିବାରେ ଲାଗୁଛି ।

ଜୁନରୁ ଅଗଷ୍ଟ ଭିତରେ ରାଜ୍ୟରେ ସ୍ୱାଭାବିକ ବର୍ଷା ୯୦୦ (୯ ପୃଷ୍ଠାରେ)

# ଝାଡଖଣ୍ଡ ବିଧାନସଭା ଘେରିଲେ ଛାତ୍ର



ନୂଆଦିଲ୍ଲୀ, ୧୦ ।୮ : ଝାଡଖଣ୍ଡରେ ଛାତ୍ର ଆନ୍ଦୋଳନ ଆଜି ଉଗ୍ର ରୂପ ନେଇଛି । ପ୍ରତିବାଦକାରୀମାନେ ଜେପିଏସ୍‌ସି, ଜେଏସ୍‌ଏସ୍‌ସି ପରୀକ୍ଷାରେ ସଂସ୍କାର ଓ ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି କରି ଆଜି ବିଧାନସଭା ଘେରାଉ କରିଥିଲେ । ଘେରାଉ ସମୟରେ ଛାତ୍ର ଓ ପୋଲିସଙ୍କ ମଧ୍ୟରେ ସଂଘର୍ଷ ହୋଇଛି ଏବଂ ଟିୟର ଗ୍ୟାସ୍ ଛଡାଯାଇଛି । ତେବେ ଉତିମଧ୍ୟରେ ସରକାର ସିଆଇଡି ତଦନ୍ତ କରି ଜେପିଏସ୍‌ସିର ପୂର୍ବତନ ମୁଖ୍ୟ ଏଲ୍ ଖିୟାଙ୍ଗତେଙ୍କୁ ଗିରଫ କରାଯାଇଛି । ଗିରଫ ପରେ ସିଆଇଡି ଟିମ୍ ତାଙ୍କ

## ଜେପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ଗିରଫ

କାର୍ଯ୍ୟାଳୟକୁ ନେଇଛନ୍ତି । ଜୁଲାଇ ୨୮ ରୁ ଏହି ଯାଞ୍ଚ ଆରମ୍ଭ ହୋଇଛି ।

ଆଜି ହଜାର ହଜାର ପ୍ରତିବାଦକାରୀମାନେ ଝାଡଖଣ୍ଡର ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ନେଇ (୯ ପୃଷ୍ଠାରେ)

# ୯ ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୦ ।୮ (ସବ୍ୟୁ) : ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତ୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି ।

ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ଆଜି ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

# ଓଡ଼ିଶାରେ ଏବେ ରିଭର୍ସ ମାଇଗ୍ରେସନ୍ : ମୁଖ୍ୟମନ୍ତ୍ରୀ



କରାଯାଇଛି । ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ ଓଏଚ୍‌ପିଏସ୍‌ରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରିକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରିକ୍ଷକଙ୍କୁ ନିଯୁକ୍ତି ମିଳିଛି ।

ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, (୯ ପୃଷ୍ଠାରେ)

# ବଜ୍ରାଘାତରେ ମହିଳା ମୃତ

ଟାଙ୍ଗୀ/କୁହୁଡ଼ି, ୧୦ ।୮ (ସବ୍ୟୁ): ଆଜି ଅପରାହ୍ନ ପ୍ରାୟ ୩ ଟା ସମୟରେ ପ୍ରଚଣ୍ଡ ବଜ୍ରପାତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ମହିଳାଙ୍କ ସମେତ ଏକ ବିଦ୍ୟାଳୟର ୪ ଛାତ୍ରଛାତ୍ରୀ ଆହତ ହୋଇଥିବା ଜଣାପଡିଛି। ଆଜି ଅପରାହ୍ନରେ ଟାଙ୍ଗୀ ଥାନା ଅଧିନସ୍ଥ ଦିକ୍ଷିତିପଡାର ସନ୍ତୋଷ ବେହେରାଙ୍କ ଧାନବିଲରେ ୧୬ ଜଣ ମହିଳା ଶ୍ରମିକ ତଳି ପକାଉଥିବା ବେଳେ ହଠାତ ପ୍ରବଳ ବର୍ଷା ସହିତ ପ୍ରଚଣ୍ଡ ବଜ୍ରପାତ ହୋଇଥିଲା । (୯ ପୃଷ୍ଠାରେ)

# ଚାଷୀଙ୍କ ଲାଗି ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ

ଭୁବନେଶ୍ୱର, ୧୦ ।୮ (ସବ୍ୟୁ) : ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ



ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ମାନ୍ୟବର ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା (୯ ପୃଷ୍ଠାରେ)

# ସଞ୍ଜୀବ ପଣ୍ଡା, ଯଶୱନ୍ତ ଜାଠୱାଙ୍କୁ ଡିଜି ପାହ୍ୟା

ଭୁବନେଶ୍ୱର, ୧୦ ।୮ (ସବ୍ୟୁ) : ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ୧୬ରେ ଶେଷ ହେବ । ତେବେ ନୂଆ ଡିଜିପି ଚୟନ ପାଇଁ ଯେଉଁ ୟୁପିଏସ୍‌ସିର ବୈଠକ ବସିଥିଲା ସେଥିରେ ଏ ସମ୍ପର୍କରେ ଆଲୋଚନା ହେଲାନାହିଁ। କାରଣ ଶେଷ ମୁହୂର୍ତ୍ତରେ ସରକାର ବରିଷ୍ଠ ଆଇପିଏସ୍ ସୁଶାନ୍ତ କୁମାର ନାଥଙ୍କ ନାଁ ଅଗଷ୍ଟ ୭ ତାରିଖରେ ପ୍ୟାନେଲରୁ ବାଦ୍ ଦେବାପାଇଁ ପ୍ରସ୍ତାବ ଦେଇଥିଲେ । ତେବେ ଆଜି ସରକାରଙ୍କ ପକ୍ଷରୁ ୧୯୯୪ ବ୍ୟାଚ୍‌ର ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀକ କୁମାର ପଣ୍ଡା ଓ ଯଶବନ୍ତ କୁମାର ଜେଠୱାଙ୍କୁ ଡିଜି ପାହ୍ୱାକୁ ପଦୋନ୍ନତି ଦିଆଯାଇଛି ।

ରାଜ୍ୟର ମୋଟ୍ ୪ ମଞ୍ଜୁରୀପ୍ରାପ୍ତ ଡିଜି ପଦବୀ ରହିଥିବାବେଳେ ୫ ଜଣ ଅଫିସର ଡିଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ସରକାର ପରବର୍ତ୍ତୀ ଡିଜିପି ପାଇଁ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ, ବିନୟତୋଷ ମିଶ୍ର ଓ ଆର୍‌ପି କୋଚେଙ୍କ ନାମ ସୁପାରିଶ କରିଥିଲେ। ତେବେ ୩ ଜଣିଆ ସମ୍ଭାବ୍ୟ ପ୍ୟାନେଲ୍‌ରେ ବିନୟତୋଷ ମିଶ୍ରଙ୍କର ନାଁ ନଥିଲା। ଏବେ ଦୁଇ ଜଣଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି । ତେବେ ୩ ଜଣିଆ ସମ୍ଭାବ୍ୟ ପ୍ୟାନେଲ୍‌ରେ ସଞ୍ଜୀବ ପଣ୍ଡାଙ୍କ ନାମ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

# ଗୃହରେ ବିବୃତ୍ତି ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରସ୍ତୁତ : ରିଜିଜୁ

ନୂଆଦିଲ୍ଲୀ, ୧୦ ।୮ : ସଂସଦର ମୌସୁମୀ ଅଧିବେଶନରେ ଚାଲିଥିବା ଅଚଳାବସ୍ଥା ଦୂର ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ବିରୋଧୀ ସାଂସଦମାନେ ଗତ ୨୦ ତାରିଖରେ ସିଜେପି ଆନ୍ଦୋଳନ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତ୍ତି ଦାବି କରିଆସୁଛନ୍ତି। ତେବେ ଆଜି ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସଂସଦରେ ଅମିତ୍ ଶାହା ଏ ସମ୍ପର୍କରେ ବିବୃତ୍ତି ରଖିବେ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ବସିଥିବା



କାର୍ଯ୍ୟ ପରାମର୍ଶଦାତା କମିଟିରେ ଏ ନେଇ ସ୍ଥିର କରାଯାଇଛି ।

କାର୍ଯ୍ୟ ପରାମର୍ଶଦାତା କମିଟିର ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ କହିଥିଲେ ଯେ ଦୁଇ ସପାହ ଧରି ଯେଉଁ ଅଚଳାବସ୍ଥା ସୃଷ୍ଟି ହୋଇଛି ସରକାର ଏହାକୁ ଦୂର କରିବା ପାଇଁ ଚେଷ୍ଟା କରୁଛନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଶ୍ରୀ ଶାହାଙ୍କ ଠାରୁ ପୋଲିସ କାର୍ଯ୍ୟାନୁଷ୍ଠାନ (୯ ପୃଷ୍ଠାରେ)

❐ ସଂସଦ ଅଚଳାବସ୍ଥା ଦୂର ଲାଗି ଉଦ୍ୟମ
❐ ବିରୋଧୀଙ୍କ ପ୍ରସ୍ତାବରେ ସରକାର ରାଜି

## କଳ୍ପନାତୀତ ଆଲୋଚନା ଚାହୁଁନା : ରାହୁଲ

ନୂଆଦିଲ୍ଲୀ, ୧୦ ।୮ : ଗୃହମନ୍ତ୍ରୀ ଅମିତ୍ ଶାହା ଯେଉଁ ବିବୃତ୍ତି ରଖିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି

### ବିରୋଧୀଙ୍କ ୩ ଦାବି ସ୍ପଷ୍ଟ

### ଏଥିରେ ବୁଝାମଣାର ପ୍ରଶ୍ନ ନାହିଁ

ତାକୁ ବିରୋଧୀ ଦଳ ନେତା ଅଗ୍ରାହ୍ୟ କରିଛନ୍ତି । ସେ କହିଛନ୍ତି ଯେ ସରକାର ଯେଉଁଭଳି ଭାବରେ ଛାତ୍ରଙ୍କ ପ୍ରସଙ୍ଗରେ କଳ୍ପନାତିତ ଆଲୋଚନା



ଚାହୁଁଛନ୍ତି ଆମେ ତାକୁ ଖାରଜ କରୁଛୁ । ଆମେ ସିଧାସଳଖ ପଚାରିଛୁ ଯେ ଛାତ୍ର ଆନ୍ଦୋଳନ (୯ ପୃଷ୍ଠାରେ)

## ଆଗ୍ରିଷ୍ଟାକ ବାଧ୍ୟତାମୂଳକକୁ ବିରୋଧ

# ଚାଷୀଙ୍କ ଜେଲଭରୋ ଆନ୍ଦୋଳନ

ପଦ୍ମପୁର, ୧୦ ।୮ (ସବ୍ୟୁ): ଧାନ ବିକ୍ରିପାଇଁ ଚାଷୀ ପଞ୍ଜିକରଣରେ ଏଗ୍ରିଷ୍ଟାକ ଇଡି ବାଧ୍ୟତାମୂଳକ କରାଯିବାକୁ ନେଇ ପଦ୍ମପୁର ଉପଖଣ୍ଡରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଆଗ୍ରିଷ୍ଟାକ ଆଇଡି ନଥିଲେ ଧାନ ବିକ୍ରି ପାଇଁ ଟୋକନ ମିଳିବ ନାହିଁ ବୋଲି ଘୋଷଣା ପରେ ଅନେକ ଚାଷୀ ଅନିଶ୍ଚିତତାରେ ପଡ଼ିଛନ୍ତି । ନିଜ ନାମରେ ଜମିର ମାଲିକାନା ଥିବା ଚାଷୀ ହିଁ ଏଗ୍ରିଷ୍ଟାକ ନମ୍ବର ପାଇପାରିବେ ବୋଲି ନିୟମ ଥିବାରୁ ପିଢ଼ି ପିଢ଼ି ଧରି ଉତ୍ତରାଧିକାରୀ ସୂତ୍ରରେ ଜମି ଦଖଲ କରି ଚାଷ କରୁଥିବା ଚାଷୀମାନେ ଏଥିରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ କରିଛନ୍ତି ।

ଏଗ୍ରିଷ୍ଟାକ କୋଡ ନହେଲେ ଚାଷୀ ସାର ସବସିଡି, ଅନୁଷ୍ଠାନିକ କୃଷି ଋଣ, ଫସଲ ବୀମା ଓ ଧାନ ବିକ୍ରି ଭଳି ସରକାରୀ ସୁବିଧାରୁ ବଞ୍ଚିତ ହୋଇପାରନ୍ତି ବୋଲି ଚାଷୀ ସଂଗଠନ ଗୁଡ଼ିକ ଅଭିଯୋଗ କରିଛନ୍ତି । ଦୀର୍ଘ ୪୯ ବର୍ଷ ଧରି ରାଜ୍ୟରେ ନୂଆ ବନ୍ଦୋବସ୍ତ ହୋଇନଥିବାରୁ ଅନେକ ପରିବାରର ଏକଜମାଲୀ ଜମି ଏବେ ବି ଭାଗବଣ୍ଟା ହୋଇପାରିନାହିଁ । (୯ ପୃଷ୍ଠାରେ)

## ନିଅନ୍ତୁ ପାଦର ଯତ୍ନ



ବର୍ଷା ଋତୁରେ ଅତ୍ୟଧିକ ଆର୍ଦ୍ରତା ଓ ସୂର୍ଯ୍ୟକିରଣର ଅଭାବ ଯୋଗୁଁ ଜୋତା ଶୀଘ୍ର ଶୁଖିନଥାଏ, ଯାହାଫଳରେ ସେଥିରେ ବ୍ୟାକ୍ଟେରିଆ ଓ ଫଙ୍ଗସ୍ ବୃଦ୍ଧି ପାଇଥାଏ । ଏହି କାରଣରୁ ଗମ୍ଭୀର ଦୁର୍ଗନ୍ଧ ସହ ଆଥଲେଟ୍ସ ଫୁଟ୍ ଓ କୁଜି ଭଳି ଚର୍ମ ସଂକ୍ରମଣର ଆଶଙ୍କା ବଢ଼ିଯାଏ । ବିଶେଷଜ୍ଞଙ୍କ ଅନୁଯାୟୀ, କାନ୍ଭାସ୍, ଚମଡ଼ା (ଲେଦର) ଓ ଅଧିକ ଚିପା ଜୋତାରେ ବାୟୁ ଚଳାଚଳ କମ୍ ହେଉଥିବାରୁ ଏଗୁଡ଼ିକରେ ଫଙ୍ଗସ୍ ସୃଷ୍ଟି ହେବାର ଆଶଙ୍କା ଅଧିକ ଥାଏ । ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଓଦା ଜୋତାର ଫିତା ଓ ଇନ୍‌ସୋଲ୍ ଅଲଗା କରି ସେଥିରେ ଖବରକାଗଜ ପୂରାଇ ପଙ୍ଖା ବା ଖୋଲା ବାୟୁ ଚଳାଚଳ କରୁଥିବା ସ୍ଥାନରେ ଶୁଖାଇବା ଉଚିତ୍ । ଦୁର୍ଗନ୍ଧ ଦୂର କରିବା ପାଇଁ ବେକିଂ ସୋଡ଼ା, ଶୁଖିଲା ଟି-ବ୍ୟାଗ୍, ହ୍ୱାଇଟ୍ ଭିନେଗାର୍ ସ୍ପ୍ରେ କିମ୍ବା ଆଣ୍ଟିଫଙ୍ଗାଲ୍ ପାଉଡର ବ୍ୟବହାର କରାଯାଇପାରିବ । ଏହାସହ ନିୟମିତ ପାଦକୁ ଲୁଣ ପାଣିରେ ସଫା କରିବା, ସୂତା ବା କଟନ୍ ମୋଜା ପିନ୍ଧିବା, ନଖଗୁଡ଼ିକୁ ସଫା ରଖିବା ଏବଂ ଓଦା ହେବା ମାତ୍ରେ ଜୋତା-ମୋଜା ବଦଳାଇବା ଦ୍ୱାରା ପାଦର ଯତ୍ନ ସଠିକ୍ ଭାବେ ନିଆଯାଇପାରିବ ।

## ପାଣି ଭିତରେ ୫ ବର୍ଷ



ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲା ବେଲଡାଙ୍ଗା ଅଞ୍ଚଳର ୧୬ ବର୍ଷୀୟ କିଶୋର ଇକବାଲ ଶେଖ ଗତ ପ୍ରାୟ ୫ ବର୍ଷ ଧରି ପ୍ରତିଦିନ ଅଧିକାଂଶ ସମୟ ପୋଖରୀ ଜଳ ମଧ୍ୟରେ ବିତାଉଥିବା ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଇକବାଲଙ୍କ କହିବା ଅନୁଯାୟୀ, ପାଣିରୁ ବାହାରିଲେ ତାଙ୍କ ଶରୀରରେ ପ୍ରବଳ ଜଳାପୋଡ଼ା ଅନୁଭବ ହୋଇଥାଏ, ଯାହା ପାଣି ମଧ୍ୟରେ ରହିଲେ କମିଯାଏ । ତେବେ ସେ ନିଜର ଏହି ସମସ୍ୟାକୁ କୌଣସି ଅଦୃଶ୍ୟ ଶକ୍ତି ସହ ଯୋଡ଼ୁଥିଲେ ମଧ୍ୟ ଏହାର କୌଣସି ପ୍ରମାଣ ମିଳିନାହିଁ । ଦୀର୍ଘ ସମୟ ପାଣିରେ ରହିବା ଯୋଗୁଁ ତାଙ୍କ ହାତ-ଗୋଡ଼ର ଚର୍ମ ଧଳା ପଡ଼ିଯିବା ସହ ସେ ନିୟମିତ ଥଣ୍ଡା-କାଶ ସମସ୍ୟାରେ ପୀଡ଼ିତ ହେଉଛନ୍ତି । ସରକାରୀ ହସ୍ପିଟାଲରେ ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିନଥିବା ବେଳେ, ବେସରକାରୀ ହସ୍ପିଟାଲରେ ଖର୍ଚ୍ଚ ବହନ କରିବାକୁ ପରିବାରର ଆର୍ଥିକ ସମ୍ବଳ ନାହିଁ । ଏହି ବିଚିତ୍ର ଘଟଣା ବିଷୟରେ ଜାଣିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଦେଖିବାକୁ ଆସି ଚୂଡ଼ା ଓ ବିସ୍କୁଟ ଦେଉଛନ୍ତି ଏବଂ ତାଙ୍କର ଉନ୍ନତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଡ଼ କରିବାକୁ ଚେଷ୍ଟା ଚଳାଇଛନ୍ତି ।

## ୨୪ଘଣ୍ଟା ହୋଇଥାଏ ବର୍ଷା

ଦୁବାଇରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପର୍ଯ୍ୟଟକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବା ପାଇଁ 'ଦ ହାର୍ଟ ଅଫ୍ ୟୁରୋପ' ପ୍ରକଳ୍ପ ଅନ୍ତର୍ଗତ ପ୍ରାୟ ୧ କିଲୋମିଟର ଲମ୍ବର ଏକ 'ରେନିଂ ଷ୍ଟ୍ରିଟ୍' ବା ବର୍ଷା ହେଉଥିବା ରାସ୍ତା ଆରମ୍ଭ କରାଯାଇଛି । ଦୁବାଇରେ ଗ୍ରୀଷ୍ମଦିନେ ତାପମାତ୍ରା ୪୦-୫୦ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚି ଯାଉଥିବାବେଳେ ଏହି ସ୍ୱତନ୍ତ୍ର ରାସ୍ତାରେ ତାପମାତ୍ରା ୨୭ଡିଗ୍ରୀ ସେଲସିୟସରୁ ଅଧିକ ହେବା ମାତ୍ରେ ଲୁଚି ରହିଥିବା ପାଇପ୍ ଗୁଡ଼ିକ ସାହାଯ୍ୟରେ ଥଣ୍ଡା ପାଣିର କୃତ୍ରିମ ବର୍ଷା ଆରମ୍ଭ ହୋଇଯାଏ । ଏଠାରେ ତାପମାତ୍ରା, ଆଦ୍ରତା ଏବଂ ପବନକୁ ନିୟନ୍ତ୍ରଣ କରାଯାଉଥିବା ବେଳେ ଲୋକମାନେ ଛତା ଧରି ବର୍ଷା ଓ ଥଣ୍ଡା ପାଗର ମଜା ନେଉଛନ୍ତି । ୟୁରୋପୀୟ ରାସ୍ତା ଶୈଳୀରେ ନିର୍ମିତ ଏହି ଷ୍ଟ୍ରିଟ୍ ହୋଟେଲ ଓ ରିସର୍ଟ ଅଞ୍ଚଳରେ ଅବସ୍ଥିତ, ଯେଉଁଠାରେ ବୁଲାବୁଲି କରିବା ସହ ଲୋକେ ଆଖପାଖରେ ଥିବା କାଫେ, ରେସ୍ତୋରାଣ୍ଟ, ଫ୍ୟାଶନ୍ ଷ୍ଟୋର୍ ଏବଂ ଅନ୍ୟାନ୍ୟ ଦୋକାନଗୁଡ଼ିକର ମଧ୍ୟ ଆନନ୍ଦ ନେଇପାରୁଛନ୍ତି ।



## ଭାଇରାଲ ପୋଲିସ୍ କ୍ୟାଟ୍

ନେଦରଲ୍ୟାଣ୍ଡର ଆମଷ୍ଟରଡାମ୍ ସହରରେ 'ନିମିସ୍' ନାମ୍ନୀ ଏକ କଳା ରଙ୍ଗର ବିଲେଇ ତାର ବିଶେଷ ପୋଷାକ ଓ ଅନ୍ଦାଜ ପାଇଁ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ନିମିସ୍ ନିଜ ମାଲିକାଣୀ ଲିଡିଆ ଫାର୍ବରଙ୍କ ସହ ଏକ ହାଉସବୋଟରେ ରହୁଛି । ଆମଷ୍ଟରଡାମ୍‌ର କେନାଲ କୂଳଗୁଡ଼ିକ ଉଚ୍ଚ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ତାକୁ ପିଲାଦିନରୁ ଏକ ହଳଦିଆ ରଙ୍ଗର ଲାଇଫ୍ ଜ୍ୟାକେଟ୍ ପିନ୍ଧାଯାଉଥିଲା । ଏହି ଜ୍ୟାକେଟ୍ ଯୋଗୁଁ ପଡ଼ୋଶୀମାନେ ତାକୁ ମଜାରେ 'ପୁଲିସ ଅଫିସର' ବୋଲି ଡାକିବା ଆରମ୍ଭ କରିବା ପରେ ଲିଡିଆ ଜ୍ୟାକେଟରେ ପୁଲିସ ଷ୍ଟିକର ଲଗାଇ ତାର ଏହି ଲୁକ୍‌କୁ ପୂର୍ଣ୍ଣତା ଦେଇଥିଲେ । ୨୦୨୩ ମସିହାରୁ ଲିଡିଆ ଟିକ୍‌ଟକ୍‌ରେ ନିମିସ୍‌ର ପ୍ରତିଦିନର 'ପାଟ୍ରୋଲିଂ' ବା ବୁଲାବୁଲିର ଭିଡିଓ ସେୟାର କରିବା ଆରମ୍ଭ କରିଥିଲେ, ଯାହାକୁ ଏପର୍ଯ୍ୟନ୍ତ ୪୫ ଲକ୍ଷରୁ ଅଧିକ ଥର ଦେଖାସରିଲାଣି । ଯଦିଓ ସେ କୌଣସି ପ୍ରକୃତ ପୁଲିସ ଅଫିସର ନୁହେଁ, ତଥାପି ନିଜର ସ୍ୱତନ୍ତ୍ର ପୋଷାକ, ଦୈନନ୍ଦିନ ବୁଲାବୁଲି ଏବଂ ପ୍ରକୃତ ପୁଲିସକର୍ମୀଙ୍କ ସହ ଦେଖାଯାଉଥିବା ନିଆରା ଅନ୍ଦାଜ ପାଇଁ ତାକୁ ସମସ୍ତେ ଆଦରରେ 'ପୁଲିସ କ୍ୟାଟ୍' ବୋଲି କହୁଛନ୍ତି ।



## ଇତିହାସ

୧୯୦୮ - ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଖୁଦୀରାମ ବୋସଙ୍କୁ ଫାଶି ଦିଆଗଲା ।
୧୯୪୯ - ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡି. ସୁବାରାଓଙ୍କ ଜନ୍ମ ।
୧୯୫୪- ଭାରତୀୟ କ୍ରିକେଟର ଏମ୍.ଭି. ନରସିହ୍ମା ରାଓଙ୍କ ଜନ୍ମ ।
୧୯୬୧- ଦାଦ୍ରା ନଗର **ହେୱିଲିକୁ** କେନ୍ଦ୍ରଶାସିତ ପ୍ରଦେଶର ମାନ୍ୟତା ।
୧୯୬୭- ହିନ୍ଦୀର ପ୍ରସିଦ୍ଧ ପତ୍ରକାର, ସମୀକ୍ଷକ, ସାହିତ୍ୟିକ, ଆଲୋଚକ ତଥା ସମ୍ପାଦକ ନନ୍ଦ ଦୁଲାରେ ବାଜପେୟୀଙ୍କ ଦେହାନ୍ତ ।
୧୯୭୪- ଭାରତୀୟ କ୍ରିକେଟର ଅଞ୍ଜୁ ଜୈନଙ୍କ ଜନ୍ମ ।
୧୯୯୯- ୯୦ ଦଶକର ଅନ୍ତିମ ଚନ୍ଦ୍ରଗ୍ରହଣ ।
୨୦୦୭- ମୋହମ୍ମଦ ହମିଦ୍ ଅଂସାରୀ ଭାରତର ତ୍ରୟୋଦଶ ଉପରାଷ୍ଟ୍ରପତି ହେଲେ ।


## ପ୍ରୀତିଙ୍କ କ୍ରୋଧ



ପ୍ରୀତି ଜିଣ୍ଟା ତାଙ୍କର ପ୍ରତ୍ୟାବର୍ତ୍ତନ ଫିଲ୍ମ 'ବଣ୍ଟୱାରା ୧୯୪୭'ର ପ୍ରମୋସନ୍ ସମୟରେ ଅଭିନେତା ଆମିର ଖାନଙ୍କୁ ଅଣଦେଖା କରିଥିବା ନେଇ ସୋସିଆଲ ମିଡିଆରେ ଚାଲିଥିବା ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ପ୍ରିତି ଜିଣ୍ଟା । ଏହାସହ ଏହାକୁ ଏକ ଶସ୍ତା 'କ୍ଲିକ୍‌ବେଟ୍ କଣ୍ଟେଣ୍ଟ' ବୋଲି ଆଖ୍ୟା ଦେଇଛନ୍ତି ପ୍ରକୃତରେ ଏକ ପାପାରାଜି ପେଜ୍ ପକ୍ଷରୁ ସେୟାର କରାଯାଇଥିବା ଭିଡିଓରେ ପ୍ରୀତି ଭାନିଟି ଭ୍ୟାନରୁ ବାହାରି ଫଟୋଗ୍ରାଫରମାନଙ୍କୁ ରାସ୍ତା ପଚାରି ଅନ୍ୟ ଦିଗକୁ ଚାଲିଯାଉଥିବା ଦେଖାଯାଇଥିଲା । ଯେଉଁଠାରେ ନିକଟରେ ଛିଡ଼ା ହୋଇଥିବା ପ୍ରଯୋଜକ ଆମିର ଖାନ୍‌ଙ୍କ ଉପରେ ତାଙ୍କର ନଜର ପଡ଼ିନଥିଲା । ଏହି ଭିଡିଓକୁ ନେଇ ଫ୍ୟାନମାନେ ଦୁଇ କଳାକାରଙ୍କ ମଧ୍ୟରେ ମନୋମାଳିନ୍ୟ ଥିବା ନେଇ କଳ୍ପନାଜଳ୍ପନା ଆରମ୍ଭ କରିଦେଇଥିଲେ ଏହାର କଡ଼ା ଜବାବ ଦେଇ ପ୍ରୀତି ସ୍ପଷ୍ଟ କରିଛନ୍ତି ଯେ, ସେହି ସମୟରେ ସେ ଶୁଟିଂ ଶେଷ କରି ଫ୍ଲାଇଟ୍ ଧରିବାର ବ୍ୟସ୍ତତା ମଧ୍ୟରେ ଥିବାରୁ ଆମିରଙ୍କୁ ଦେଖିପାରିନଥିଲେ । ଆମିରଙ୍କ ପ୍ରତି ତାଙ୍କର ଭଲପାଇବା ଓ ସମ୍ମାନ ରହିଛି ଅନୁଚିତ ନକାରାତ୍ମକତା ପ୍ରସାର ନକରିବାକୁ ସେ ଚେତାବନୀ ଦେଇଥିଲେ । ଦୀର୍ଘ ୮ ବର୍ଷ ପରେ ବଡ଼ ପରଦାକୁ ଫେରୁଥିବା ପ୍ରୀତିଙ୍କ ଏହି ଚଳଚ୍ଚିତ୍ର 'ବଣ୍ଟୱାରା ୧୯୪୭'କୁ ରାଜକୁମାର ସନ୍ତୋଷୀ ନିର୍ଦ୍ଦେଶନା ଦେଇଛନ୍ତି, ଯେଉଁଥିରେ ସନ୍ନି ଦେଓଲ, ଶବାନା ଆଜମୀ ଓ ଅଲି ଫଜଲ ପ୍ରମୁଖ ଅଭିନୟ କରିଛନ୍ତି । ଭାରତ ବିଭାଜନର ପୃଷ୍ଠଭୂମିରେ ଆଧାରିତ ଏହି ଫିଲ୍ମଟି ଆସନ୍ତା ୧୪ ଅଗଷ୍ଟ ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି ।

## ଚୁଗୁଲି କରି ରୋଜଗାର

କଲମ୍ବିଆର ୬୭ ବର୍ଷୀୟା ମିରୟମ୍ ନାମ୍ନୀ ଜଣେ ମହିଳା ପଡ଼ୋଶୀଙ୍କ ବିଷୟରେ ଗପସପ ଓ ଗୁପ୍ତ ତଥ୍ୟ ସଂଗ୍ରହ କରିବାକୁ ତାଙ୍କର ରୋଜଗାରର ମାଧ୍ୟମ କରିଛନ୍ତି । ଯାହା ଦ୍ୱାରା ସେ ପ୍ରଚୁର ଅର୍ଥ ରୋଜଗାର କରି ଦୁଇଟି ଘର ମଧ୍ୟ କିଣିସାରିଛନ୍ତି । ସେ ନିଜକୁ ଜଣେ ପେସାଦାର 'ଚିସ୍‌ମୋସା' ( ଚୁଗୁଲି କରୁଥିବା ମହିଳା) ବୋଲି ପରିଚୟ ଦେଉଥିବା ବେଳେ ଲୋକଙ୍କ କଥା ଶୁଣି ଏକ ନୋଟବୁକରେ ଲେଖି ରଖନ୍ତି । କୌଣସି ତଥ୍ୟ ଆଗକୁ ବଢ଼ାଇବା ପୂର୍ବରୁ ପ୍ରମାଣ ମଧ୍ୟ ଯୋଗାଡ଼ କରନ୍ତି । ଛୋଟମୋଟ ତଥ୍ୟ ପାଇଁ ସେ ପ୍ରାୟ ୧୫୦ ରୁ ୩୦୦ ଟଙ୍କା ନେଉଥିବା ବେଳେ ଗୁପ୍ତ କଥା ବା ଆଫେୟାର ଭଳି ବ୍ୟକ୍ତିଗତ ତଥ୍ୟ ଲୁଚାଇବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଛନ୍ତି । ନିଜ ଘରେ ସେ ପ୍ରମାଣ ସ୍ୱରୂପ ଫଟୋ ଓ ଅନ୍ୟାନ୍ୟ ଜିନିଷର ଏକ ବୋର୍ଡ ରଖିଥିବା ବେଳେ ଗପସପ ବା ଚୁଗୁଲି କେବଳ ତାଙ୍କର କାମ ନୁହେଁ, ବରଂ ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ ମତ ଦେଇଥାଆନ୍ତି । ମହିଳାଙ୍କର ଏଭଳି ଅଜବ ବୃତ୍ତି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



## ସୋସିଆଲ କୋଟ୍ସ



ନାସିରୁଦ୍ଦିନଜୀଙ୍କର ମନ୍ତବ୍ୟ ଖୁବ ଖରାପ ଥିଲା । ମୁଁ ତାଙ୍କୁ ବର୍ତ୍ତମାନ ପଚାରୁଛି ସେ କେଉଁ କୁକୁର, ଏବଂ ତାଙ୍କର ମୁଁରେ କେଉଁ ହାଡ ଅଛି ଯେ ଚୁପ ଅଛନ୍ତି ।

**ପିୟୁଷ ମିଶ୍ର, ଅଭିନେତା**



ଷ୍ଟାରଡମ ପାଇଁ ଅନ୍ୟକୁ ଖରାପ କହିବାର ଆବଶ୍ୟକତା ନାହିଁ । ଏଭଳି ଅନେକ କଥା ଅଛି, ଯାହାକୁ କହିବାର ଆବଶ୍ୟକତା ନଥାଏ । ତେବେ ସୁନିତା କେତେବେଳେ ମୋର ପ୍ରଶଂସା କରୁଛନ୍ତି ପୁଣି ନିନ୍ଦା କରୁଛନ୍ତି । ଏଥିରେ ତାଙ୍କର ଭଲ ପାଇବା ଦେଖିବାକୁ ମିଳୁଛି ।

**ଗୋବିନ୍ଦା, ଅଭିନେତା**



ମୋ ପାଇଁ ଏହି ଶୋ' ଖୁବ କଠିନ ଥିଲା । ରାଣୀମାନେ ସେତେବେଳେ ଖୁବ ଓଜନଦାର ଗହଣା ପିନ୍ଧୁଥିଲେ । ତେଣୁ ଏହି ସବୁ ଶାଢି ଓ ଗହଣା ପିନ୍ଧିବା ଖୁବ କଷ୍ଟ କାମ ଥିଲା ।

**ସନ୍ଦିପା ଧର, ଅଭିନେତ୍ରୀ**



**ମେଷ:** କାର୍ଯ୍ୟରେ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସମସ୍ୟା, ଅର୍ଥଚିନ୍ତା, ଗୃହେ ସହଯୋଗ, ସନ୍ତାନଖୁସି, ଦୂରଯାତ୍ରା, ନୂତନ କର୍ମନିଯୁକ୍ତି, ଦେବଦର୍ଶନ, ଅନୁଷ୍ଠାନରୁ ଲାଭ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଦୂରଯାତ୍ରା ସଫଳ, ବ୍ୟବସାୟରେ ଲାଭ, ଅଚାନକ ଧନଲାଭ, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ପାରିବାରିକ ସହାୟତା, ବନ୍ଧୁଲାଭ, ବିଘ୍ନନାଶ, ସୁସମ୍ବାଦପ୍ରାପ୍ତି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ଶ୍ରୀ ଗଣେଶ ।

**ମିଥୁନ:** ଭଲଆୟ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ନୂତନ ଚୁକ୍ତି, ସମ୍ମାନଲାଭ, ଆର୍ଥିକ ଉନ୍ନତି, ସମ୍ପତ୍ତିଲାଭ, ଭ୍ରାତୃବିରୋଧ, ଦାମ୍ପତ୍ୟ ସୁଖ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ଦୂରଯାତ୍ରାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, ଦାମ୍ପତ୍ୟକଳହ, ଅଚାନକ ଧନପ୍ରାପ୍ତି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ମା' ବଗଳାମଖୀ ।

**ସିଂହ:** ଯାନ୍ତ୍ରିକତ୍ରୁଟି, ହେବାକାର୍ଯ୍ୟ ବିଳମ୍ବ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ସଫଳ, ପିଲାଙ୍କଖୁସି, ଅନୁଷ୍ଠାନରୁ ଲାଭ, ଅଯଥା ଅଶାନ୍ତି, ଉତ୍ସବ ପାଇଁ ଆଲୋଚନା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ଶଙ୍କର ଭଗବାନ ।

**କନ୍ୟା:** ବାଣିଜ୍ୟରେ ଲାଭ, ନୂତନ କାର୍ଯ୍ୟଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ବନ୍ଧୁଦର୍ଶନ, ଅଟକିଥିବା କାର୍ଯ୍ୟ ସମ୍ପନ୍ନ, ସମ୍ପତ୍ତିଲାଭ, ସମସ୍ୟା ସମାଧାନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ହନୁମାନଚାଳିଷା ପାଠ କରନ୍ତୁ ।

**ତୁଳା:** ଧନ ପୁତ୍ରାଦି ଲାଭ, ସୁଖସମ୍ମାନପ୍ରାପ୍ତି, ଦୂରଯାତ୍ରା, ଉଚ୍ଚଆଶାରେ ବିଳମ୍ବ, ଶରୀର ସୁସ୍ଥ, ସମ୍ପତ୍ତିଖୁସି, ବ୍ୟବସାୟିକ ଖୁସି, ସନ୍ତାନ ସମସ୍ୟା, ଦାମ୍ପତ୍ୟସୁଖ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ମହାକାଳୀ ।

**ବିଛା:** କାର୍ଯ୍ୟବ୍ୟସ୍ତତା, ଦୂରଯାତ୍ରାରେ କଷ୍ଟ, ସ୍ୱାସ୍ଥ୍ୟକୁ ନେଇ ଚିନ୍ତା, ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ଉନ୍ନତିମୂଳକ କାର୍ଯ୍ୟରେ ସଫଳ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ବ୍ୟବସାୟିକ ଶତ୍ରୁତା, ଦାମ୍ପତ୍ୟଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥଚିନ୍ତା, ଅନୁଷ୍ଠାନରୁ ସଫଳତା, ବନ୍ଧୁସାହାଯ୍ୟ, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ସନ୍ତାନକଷ୍ଟ, ଈଶ୍ୱରଭକ୍ତି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମକର:** ପୁରାତନ ରୋଗ ଉପଶମ, ଆର୍ଥିକଲାଭ, ସମ୍ପତ୍ତିଲାଭ, ନୂତନ କାର୍ଯ୍ୟରେ ନିଯୁକ୍ତି, ବ୍ୟବସାହିକ ଲାଭ, ହଠାତ୍ ଦୂରଯାତା, ଦ୍ରବ୍ୟପ୍ରାପ୍ତି, ପାରିବାରିକ ସହଯୋଗ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ଗ୍ରାମଦେବତୀ ।

**କୁମ୍ଭ:** ବ୍ୟବସାୟରେ ସ୍ୱଳ୍ପଲାଭ, ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ପରିବାରରେ ସହଯୋଗ, ନୂତନ ଗୃହଲାଭ, ଶତ୍ରୁସମସ୍ୟା, ଅଯଥା ବିବାଦ, ଯାନବାହନେ ସତର୍କ, ବିଦ୍ୟାରେ ଅସଫଳ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମୀନ:** ଯାତ୍ରା ସଫଳ, ସମ୍ପତ୍ତିଲାଭ, ମାନସିକଶାନ୍ତି, ଶୁଭଆଲୋଚନା, ଅଳ୍ପ ଶତ୍ରୁସମସ୍ୟା, ନୂତନ ନିଯୁକ୍ତି, ବିବାଦ ସମାଧାନ, ସମ୍ମାନପ୍ରାପ୍ତି, ନୂତନ ବନ୍ଧୁଲାଭ, ମାନସିକ ଶାନ୍ତି, ବ୍ୟବସାୟରେ ଉନ୍ନତି, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ଶ୍ରାବଣ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ**
**୧୧.୮.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଇଞ୍ଜିନିୟରିଂ ଛାତ୍ରଙ୍କ ସ୍ୱର ହେବ ଓଇଏସ୍ଏ

## ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘର ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସମସ୍ୟା, ଅଧିକାର ଓ ଭବିଷ୍ୟତକୁ ନେଇ ଏକ ନୂଆ ପ୍ରୟାସ ଆରମ୍ଭ ହୋଇଛି । ରାଜ୍ୟର ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ଏକ ମଞ୍ଚରେ ଆଣିବା ଏବଂ ସେମାନଙ୍କ ସମସ୍ୟାକୁ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବା ଲକ୍ଷ୍ୟରେ ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘ (ଓଇଏସଏ) ଆନୁଷ୍ଠାନିକ ଭାବେ ଉଦଘାଟନୀ ଦିବସ ପାଳନ କରିଛି । ଏହି ଅବସରରେ ଓଇଏସଏର ଲୋଗୋ ଉନ୍ମୋଚିତ ହୋଇଛି ।




ଓଇଏସଏର ଉଦ୍ଦେଶ୍ୟ କେବଳ ଏକ ସଂଗଠନ ଗଢ଼ିବା ନୁହେଁ । ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ପଢ଼ୁଥିବା ଛାତ୍ରଛାତ୍ରୀ ଯେଉଁ ସମସ୍ୟା ଦେଇ ଗତି କରୁଛନ୍ତି, ସେସବୁକୁ ଏକାଠି କରି ତାହାର ସମାଧାନ ପାଇଁ ଏକ ସାମୂହିକ ସ୍ୱର ହେବା ହେଉଛି ଏହି ସଂଘର ମୁଖ୍ୟ ଲକ୍ଷ୍ୟ । ଓଡ଼ିଶାର ପ୍ରତ୍ୟେକ ଇଞ୍ଜିନିୟରିଂ ଛାତ୍ର ଏହି ମଞ୍ଚ ସହ କିଭଳି ଯୋଡ଼ି ହୋଇପାରିବେ ଏହା ହିଁ ସଂଘର ଲକ୍ଷ୍ୟ । ଏହି ସଂଘ ବୈଷୟିକ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ତଥା ଅଧିକରୁ ଅଧିକ ନିଯୁକ୍ତି, ଶିକ୍ଷାନୁଷ୍ଠାନଗୁଡିକରେ ଉନ୍ନତ ଜ୍ଞାନକୌଶଳର ଦକ୍ଷତା ବିକାଶ, ଅଧିକ ଆର୍ଥିକ ଚାପ, ସଠିକ୍ ଭାବରେ ପରୀକ୍ଷା ପରିଚାଳନା ଏଭଳି ବହୁ ସମସ୍ୟାକୁ ନେଇ ଏହାର ସମାଧାନ ଦିଗରେ କାର୍ଯ୍ୟ କରିବ ଓଡିଶା ଇଞ୍ଜିନିୟରିଂ ଛାତ୍ର ସଂଘ । ଏହାସହ ରାଜ୍ୟ ସରକାରଙ୍କ ପାଖରେ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀ ମାନଙ୍କ ଗୁଣାତ୍ମକ ବିକାଶ ପାଇଁ ଆବଶ୍ୟକ ପ୍ରସ୍ତାବ ରଖିବା ସହ ସମାଧାନ କରିବା ଦିଗରେ ରାଜ୍ୟ ସରକାର, ବୈଷୟିକ ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ସେତୁ ସଦୃଶ କର୍ଯ୍ୟ କରିବ ଏହି ଛାତ୍ର ସଂଘ ।

ଏହି ଅବସରରେ ଓଡିଶା ଇଞ୍ଜିନିୟରିଂ ଛାତ୍ର ସଂଘର ଆବାହକ ସୁମନ କୁମାର ସାହୁ, ସହ ଆବାହକ ରାଜେଶ ପାଣି, ଉପଦେଷ୍ଟା ଗୋପାଳ କୃଷ୍ଣ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ସୌମିକ ଘୋଷ, ସୌମ୍ୟ ରଞ୍ଜନ ପ୍ରଧାନ,ଅଭିନାଶ ସ୍ୱାଇଁ, ଆଶୁତୋଷ ସ୍ୱାଇଁ ସମେତ ବିଭିନ୍ନ ଇଞ୍ଜିନିୟରିଂ କଲେଜର ଛାତ୍ର ନେତା ଦୀପ୍ତି ପ୍ରସାଦ ରାଉତ, ଆର୍ଯ୍ୟନ ଦାସ, ଅଭିଷେକ ଖିଲାର, ସତ୍ୟଶ୍ରୀ ପରିବର୍ତ୍ତନ, ସତ୍ୟଜିତ ସ୍ୱାଇଁ, ବିଭୁ ପ୍ରସାଦ ସାମଲ, ଅନ୍ୱେଷ ନାଥ, ବିଶ୍ୱଜିତ ନାୟକ, ସୋମ ଜେନା, ଧନେଶ୍ୱର ବେହେରା,ସୌମ୍ୟ ରଞ୍ଜନ ନାୟକ, ପ୍ରତ୍ୟୁଷ ରାଉତ, ପ୍ରିୟବ୍ରତ ପ୍ରଧାନ ଏବଂ ବହୁ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବଜ୍ରପାତ ନେଲା ଚାଷୀଙ୍କ ଜୀବନ

ଚୌଦ୍ୱାର,(ସବ୍ୟୁ): ସୋମବାର ଅପରାହ୍ଣରେ ହଠାତ୍ ବଜ୍ରପାତ ଘଟି ଜଣେ ଚାଷୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୧୨ନମ୍ବର ୱାର୍ଡ଼ ଅନ୍ତର୍ଗତ ବୁଢ଼ାଲିଙ୍ଗର ସଂଜୟ ନାଥ (୪୩) । ପ୍ରକାଶଯେ ସଂଜୟ ସୋମବାର ଅପରାହ୍ଣରେ ଆଗ୍ରାହାଟ ପଞ୍ଚାୟତ ଅଧିନ କୁଜିବର ଗ୍ରାମ ନିକଟରେ ନିଜ ଜମିରେ ଧାନତଳି ପକାଇବା କାମ କରୁଥିବାବେଳେ ହଠାତ୍ ଘନଘନ ବଜ୍ରପାତ ହୋଇଥିଲା । ତାଙ୍କ ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।ଖବରପାଇ ତାଙ୍କ ପରିବାର ଲୋକେ ଏବଂ ପାଖ ପଡ଼ୋଶୀମାନେ ତାଙ୍କ ପାଖରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ । ପୁଲିସ ଶବକୁ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।ମୃତ ସଂଜୟ ଅତି ଗରିବ ଶ୍ରେଣୀର ଏବଂ ତାଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି । ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବା ମୃତ ସନ୍ତୋଷଙ୍କ ପରିବାରକୁ ଉପଯୁକ୍ତ କ୍ଷତି ପୂରଣ ଦେବାପାଇଁ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କ ନିକଟରେ ଦାବି କରା ଯାଇଛି ।

### ୬୫ଲକ୍ଷ ୭୩ ହଜାର ୬୩୩ଟି ଗାଡ଼ିର ବୀମା ବୈଧ ନାହିଁ

## ଟୋଲଗେଟ୍‌ରେ ହେବ କଡ଼ାକଡ଼ି ଯାଞ୍ଚ, ନିୟମ ନ ମାନିଲେ ଗାଡ଼ି ହେବ ଜବତ

କଟକ,(ସବ୍ୟୁ):ରାଜ୍ୟରେ ଚଳାଚଳ କରୁଥିବା ବହୁ ସଂଖ୍ୟକ ଯାନବାହନର ବୈଧ ବୀମା ନଥିବା ପ୍ରସଙ୍ଗରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୋଟର ଯାନ ନିୟମାବଳୀର ସମ୍ପୂର୍ଣ୍ଣ କାର୍ଯ୍ୟକାରୀତା ସୁନିଶ୍ଚିତ କରିବା ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ପ୍ରଦର୍ଶନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦିଆଯାଇଛି। ଏହିକ୍ରମରେ ଇ-ଡିଟେକ୍ସନ ମାଧ୍ୟମରେ ରାଜ୍ୟର ସମସ୍ତ ଟୋଲଗେଟ୍ ଦେଇ ଯାତାୟାତ କରୁଥିବା ଯାନବାହନର ବୈଧ ବୀମା, ଫିଟନେସ୍, ପ୍ରଦୂଷଣ ପ୍ରମାଣପତ୍ର ଇତ୍ୟାଦି କାଗଜପତ୍ର ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ କରାଯିବ। ଯେଉଁ ଗାଡ଼ିଗୁଡ଼ିକର ବୈଧ କାଗଜପତ୍ର ନଥିବ, ସେଗୁଡ଼ିକ ବିରୋଧରେ ସଙ୍ଗେ ସଙ୍ଗେ ଇ-ଚାଲାଣ ଜାରି କରାଯିବ ଏବଂ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ସ୍ୱରୂପ ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ ଓ ଗାଡ଼ିଗୁଡ଼ିକୁ ଜବତ କରିବାକୁ ପଦକ୍ଷେପ ନିଆଯିବ।

ଏଠାରେ ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧,୦୧,୪୧,୯୫୧ ଟି ଯାନବାହନ ମଧ୍ୟରୁ ମାତ୍ର ୩୫,୬୮,୩୧୮ ଟି ଗାଡ଼ିର ବୈଧ ବୀମା ରହିଥିବା ବେଳେ ୬୫,୭୩,୬୩୩ଟି ଗାଡ଼ିର ବୀମା ବୈଧ ନାହିଁ। ଏହାକୁ ଦୃଷ୍ଟିରେ ରଖି ଆରଟିଓ ସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ସହ ଏନଫୋର୍ସମେଣ୍ଟ ବୃଦ୍ଧି କରିବାକୁ କୁହାଯାଇଛି।ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ଯଥାସମ୍ଭବ ଉଚିତ୍ କ୍ଷତିପୂରଣ ସୁନିଶ୍ଚିତ କରିବା ପାଇଁ ବୈଧ ବୀମା ଅତ୍ୟନ୍ତ ଜରୁରୀ ହୋଇଥାଏ। ତେଣୁ ଏଭଳି ନିୟମ ଉଲ୍ଲଙ୍ଘନକାରୀ ନିଜ ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛନ୍ତି।

ମୋଟର ଯାନରେ ବୀମାର ଗୁରୁତ୍ୱକୁ ବିଚାର କରି ମାନ୍ୟବର ସୁପ୍ରିମକୋର୍ଟ ନିକଟରେ ମତ ଦେଇଛନ୍ତି ଯେ, ଯେଉଁ ଗାଡ଼ିର ବୈଧ ବୀମା ନଥିବ, ତାକୁ ପେଟ୍ରୋଲ/ଡିଜେଲ ଦିଆଯିବ ନାହିଁ। ଏହି ନିୟମକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରିବା ପାଇଁ ମଧ୍ୟ ମାନ୍ୟବର ସୁପ୍ରିମକୋର୍ଟ କହିଛନ୍ତି। ତେଣୁ ସମସ୍ତ ଗାଡ଼ି ମାଲିକ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ଞ୍ଚିବା ସହ ସମାଜ ପ୍ରତି ନିଜର ଦାୟିତ୍ୱ ବୁଝି ତୁରନ୍ତ ନିଜ ଯାନର ବୈଧ ବୀମା, ପ୍ରଦୂଷଣ ପ୍ରମାଣପତ୍ର ଇତ୍ୟାଦି ନବୀକରଣ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ରାଜ୍ୟସ୍ତରୀୟ ସମାରୋହରେ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

## ଜିଲ୍ଲାୱାରୀ ମନ୍ତ୍ରୀଙ୍କୁ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବ୍ୟାପୀ ଆୟୋଜନ ହେବ ସ୍ୱାଧୀନତା ଦିବସ ସମାରୋହ । ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିବେ । ଏନେଇ ସରକାରଙ୍କ ପକ୍ଷରୁ ଜିଲ୍ଲାୱାରୀ କାର୍ଯ୍ୟକ୍ରମ ଓ ଦାୟିତ୍ୱ ବଣ୍ଟନ କରାଯାଇଛି ।

ରାଜ୍ୟର ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ମନ୍ତ୍ରୀମାନେ ଯୋଗଦେଇ ପତାକା ଉତ୍ତୋଳନ କରିବେ । କଳାହାଣ୍ଡିରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ସୁନ୍ଦରଗଡ଼ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ । ସେହିପରି କଟକରେ ମନ୍ତ୍ରୀ ସୁରେଶ ପୂଜାରୀ, ଅନୁଗୁଳରେ ମନ୍ତ୍ରୀ ରବି ନାରାୟଣ ନାଏକ, ମାଲକାନଗିରିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ବଲପୁରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଞ୍ଜାମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାୟଗଡ଼ାରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ । ଏହାସହ କନ୍ଧମାଳରେ ମନ୍ତ୍ରୀ ବିଭୂତି ଜେନା, ଖୋର୍ଦ୍ଧାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଏବଂ ବଲାଙ୍ଗୀରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଉତ୍ତୋଳନ କରିବେ ।

### ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସହ ବିଧାୟକଙ୍କ ବୈଠକ

## ଭାଗ ଚାଷୀଙ୍କ କ୍ଷେତ୍ରରେ ଜମି ମାଲିକଙ୍କ ସମ୍ମତି ଆବଶ୍ୟକ

ଭୁବନେଶ୍ୱର(ସବ୍ୟୁ): ଖରିଫ ଋତୁ ୨୦୨୬-୨୭ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଚାଷୀ ସାମିଲ ହେବା ନିମନ୍ତେ ସରକାର ବିଶେଷ ଧ୍ୟାନ ଦେଇଛନ୍ତି । ଏଥିନିମନ୍ତେ ଜାରି ଥିବା ପଞ୍ଜୀକରଣ ପ୍ରକ୍ରିୟାରେ ଚାଷୀମାନେ ସହଜରେ ସାମିଲ ହୋଇପାରିବେ ଏହା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି ।

ସେହିପରି ଭାଗ ଚାଷୀ ମାନଙ୍କ କ୍ଷେତ୍ରରେ ଜମି ମାଲିକଙ୍କ ସମ୍ମତି ଆବଶ୍ୟକ ଥିବା ବେଳେ ଦୂରରେ ରହୁଥିବା ଜମି ମାଲିକମାନେ ସ୍ୱତନ୍ତ୍ର ଆପ ମାଧ୍ୟମରେ ସେମାନଙ୍କ ସମ୍ମତି ପ୍ରଦାନ କରିପାରିବେ । ଚଳିତମାସ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଷମାନେ ପଞ୍ଜୀକରଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

ଏହି ବୈଠକରେ ପଶ୍ଚିମ ଓଡିଶା ତଥା ସମ୍ବଲପୁର,ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାର ମାନ୍ୟବର ବିଧାୟକମାନେ ଯୋଗ ଦେଇଥିଲେ । ଖରିଫ ଋତୁରେ ଧାନ ବିକ୍ରୟକୁ ନେଇ ପଞ୍ଜୀକରଣ ଉପରେ ଚାଷୀମାନଙ୍କ ମଧ୍ୟରେ ଥିବା ସଂଶୟ ସମ୍ପର୍କରେ ବିଧାୟକମାନେ ଆଲୋଚନା କରିଥିଲେ । ବିଶେଷ କରି ଆଗ୍ରିଷ୍ଟାକ ପଞ୍ଜୀକରଣକୁ ନେଇ ଚାଷୀମାନେ କୌଣସି ଦ୍ୱନ୍ଦରେ ନରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ଆଗ୍ରିଷ୍ଟାକ ବାଧ୍ୟତାମୂଳକ ନୁହେଁ । ଏହାଦ୍ୱାରା କୌଣସି ଚାଷୀ



ପଞ୍ଜୀକରଣରୁ ବାଦ ପଡିବେ ନାହିଁ । ସମସ୍ତ କୃଷକମାନଙ୍କର ପଞ୍ଜୀକରଣ କରାଯିବା ସହ ଚାଷୀମାନଙ୍କୁ ଟୋକନ ମିଳିବ । କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର କାର୍ଯ୍ୟ କରୁଥିବା ମନ୍ତ୍ରୀ କହିଛନ୍ତି ।

### ବାଇକ୍ ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ

## ଚୋର ସମେତ କବାଡ଼ିଆ ଗିରଫ: ୭ବାଇକ୍ ଜବତ

କଟକ,(ସବ୍ୟୁ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରୁ କ୍ରମାଗତ ଭାବେ ବାଇକ୍ ଚୋରି ହେଉଥିବା ଘଟଣାରେ ମଙ୍ଗଳାବାଗ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା । ହସ୍ପିଟାଲ ପାର୍କିଂ ଜୋନରୁ ବ୍ୟାପକ ସଂଖ୍ୟାରେ ମୋଟରସାଇକେଲ୍ ଲୁଟ କରୁଥିବା ଏକ ଅନ୍ତଃଜିଲ୍ଲା ସଂଗଠିତ ବାଇକ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରାଯାଇଛି । ଏହି ଘଟଣାରେ ପୁଲିସ ଜଣେ ପେସାଦାର ବାଇକ ଚୋର ଏବଂ ତା' ଠାରୁ ଚୋରା ଗାଡ଼ି କିଣି କାଟି ବିକ୍ରି କରୁଥିବା ଜଣେ କବାଡ଼ିଆ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ନୂଆ ଗୋବିନ୍ଦପୁର ଗ୍ରାମର ମାନସ ରଞ୍ଜନ ପାଳ (୩୫) ଏବଂ ଶୀତଳେଶ୍ୱର ଗ୍ରାମର ପୀତାମ୍ବର ବେହେରା ଓରଫ୍ କବାଡ଼ିଆ (୪୫) ।ପୁଲିସ ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୭ଟି ଚୋରା ମୋଟରସାଇକେଲ, ଗୋଟିଏ ସ୍କୁଟି ଏବଂ ବହୁ ସଂଖ୍ୟାରେ କଟା ଯାଇଥିବା ଗାଡ଼ିର ଯନ୍ତ୍ରାଂଶ ଜବତ କରିଛି । ଗତ ଅଗଷ୍ଟ ୭ ତାରିଖ ଦିନ ଶେଖ ନଜ୍‌ମୁଲ ଜାମ୍ମା ନାମକ ଜଣେ ବ୍ୟକ୍ତି ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ପାର୍କିଂ ସ୍ଥଳରେ ନିଜର ହୋଣ୍ଡା ୟୁନିକର୍ଣ୍ଣ ମୋଟରସାଇକେଲ ରଖି ଭିତରକୁ ଯାଇଥିଲେ । ମାତ୍ର କିଛି ସମୟ ପରେ ଫେରି ଦେଖିଲା ବେଳକୁ ଗାଡ଼ିଟି ଗାଏବ ହୋଇଯାଇଥିଲା । ଏ ନେଇ ସେ ତୁରନ୍ତ ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

### ବିଲ୍ଡରଙ୍କ ଘରୁ ଲୁଟ୍ ମାମଲା

## ଚୋର ଖସିଗଲା, ହୋଟେଲରୁ ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ବିଲ୍ଡରଙ୍କ ଘରୁ ଲୁଟ୍ ହୋଇଥିବା ଗହଣା ପୋଲିସ ତାମିଲନାଡୁ ନେଲୋରର ଏକ ହୋଟେଲରୁ ଜବତ କରିଥିବା ବେଳେ ଲୁଟେରା ସେଠାରୁ ଖସିଯିବାରେ ସମର୍ଥ ହୋଇଥିଲା ବୋଲି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ । ଜବତ ଗହଣା ବିଲ୍ଡରଙ୍କୁ ହସ୍ତାନ୍ତର କରାଯାଇଛି ।

ଉତ୍ତରାଖଣ୍ଡର ମନୋଜ ସିଂ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ବିଲ୍ଡର ପ୍ରିତମ କୁମାର ଜେନାଙ୍କ ଘରୁ ଜୁଲାଇ ୩୧ ତାରିଖ ରାତିରେ ଗହଣା ଓ ନଗଦ ଟଙ୍କା ଲୁଟ୍ କରିଥିଲା । ଘରେ ତାଙ୍କର କେହି ନଥିବା ବେଳେ ଘରେ ଜଗିଥିବା ରୋବର୍ଟଙ୍କୁ ନିଶ୍ଚେତ କରି ମନୋଜ ଲୁଟ୍‌ପାଟ କରିବାରେ ସମର୍ଥ ହୋଇଥିଲା । ଲକ୍ଷ୍ମୀସାଗର ଥାନାରେ ଏତଲା ହେବା ପରେ ତଦନ୍ତ ପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଥିଲା । ଲୁଟେରା ମନୋଜକୁ ଚିହ୍ନଟ କରାଯିବା ପରେ ତାକୁ ପିଛା କରିଥିଲେ ବିଭିନ୍ନ ଟିମ୍ । ଭାରତର ବହୁ ରାଜ୍ୟରେ ଖୋଜଖବର କରିବା ପରେ ତାମିଲନାଡୁ ହୋଟେଲରୁ



ଗହଣା ଜବତ ହେଲା । ଜବତ ହୋଇଥିବା ଗହଣାଗୁଡିକ ହେଲା ସୁନାହାର, ହୀରାହାର, ହୀରାମୁଦି, ହୀରା କାନ ରିଂ, ହୀରା ନାକ ଗହଣା, ସୁନାଚେନ, ସୁନା ଜଗନ୍ନାଥ ମୂର୍ତ୍ତି, ସୁନା- ହୀରା ପେଣ୍ଡେଣ୍ଟ ଓ ୧୫ ହଜାର ଟଙ୍କା ପୋଲିସ ଜବତ କରିବାରେ ସମର୍ଥ ହୋଇଥିବା ବେଳେ ଛାତ ଡେଇଁ ଲୁଟେରା ମନୋଜ ଖସିଗଲା ବୋଲି ପୋଲିସ କମିଶନର କହିଛନ୍ତି ।

ମନୋଜ ରାଞ୍ଚିରୁ ଆସି କିଛିଦିନ ପୁରୀର ଏକ ହୋଟେଲରେ ରହିଥିଲା । ସେଠାରୁ ବ୍ରହ୍ମପୁର, ଗିରିଶୋଳା, ଆନ୍ଧ୍ର କାକିନାଡା, ବିଜୟୱାଡା, ବିଜୟନଗରମ୍ ପ୍ରଭୃତି ସ୍ଥାନକୁ ପୋଲିସ ଟିମ୍ ପିଛା କରି ଯିବା ପରେ ତାମିଲନାଡୁ ନେଲୋରର ହୋଟେଲରେ ଥିବା ପୋଲିସ ଟିମ୍ ଜାଣିବା ପରେ ସତର୍କତା ସହ ହୋଟେଲରେ ଚଢାଉ କରିଥିଲା । ହୋଟେଲ ରୁମ୍ ଭିତରପଟରୁ ବନ୍ଦ ଥିବାରୁ ପୋଲିସ ସେଠିକା ପୋଲିସ ସହାୟତାରେ କବାଟ ଭାଙ୍ଗି ରୁମ୍ ଭିତରକୁ ଗଲା । କବାଟ ଭଙ୍ଗାଯିବା ଲୁଟେରା ମନୋଜ ଜାଣିବା ପରେ ରୁମ୍‌ର ପଛପାର୍ଶ୍ୱ ଛାତରୁ ଖସି ସେ ଚମ୍ପଟ ହେବାରେ ସମର୍ଥ ହୋଇଥିଲା ।

ରୁମ୍ ଭିତରେ ଛାଡିଯାଇଥିବା ଗହଣା, ଦୁଇଟି ମୋବାଇଲ ଫୋନ୍ ଓ ଟଙ୍କା ପ୍ରଭୃତି ପୋଲିସ ଜବତ କରି ତାମିଲନାଡୁରୁ ଫେରିଲା । ପୋଲିସ କମିଶନରଙ୍କ କହିବା କଥା ବିଲ୍ଡର ପ୍ରିତମ୍ କୁମାର ଜେନାଙ୍କ ଘରୁ ଲୁଟ୍ କରିଥିବା ଲୁଟେରା ଚିହ୍ନଟ ହୋଇଥିବାରୁ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ । ମନୋଜ ନାଁରେ ଭାରତର ବିଭିନ୍ନ ରାଜ୍ୟରେ ୧୯ଟି ମାମଲା ପଞ୍ଜୀକୃତ ରହିଛି । ସେ ଗୋଆ ଜେଲରୁ ମୁକୁଳିବା ପରେ ଭୁବନେଶ୍ୱର ଆସି ଲୁଟ୍‌ପାଟ କରିଥିଲା । ମନୋଜକୁ ଗିରଫ କରିବା ପାଇଁ କମିଶନରେଟ୍ ପୋଲିସ ଛାନ୍‌ଭିନ୍ ଜାରି ରଖିଛି ।

### କଂଗ୍ରେସ ନେତାଙ୍କ ନାଁରେ ଟଙ୍କା ଆଦାୟ କରୁଥିବା ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସ ନେତାଙ୍କ ନାଁରେ ଟଙ୍କା ଆଦାୟ କରୁଥିବା ଅଭିଯୁକ୍ତ ଜଗନ୍ନାଥ ମଣ୍ଡଳକୁ ଭୁବନେଶ୍ୱରରୁ ଗିରଫ କରିଛି ବେଙ୍ଗାଲୁରୁ ସାଇବର ଥାନା ପୋଲିସ । ଜଗନ୍ନାଥ ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବା ବେଳେ ସେ ବେଙ୍ଗାଲୁରୁରେ ରୁହେ । ସୋସିଆଲ ମିଡିଆରେ ନିଜକୁ ବେଙ୍ଗାଲୁରୁ କଂଗ୍ରେସ ନେତାଙ୍କ ବ୍ୟକ୍ତିଗତ ସହାୟକ ପରିଚୟ ଦେଇ ଟଙ୍କା ଆଦାୟ କରୁଥିବା ସାଇବର ଥାନାରେ ଅଭିଯୋଗ ହୋଇଥିଲା । ବେଙ୍ଗାଲୁରୁ ସାଇବର ଥାନା ପୋଲିସ ଖୋଜଖବର କରିବାରୁ ଜଗନ୍ନାଥ ଖସିଆସି ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହିରେ ଲୁଚିଥିବା ତଦନ୍ତକାରୀ ପୋଲିସ ଟିମ୍ ଜାଣିବା ପରେ ମୈତ୍ରୀବିହାର ଥାନା ପୋଲିସ ସହାୟତାରେ ତାକୁ ସୋମବାର ଗିରଫ କରି ବେଙ୍ଗାଲୁରୁ ନେଇଛି । ଜଗନ୍ନାଥ କଂଗ୍ରେସ ନେତାଙ୍କ ନାଁରେ କେତେ ଟଙ୍କା ଆଦାୟ କରିଛି ତାହା ସ୍ପଷ୍ଟ ଜଣାପଡିନାହିଁ ।

## ୨୬ଲକ୍ଷର ବ୍ରାଉନସୁଗର ଜବତ, ବିକ୍ରେତା ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସର ସ୍ୱେଶାଲ କ୍ରାଇମ୍‌ୟୁନିଟ୍ ଲକ୍ଷ୍ମୀସାଗର ଥାନା ଅଞ୍ଚଳ ହଳଦିପଡିଆ ନିକଟ ଏକ ପଡିଆରେ ଚଢାଉ କରି ବ୍ରାଉନସୁଗର ବିକ୍ରେତା ଜାକିରୁଲ୍ ଇସ୍‌ଲାମ (୩୨)କୁ ଗିରଫ କରିବା ସହ ତା'ନିକଟରୁ ୨୬୩ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଜବତ ବ୍ରାଉନସୁଗରର ମୂଲ୍ୟ ୨୬.୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି । ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲା ଲାଲଗୁଲ୍ଲା ଥାନା ଅନ୍ତର୍ଗତ ସାହାବାଦ ଗ୍ରାମରେ ବ୍ରାଉନସୁଗର ବିକ୍ରେତା ଜାକିରୁଲ୍‌ର ଘର । ସେ ସେହି ଅଞ୍ଚଳରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରର ବିଭିନ୍ନ ବ୍ୟବସାୟୀଙ୍କୁ ଯୋଗାଇଥାଏ । ଏ ସମ୍ପର୍କରେ ସ୍ୱେଶାଲ କ୍ରାଇମ୍‌ୟୁନିଟ୍ ଖବର ପାଇ



ସତର୍କତା ସହ ହଳଦିପଡିଆ ନିକଟରୁ ତାକୁ ଗିରଫ କରିବାରେ ସମର୍ଥ ହେଲା । ପୋଲିସ କମିଶନରଙ୍କ କହିବାନୁଯାୟୀ ଚଳିତ ବର୍ଷ ୮୭କେଜି ଗଞ୍ଜେଇ, ୯୧୩ ଗ୍ରାମ୍ ବ୍ରାଉନସୁଗର ଜବତ କଲାଣି କମିଶନରେଟ୍ ପୋଲିସ । ଓଡ଼ିଶା ନିଶାମୁକ୍ତ ଅଭିଯାନରେ ସାରଥି ସାଜି କମିଶନରେଟ୍ ପୋଲିସ ନିଭଶା ମାଫିଆଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଛାନ୍‌ଭିନ୍ କରିବା ଜାରି ରଖିଛି । ଜାକିରୁଲ୍ ଠାରୁ ବ୍ରାଉନସୁଗର କାରବାର ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବା ପରେ ତାକୁ ସୋମବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

ପ୍ରୟାଣର ୧୧ତମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...



ପଦ୍ମିନୀ ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୧୧.୦୮.୨୦୨୬ (ମଙ୍ଗଳବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ନ ୧୧:୩୦ ଘଟିକା
ସ୍ଥାନ : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ : ସଂଧ୍ୟା ୭:୦୦ ଘଟିକା
ସ୍ଥାନ : ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

SRI DURGA CONDEV PVT. LTD.
DRIEMS UNIVERSITY
PADMINI care
PRAMOD HOTELS & RESORTS





ଶ୍ରାବଣ ମାସର ଦ୍ୱିତୀୟ ସୋମବାର : ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ କାଉଡିଆମାନଙ୍କର ଜଳାଭିଷେକ

# ଅଧ୍ୟାପିକାଙ୍କ ସୁନା ଗହଣା ଲୁଟ

କାକଟପୁର ,(ସବ୍ୟୁ): କାକଟପୁର ଅଞ୍ଚଳର ଜଣେ ଅବସରପ୍ରାପ୍ତ ଅଧ୍ୟାପିକାଙ୍କଠାରୁ ଦୁର୍ବୃତ୍ତମାନେ ଦୁଇ ଭରିରୁ ଅଧିକ ଓଜନର ସୁନା ଗହଣା ଝାମ୍ପି ନେଇ ଚମ୍ପଟ ମାରିଛନ୍ତି । ସୋମବାର ସକାଳ ପ୍ରାୟ ୮ଟାରେ କାକଟପୁର ପ୍ରାଚୀ ବିହାର ନିକଟସ୍ଥ ନୂତନ ଭାବେ ନିର୍ମିତ ହେଉଥିବା ପାର୍କ ନିକଟରେ ଏହି ଅଘଟଣ ଘଟିଛି । ଅବସରପ୍ରାପ୍ତ ଅଧ୍ୟାପିକା ଚୌଧୁରୀ ସନ୍ଧ୍ୟାରାଣୀ ଦାସ ସକାଳେ ପ୍ରାତ ଭ୍ରମଣ କରୁଥିବା ସମୟରେ ଏକ କଳା ରଙ୍ଗର ପଲସର ରେ ଦୁଇଜଣ ଅଜଣା ଯୁବକ ମୁହଁରେ ରୁମାଲ ବାନ୍ଧି ଆସିଥିଲେ ।ସେମାନେ ଅଧ୍ୟାପିକାଙ୍କୁ ରାସ୍ତା ପଚାରିବା ବାହାନାରେ ନିକଟତର ହୋଇଥିଲେ ଏବଂ ଅଚାନକ ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇ କ୍ଷିପ୍ର ଗତିରେ ଫେରାର୍ ହୋଇଯାଇଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ଅଧ୍ୟାପିକା ଜଣକ ରାସ୍ତାରେ ପଡ଼ିଯାଇ ଆହାତ ହୋଇଛନ୍ତି ।ଏ ନେଇ ପୀଡ଼ିତା କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଘଟଣାକୁ ଗୁରୁତ୍ୱର ଶହ ନେଇ ବିଭିନ୍ନ ସ୍ଥାନ ମାନଙ୍କରେ ଚଢ଼ାଉ ଜାରୀ ରଖିଛନ୍ତି । ତେବେ ଏପରି ସ୍ୱଷ୍ଟ ଦିବାଲୋକରେ ଲୁଟ ଘଟଣା ଘଟିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ମଧ୍ୟରେ ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ଅଞ୍ଚଳବାସୀ ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ବିଦ୍ୟାର୍ଥୀଙ୍କ

# ଜୈବିକ ଓ ପ୍ରୋ-ଟ୍ରେ କୃଷି ସଚେତନତା ଅଭିଯାନ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗ ଚତୁର୍ଥ ବର୍ଷ ଛାତ୍ରଛାତ୍ରୀମାନଙ୍କ ଦ୍ୱାରାରୁରାଲ୍ ଏଗ୍ରିକଲଚୁରାଲ୍ ୱାର୍କ ଏକ୍ସପେରିଏନ୍ସ



(ଆରଏଡବ୍ଲୁଇ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଶ୍ରୀ ଶ୍ରୀ ସେଣ୍ଟର ଅଫ୍ ଅର୍ଗାନିକ୍ ଫାର୍ମିଂର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟ ନିକଟସ୍ଥ କଟକିଆ ସାହି ଓ ପାର୍ଥପୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ଅଧୀନରେ ଏକ ବ୍ୟାପକ କୃଷି ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା । ଗ୍ରାମାଞ୍ଚଳରେ ଜୈବିକ ଓ ପରିବେଶ ଅନୁକୂଳ କୃଷି ପଦ୍ଧତିର ପ୍ରଚାର ଓ ପ୍ରସାର ଥିଲା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଛାତ୍ରଛାତ୍ରୀମାନେ କୃଷକ ଓ ଗ୍ରାମବାସୀମାନଙ୍କ ସହ ସିଧାସଳଖ ଆଲୋଚନା କରି ଜୈବିକ କୃଷି ଏବଂ ପ୍ରୋ-ଟ୍ରେ ମାଧ୍ୟମରେ ଚାରା ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏଥିସହ ସ୍ଥାୟୀ ଓ ପରିବେଶ ଅନୁକୂଳ କୃଷି ପ୍ରଣାଳି ଆପଣେଇବାକୁ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉକ୍ତ ଅଞ୍ଚଳରେ ଏକ ସଚେତନତା ରାଲି ମଧ୍ୟ ଆୟୋଜନ କରିଥିଲେ । ଛାତ୍ରଛାତ୍ରୀମାନେ କୃଷକ ଓ ଗ୍ରାମବାସୀଙ୍କୁ ପ୍ରୋ-ଟ୍ରେ ପ୍ରସ୍ତୁତି, ବିହନ ବୁଣିବା, ଚାରାର ଯତ୍ନ, ଜଳସେଚନ ଓ ଚାରା ରୋପଣ ଇତ୍ୟାଦି ପ୍ରକ୍ରିୟା ନେଇ ମାର୍ଗଦର୍ଶନ ସାଙ୍ଗକୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିସହ ଜୈବିକ କୃଷିର ଲାଭ ଓ ଏହାର ବ୍ୟାବହାରିକ ପ୍ରୟୋଗ ସମ୍ପର୍କରେ ମଧ୍ୟ କୃଷକମାନଙ୍କୁ ଅବଗତ କରାଯାଇଥିଲା । ଏଥିସହ ସରକାରଙ୍କ ବିଭିନ୍ନ କୃଷି ଓ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ସରକାରୀ ଯୋଜନା, ଅନୁଦାନ, କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ସହାୟତା ବିଷୟରେ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମଟି କୃଷି ସମ୍ପ୍ରସାରଣ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଶୁଭ୍ରଜ୍ୟୋତି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଅଭିଯାନକୁ ସଫଳ କରିବାରେ କୃଷି ବିଭାଗ ଡିନ୍ ପ୍ରଫେସର (ଡ.) ଏସ୍. କୁମାର ସ୍ୱାମୀ ମାର୍ଗଦର୍ଶନ କରାଇଥିଲେ । ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ କୁଳାଧ୍ୟକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର (ଡ.) ତେଜପରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ସାପ କାମୁଡାରେ ଯୁବତୀ ମୃତ

କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତ କେଶରପୁର ଗ୍ରାମର ପ୍ରମୋଦ ଜୟସିଂହଙ୍କ ଝିଅ ଲିଂରାଣୀ ଜୟସିଂହ(୨୪)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ରବିବାର ରାତିରେ ଲିଂରାଣୀ ଓ ତାଙ୍କ ମାଆ ଶୋଇଥିବା ଅବସ୍ଥାରେ ୧୧ଟା ରାତିରେ ଗୋଡ଼କୁ କଣ କାମୁଡ଼ିଦେଲା ବୋଲି ଝିଅ ଲିଂରାଣୀ ମାଆକୁ କହିଥିଲା ।ସଙ୍ଗେ ସଙ୍ଗେ ଲାଇଟ ଲଗେଇ ଦେଖିବା ବେଳକୁ ଘରେ ଏକ ବିଷଧର ସାପ ଶୋଇଛି ।ସଙ୍ଗେ ସଙ୍ଗେ ପରିବାର ଲୋକେ ବାଇକ ଯୋଗେ ଝିଅକୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ।ସେଠାରେଝିଅର ଅବସ୍ଥା ବେଳକୁ ବେଳ ଗୁରୁତର ହେବାରୁ ଶେଷରେ ଡାକ୍ତର ଜଣକ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ ।

# କିମ୍ସରେ ଅସ୍ଥି ଓ ଗଣ୍ଠି ସପ୍ତାହ ପାଳିତ

ଭୁବନେଶ୍ୱର, (ସବ୍ୟୁ): 'ସୁସ୍ଥ ଅସ୍ଥି, ସୁସ୍ଥ ଗଣ୍ଠି ହିଁ ଉନ୍ନତ ଜୀବନର ଆଧାର – ସୁଦୃଢ଼ ଭାରତ' ବିଷୟବସ୍ତୁକୁ ନେଇ କିମସ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଅଗଷ୍ଟ ୩ରୁ ୮ ତାରିଖ ପର୍ଯ୍ୟନ୍ତ ୧୫ତମ ଅସ୍ଥି ଓ ଗଣ୍ଠି ସପ୍ତାହ ପାଳିତ ହୋଇଯାଇଛି । ଇଣ୍ଡିଆନ୍ ଅର୍ଥୋପେଡିକ୍ ଆସୋସିଏସନ୍ ଏବଂ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ଆହ୍ୱାନ କ୍ରମେ ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କିମସରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଏଥିରେ ଶିଶୁମାନଙ୍କର ବିକାଶଜନିତ ବିକୃତି ଚିହ୍ନଟ ପାଇଁ ସ୍କ୍ରିନିଂ, ଅଷ୍ଟିଓପୋରୋସିସ୍ ବା ଅସ୍ଥିକ୍ଷୟ ଚିହ୍ନଟ, ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ପଡ଼ିଯିବା ରୋକିବା, ପିଠି ଯନ୍ତ୍ରଣା ଏଡ଼ାଇବା ପାଇଁ ସଠିକ୍ ଶାରୀରିକ ଭଙ୍ଗୀ ବଜାୟରଖିବା ଏବଂ କାର୍ଯ୍ୟସ୍ଥଳ ଓ ରାସ୍ତାରେ ଆଘାତଜନିତ ଦୁର୍ଘଟଣାକୁ ରୋକିବା ଭଳି ବିଭିନ୍ନ ବିଷୟ ସାମିଲ ଥିଲା । ଉତ୍ତମ ରୋଗୀସେବା ପାଇଁ ଡାକ୍ତରମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାର ଗୁରୁତ୍ୱ



ଉପରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା ।

ଅଗଷ୍ଟ ୫ ଓ ୬ ତାରିଖରେ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ସଭପତି ଡା. ବସନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଡା. ଦିବ୍ୟ ସାହୁ ଓ ଡା. ବିଭୁଦତ୍ତ ସାହୁଙ୍କୁ ନେଇ ଗଠିତ ଏକ ଟିମ୍ କିସ୍ ପରିଦର୍ଶନ କରିଥିଲେ । ସେଠାରେ ମୋଟ ୧,୨୩୫ ଜଣ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅଗଷ୍ଟ ୬ ତାରିଖରେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ମାନସିକ ଚାପ ପରିଚାଳନା ଓ ସାମଗ୍ରିକ ସୁସ୍ଥତା ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା । କିମସ ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଡା. ଦେବାଶିଷ ମିଶ୍ର, ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ସଂପାଦକ ଡା. ସତ୍ୟ ପାତ୍ର ଏବଂ ମନସ୍ତତ୍ତ୍ୱ ବିଶେଷଜ୍ଞ ଡା. ପାତ୍ରଜୋଶୀ ଏଥିରେ ବକ୍ତବ୍ୟ ରଖିଥିଲେ । ସେହି ଦିନ ପ୍ରାୟ ୭୦ ଜଣ ବରିଷ୍ଠ ନାଗରିକ ଓ ରୋଗୀଙ୍କ ସହାୟକଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ଡା. ଅମ୍ଳାନ ଦାସ ଘରେ ପଡ଼ିଯିବା ଭଳି ଦୁର୍ଘଟଣାକୁ ରୋକିବା ସହ ପିଠି ସମ୍ବନ୍ଧୀୟ ସମସ୍ୟା ଏଡ଼ାଇବା ପାଇଁ ସଠିକ୍ ଶାରୀରିକ ଭଙ୍ଗୀ ବଜାୟ ରଖିବା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଅଗଷ୍ଟ ୭ ତାରିଖରେ କିମସ ଅସ୍ଥିଶଲ୍ୟ ବିଭାଗ ବହିର୍ବିଭାଗରେ ଏକ ମାଗଣା ବୋନ୍ ମିନେରାଲ୍ ଡେନ୍ସିଟି ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ପ୍ରାୟ ୮୦ ଜଣଙ୍କର ଶରୀର ପରୀକ୍ଷା କରାଯାଇ ଅସ୍ଥିକ୍ଷୟ ରୋଗକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବାର ସୁଯୋଗ ମିଳିଥିଲା

# ଆସ ଶୈଳଶ୍ରୀ ବିହାରକୁ ସମ୍ପୂର୍ଣ୍ଣ କଂକ୍ରିଟ ବନାନୀ ବନାଇବା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ହକ୍ଷଉସିଂ କଲୋନୀ, ଚନ୍ଦ୍ରଶେଖର ପୁର ଅଂଚଳରେ ଥିବା ଆବାସିକ କଲୋନୀ, ଶୈଳଶ୍ରୀ ବିହାର, ବିଗତ ୩୦ ବର୍ଷ ରୁ ଉର୍ଦ୍ଧ ରାଜ୍ୟ ଆବାସିକ ଗୃହ ନିର୍ମାଣ କରାଯାଇ ଥିବା, କଲୋନୀ ଭିତରୁ ଅନ୍ୟତମ । ଏହି କଲୋନୀ ଗଢିବା ସମୟ ରୁ ଏହାର ଚାରିପଟେ, ସବୁଜ କରିଡର ଭାବରେ ଡିମାରକେସନ ହୋଇ, ଆବାସିକ କଲୋନୀ ର ସୁରକ୍ଷା ସହିତ ସବୁଜିମା କରିଡର, ଭାବରେ ଆବାସିକ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା , ଯାହାକି ରାଜ୍ୟ ଗୃହ ନିର୍ମାଣ ବୋର୍ଡ ର ଶୈଳଶ୍ରୀ ନକ୍ସାରେ ଏବେ ବି ରହିଛି । ଯେଉଁ ସବୁଜ ବନାନୀ ଥିଲା, ସେହି ଅଂଚଳରେ ପାଇଥିବା ଗୃହ କ୍ରେତା ତାକୁ, ସୁରକ୍ଷାଦେଇ ପରିବେଶ କୁ ସବୁଜ, ଗଛ ଛାଇ, ପ୍ରାକୃତିକ ବର୍ଷା ଜଳ ସଂଚୟନ, ଓ ଭୂମି କୁ ବର୍ଷା ଜଳ ରିଚାର୍ଜ କରିବା ପରି, ନିଜ ତତ୍ୱବଧାନ ଦ୍ୱାରା ସୁରକ୍ଷିତ ରାଖି ଆସିଥିଲେ । କିନ୍ତୁ ଭୁବନେଶ୍ୱର ମୁନିସିପାଲ କର୍ପୋରେସନ ହେବା ପରାଠାରୁ, ଧୀରେ ଧୀରେ, ଠିକାଦାର ଙ୍କ ସ୍ୱାର୍ଥ ପାଇଁ ବହୁ ସ୍ଥାନ. ମାନଙ୍କରୁ ସବୁଜିମା କୁ କକ୍ଷଟି, ସମସ୍ତ ଖୋଲା ଭୂମି ଗୁଡ଼ିକୁ, ଖୋଳି , ତାର ପ୍ରାକୃତିକ ଜଳ ଧାରଣାକ୍ଷ୍ୟମତା ଓ ଭୂମିର ଉର୍ବରତ କୁ ନଷ୍ଟ କରି ସିମେଣ୍ଟ ଚାଦର ବିଛାଇବା କାର୍ଯ୍ୟ ଆରଂଭ କରି, ବହୁ ସ୍ଥାନ ମାନଙ୍କରେ ପକାଇବାରେ ସଫଳ ହୋଇଛନ୍ତି କ୍ଷଆବାସିକ ଗୃହ କ୍ରେତା ଏ ସମ୍ପର୍କରେ ଅବଗତ ହେବ ପୂର୍ବରୁ, ସମସ୍ତ ଭୂମୀ ଗୁଡ଼ିକରେ ସିମେଣ୍ଟ ଚାଦର ଦ୍ୱାରା ବିଛାଇ ସାରି ଥିଲକ୍ଷ , କେବଳ, କିଛି ବୁଲା ବିକାଳୀଙ୍କୁ ସେଠାରେ ବସାଇବକ୍ଷ, ଓ ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ କରିବା ପରିତାପର ବିଷୟ । ଯେତିକିସବୁଜିମା ଘେରାସ୍ଥାନ ମଙ୍ଗଳା ମନ୍ଦିର ଠାରୁ, ତାରିଣୀମନ୍ଦୀର ପର୍ଯ୍ୟନ୍ତ ରହିଗଲା, ସେ ଗୁଡ଼ିକୁ ମଧ ରାସ୍ତା ପୂର୍ତ୍ତ ନିର୍ମାଣ ବିଭାଗର ସହଯୋଗ ଦ୍ୱାରା ଭାଙ୍ଗିବା ପାଇଁ ଅପଚେଷ୍ଟା କରିବାକ୍ଲେ କିଛି ସଚେତନ ନାଗରିକ ତଥା ଆବାସିକ ସଂଘ ବିରୋଧ ହେବାରୁ, ରୋକ ଲଗା ଯାଇ ପାରିଛି । ବିଭାଗୀୟ କର୍ତ୍ତୃପକ୍ଷ ବିଏମ ସି କୁ ମଧ୍ୟ ଲିଖିତ ଭାବେ ଅଭିଯୋଗ କରି କଂକ୍ରିଟ , ଫେବର ଟାଇଲ ନକରିବାକୁ ଅନୁରୋଧ କରାଯାଇଛି ।ସବୁଜିମା ପାଇଁ ସରକାର ଙ୍କ ସ୍ଲୋଗାନ ଏକ ପେଡ ମା କେ ନାମ ଦ୍ୱାରା, ଗଛ ପୋତାଯାଉଛି, ସ୍ୱତନ୍ତ୍ର ଭାବରେ ଏହିସବୁ ଗଛ ବଢ଼ି ଛାଇ ସୃଷ୍ଟି କରିବା ସହିତ, ରାସ୍ତା ର ଧୂଳି, ରୌଦ୍ର ଉତ୍ତପ ଓ ବହୁ ପକ୍ଷୀ ମାନଙ୍କ ଆଶ୍ରୟ ସ୍ଥଳୀ ହୋଇଛିକ୍ଷ ସରକାରୀ ଲୋକଙ୍କୁ ଏ ସବୁ ପ୍ରାକୃତିକ ଉପସ୍ଥିତି ନଦେଖି କେବଳ ଠିକାଦାର ଓ ନିଜ ଫାଇଦା ଉପରେ ଜୋର ଦେଉଛନ୍ତି । ଶୈଳଶ୍ରୀ ବିହାର ଅଂଚଳରେ ଯେତିକି ବି ଫେବର ଟାଇଲ ପଡିଛି ତାହା ରାସ୍ତା କଡର ଦୋକାନୀ ମାନଂକ ପାଇଁ ଉଦ୍ଦିଷ୍ଟ ହୋଇଛି , ଏପରିକି ବହୁତ ସ୍ଥାନ ରେ ଖାଲ ଖମା ସୃଷ୍ଟିହୋଇ ବର୍ଷା ପାଣି ଜମି ରହି ଡେଙ୍ଗୁ ବଂଶ ବୃଦ୍ଧି କରିବାକୁ ଲାଗିଛି । ଏପରି କାର୍ଯ୍ୟକୁ ଶୈଳଶ୍ରୀ ବିହାର ଆବାଶିକ ସଂଘ ସହିତ ବୁଦ୍ଧି ଯିବି ଓ ପ୍ରକୃତି ପ୍ରେମି ନିନ୍ଦା କରିଛନ୍ତି ।

## ହିମାଳୟ ବେବିକେୟାର୍ ଆରମ୍ଭ କଲା 'ମ୍ୟାଚି ମ୍ୟାଚି ପିଏଚ୍' ପ୍ରଚାର ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ହିମାଳୟ ବେବିକେୟାର୍ ଶିଶୁର ସୁକୋମଳ ତ୍ୱଚାର ପ୍ରାକୃତିକ ପିଏଚ୍ ସନ୍ତୁଳନ ସଂରକ୍ଷିତ ରଖିବାର ଗୁରୁତ୍ୱକୁ ପୁନଃ ସୁଦୃଢ଼ୀକରଣ କରିବାକୁ ଯାଇ ତାହାର ଅଧୁନାତମ ପ୍ରଚାର ଅଭିଯାନ 'ମ୍ୟାଚି ମ୍ୟାଚି' ଶୁଭାରମ୍ଭ କରିଛି । ଏହି ପ୍ରଚାର ଅଭିଯାନରେ ହିମାଳୟ ଜେଣ୍ଟଲ ବେବି ସାମ୍ପୁ, ହିମାଳୟ ଜେଣ୍ଟଲ ବେବି ୱାଶ୍, ଜେଣ୍ଟଲ ବେବି ଲୋସନ ଏବଂ ଜେଣ୍ଟଲ ବେବି କ୍ରିମ୍ ରହିଥିବା ହିମାଳୟ ବେବିକେୟାର୍ ପିଏଚ୍ ୫.୫ ଜେଣ୍ଟଲ ବର୍ଗମାଳା ଏବଂ ତ୍ୱଚାର ପ୍ରତିରୋଧକକୁ ସୁରକ୍ଷିତ କରି ତଥା ଶିଶୁର ତ୍ୱଚା ସହିତ ମେଳ ଖାଉଥିବା ପିଏଚ୍ଦ୍ୱାରା ଆର୍ଦ୍ରତାକୁ ବାନ୍ଧିରଖି ମୁଣ୍ଡ ଠାରୁ ପାଦ ଯାଏ ଶିଶୁ ଯତ୍ନରେ ସେଗୁଡିକର ଭୂମିକା ବିଷୟଗୁଡିକ ସ୍ଥାନ ପାଇଛି । ଏହି ପ୍ରଚାର ଅଭିଯାନର କେନ୍ଦ୍ରସ୍ଥଳରେ ରହିଛି ଏକ ସୁନ୍ଦର ଡିଜିଟାଲ ଚଳଚ୍ଚିତ୍ର, ଯେଉଁଥିରେ ସମ୍ପର୍କିତ ଅଭିଭାବକ ମୁହୂର୍ତ୍ତଗୁଡିକୁ ଧରି ରଖାଯାଇଛି । ଚଳଚ୍ଚିତ୍ରରେ ଜଣେ ମା' ଅତି ସ୍ନେହର ସହିତ ନିଜର ଶିଶୁକୁ ଏକ ଖାପ ଖାଉଥିବା ପୋଷାକ ପିନ୍ଧାଉଥିବା ଏବଂ ଶିଶୁ ତ୍ୱଚାର ପିଏଚ୍ ସହିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମେଳକ ପ୍ରଦର୍ଶିତ କରୁଥିବା ବିଷୟ ସ୍ଥାନ ପାଇଛି । ସାଧାରଣତଃ ଅଭିଭାବକମାନେ ପ୍ରତ୍ୟେକ ଛୋଟ ଛୋଟ ବିଷୟ ଯେଭଳି ସଠିକ୍ ଭାବରେ ମେଳ ଖାଇବ, ତାହା ଉପରେ ଦୃଷ୍ଟିନିବଦ୍ଧ କରୁଥିବାବେଳେ ଏହି ପ୍ରଚାର ଅଭିଯାନ ଶିଶୁର ତ୍ୱଚାକୁ ସୁରକ୍ଷିତ, କୋମଳ ଏବଂ ସୁସ୍ଥ ରଖିବା ନିମନ୍ତେ ତ୍ୱଚାର ପ୍ରାକୃତିକ ପିଏଚ୍ ସହିତ ମେଳ ଖାଇବା ମଧ ସମଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ମରଣ କରାଇଦେଉଛି ।

## ଦିଲ୍ଲୀ ଉତ୍କଳ ଅସ୍ମିତା ଦ୍ୱାରା

# ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ବିଂଶତମ ଶ୍ରାଦ୍ଧ ବାର୍ଷିକୀ ପାଳନ

ଭୁବନେଶ୍ୱର (ସବ୍ୟୁ): ଦିଲ୍ଲୀ ଉତ୍କଳ ଅସ୍ମିତା ଆନୁକୂଲ୍ୟରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ବିଂଶତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ଶ୍ରୀମତୀ ନିବେଦିତା ଗିରି ସଞ୍ଚାଳନ କରିଥିଲେ ଏବଂ ସଭାପତିତ୍ୱ କରିଥିଲେ ଡକ୍ଟର ଅନୀତା ପଣ୍ଡା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରବି ସେନାପତି ଜିଲ୍ଲାପାଳ ଥିବା ସମୟରେ ନନ୍ଦିନୀ ଶତପଥୀଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଅନୁଭୂତି ଓ ସ୍ମୃତିକୁ ସଭା ସମ୍ମୁଖରେ ଉପସ୍ଥାପନ କରିଥିଲେ । ବିଶିଷ୍ଟ ବକ୍ତା ଶ୍ରୀମତୀ ବାସନ୍ତୀ ମହାନ୍ତି ନନ୍ଦିନୀଙ୍କ ପରିବାର ଏବଂ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଆଲୋକପାତ କରିଥିଲେ ଏବଂ ଡକ୍ଟର ରାଧାନାଥ ବେହେରା ତାଙ୍କର ଦେଶସେବା ଓ ରାଜନୈତିକ ଅବଦାନ ବିଷୟରେ ବକ୍ତବ୍ୟ ରଖିଥିଲେ । ସଭାପତି ଡକ୍ଟର ଅନୀତା ପଣ୍ଡା ନନ୍ଦିନୀ ଶତପଥୀଙ୍କ ଜୀବନର ଅନେକ ଅଜଣା କଥା ବିଶେଷ କରି ତାଙ୍କର 'ନୀଳଖୋତା' ସମ୍ପର୍କରେ , ଯାହା ବିଷୟରେ ଅନେକେ ଅବଗତ ନ ଥିଲେ,ଆଲୋକପାତ କରିଥିଲେ ଏବଂ ତାଙ୍କର ସାହିତ୍ୟିକ ପ୍ରତିଭା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସଭାରେ ଉପସ୍ଥିତ ଶ୍ରୋତାମାନଙ୍କ ମଧ୍ୟରୁ କୁମୁଦିନୀ, ଜୟଶ୍ରୀ, ଶୈଳବାଳା, ସାଧୁଚରଣ, ମଧୁସ୍ମିତା, ସ୍ନିଗ୍ଧା, ଚିନ୍ତନ ବ୍ରହ୍ମା ପ୍ରମୁଖ ବହୁ ବ୍ୟକ୍ତି ନନ୍ଦିନୀ ଶତପଥୀଙ୍କୁ ନିଜ ନିଜ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ ।

# ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖାର କାର୍ଯ୍ୟଶାଳା

ଭୁବନେଶ୍ୱର, (ସବ୍ୟୁ): ପବିତ୍ର କାମଦା ଏକାଦଶୀ ତିଥିରେ ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖର ପୁର ଶାଖା , ଭୁବନେଶ୍ୱରର ବାର୍ଷିକ କାର୍ଯ୍ୟଶାଳା ସ୍ଥାନୀୟ ନିଳାଦ୍ରୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟଶାଳାର ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥି ବୃନ୍ଦ ଭାରତ ମାତା ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ ପରେ ପରମ୍ପରା ପ୍ରକାରେ ସାମୂହିକ ବନ୍ଦେ ମାତରଂ ଗାନ କରାଯାଇ ଥିଲା ଏବଂ ମଞ୍ଚାସୀନ ଅତିଥିମାନଙ୍କୁ ବିଧିବଦ୍ଧ ଭାବେ ଚାରାଗଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇ ଥିଲା । ପ୍ରଥମେ ଶାଖାର ଅଧ୍ୟକ୍ଷ ଦଶରଥ ନାୟକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟଶାଳାର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଏହି କାର୍ଯ୍ୟଶାଳାରେ ଯୋଗ ଦେଇ ଭାରତ ବିକାଶ ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଦର୍ଶ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ତତ୍ ପରେ ସମ୍ପର୍କ,ସେବା, ସଂସ୍କାର, ପରିବେଶ ତଥା ମହିଳା ସହଭାଗିତା ଗତିବିଧି ର ପ୍ରାନ୍ତୀୟ ଆବାହକ/ ଆବାହିକା ଯଥାକ୍ରମେ ଜିତେନ୍ଦ୍ର କୁମାର ଦାସ, ଆଶୁତୋଷ ମିଶ୍ର, ବିମଳା କାନ୍ତ ମହାନ୍ତି , ପ୍ରଫେସର ହେମନ୍ତ କୁମାର ମିଶ୍ର, ଶ୍ରୀମତୀ ବାସନ୍ତୀ ପଣ୍ଡା ପ୍ରମୁଖ ନିଜ ନିଜର କାର୍ଯ୍ୟାବଳୀ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା କରିଥିଲେ । ଶାଖା ସଚିବ ପୂର୍ଣ୍ଣ ଚନ୍ଦ୍ର ସାହୁ ସଦସ୍ୟତା ଅଭିଯାନ ଓ ଶାଖାର ଏ ଦିଗରେ ନିଆଯାଇଥିବା



ପଦକ୍ଷେପ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ମୁକ୍ତ ଚିନ୍ତନ ପରିପ୍ରେକ୍ଷୀରେ ପ୍ରଫେସର ଡି.ଡି. ମିଶ୍ର, ଦେବେନ୍ଦ୍ର ନାଥ ଦାସ ଓ ପ୍ରଦୀପ୍ତ କୁମାର ମହାରଣା ବକ୍ତବ୍ୟ ପ୍ରଦାନ କରିଥିଲେ । ମୂରଲୀଧର ଦାସ ଧନ୍ୟବାଦ ଅର୍ପଣ କରିବା ପରେ ପରେ ସାମୂହିକ ଜାତୀୟ ସଙ୍ଗୀତ ଗାନ କରାଯାଇ ସଭା ସାଙ୍ଗ କରା ଯାଇଥିଲା । କାର୍ଯ୍ୟ କର୍ମକୁ ମାର୍ଜିତ ଢଙ୍ଗରେ ପରିଚାଳନା କରିଥିଲେ ଶାଖା ସଂସ୍କାର ଗତିବିଧି ଆବାହିକା ଶ୍ରୀମତୀ ମଧୁସ୍ମିତା ମହାନ୍ତି ।

## ଚଣ୍ଡିଖୋଲ ଏସ୍‌ଡିପିଓ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନହେବା ପଛରେ ହାତ କାହାର

# ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ନା ପ୍ରଶାସନିକ ସ୍ଥାଣୁତା

ଚଣ୍ଡିଖୋଲ, (ସବ୍ୟୁ) ଭୌଗଳିକ ଅବସ୍ଥା ଓ ଅପରାଧ ପ୍ରବଣତାର କ୍ରମବର୍ଦ୍ଧିଷ୍ଣୁ ସ୍ଥିତିକୁ ନିୟନ୍ତ୍ରଣ କରିବା ଲକ୍ଷରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲକୁ ନୂତନ ପୋଲିସ ଉପଖଣ୍ଡ ଭାବେ ଘୋଷଣା କରାଯାଇଛି । ଜିଲ୍ଲାରେ ପୋଲିସ ସେବାକୁ ଲୋକାଭିମୁଖୀ କରିବା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସାମାନ୍ୟ କରି ପୋଲିସକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହି ନୂତନ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନା ହୋଇଛି । ହେଲେ ସରକାରୀ ଘୋଷଣାର ୯ମାସ ବିତିଯିବା ପରେ ମଧ ଅଦ୍ୟାବଧି ଏଠାରେ ଉକ୍ତ କାର୍ଯ୍ୟାଳୟ ନଚାଲିବା ଘଟଣା ଘରେ ନପଶୁଣୁରୁ ଚାଳ ବାଜିବା ପରିସ୍ଥିତି ସୃଷ୍ଟି କରିଛି । ତେବେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ନା ପ୍ରଶାସନିକ ସ୍ଥାଣୁତା ପାଇଁ ଏହି କାର୍ଯ୍ୟାଳୟ ଏଠାରେ କାର୍ଯ୍ୟକ୍ଷମ ହୋଇପାରୁନି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି । ଗତ ସରକାର ସମୟରେ ଚଣ୍ଡିଖୋଲକୁ ନୂତନ ପୋଲିସ ଉପଖଣ୍ଡର ମାନ୍ୟତା ପ୍ରଦାନ ପାଇଁ ଘୋଷଣା ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା । ତେବେ ବିଜେପି ସରକାରକୁ ଆସିବା ପରେ ଗତ ୨୦୨୫ ମସିହା ଅକ୍ଟୋବର ୨୭ ତାରିଖରେ ଚଣ୍ଡିଖୋଲରେ ନୂତନ ଏସଡିପିଓ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟାଳୟ ପାଇଁ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି ସହିତ ଅଫିସ କାର୍ଯ୍ୟର ସୁପରିଚାଳନା ପାଇଁ ଗାଡି ଓ ଆନୁସଙ୍ଗୀକ ସୁବିଧା ସୁଯୋଗ ଯୋଗାଇଦେବାକୁ ମଧ ବିଜ୍ଞପ୍ତି ଯାରୀ ହୋଇଥିଲା ।



ଏ ଠା ରେ ଜଣେ ଡିଏସପି ପାହ୍ୟାର ପୋଲିସ ଅ ଧି କା ରୀ , ଜ ଣେ ସବ ଇନ୍ସପେକ୍ଟର ଓ ଦୁଇଜଣ କନଷ୍ଟେବଳ କାର୍ଯ୍ୟ କରିବେ ବୋଲି ଘୋଷଣା ହୋଇଥିଲା । ଏପରିକି ପାରିପାର୍ଶ୍ୱିକ ପରିସ୍ଥିତି, ବିଗୁଡୁଥିବା ଆଇନ ଶୃଙ୍ଖଳା ଓ ଜନମତକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟାଳୟ ଏଠାରେ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସେତେବେଳେ କୁହାଯାଇଥିଲା । ଜରୁରୀ ଆବଶ୍ୟକତାକୁ ଲକ୍ଷକରି ଏହି କାର୍ଯ୍ୟାଳୟର ସ୍ଥାୟି ଗୃହ ନିର୍ମାଣ ପାଇଁ ଚଣ୍ଡିଖୋଲ ଫାଣ୍ଡି ପାର୍ଶ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ ଏକର ଜମି ମଧ୍ୟ ଗୃହ ବିଭାଗକୁ ତ୍ୱରିତ ହସ୍ତାନ୍ତର କରାଯାଇଥିଲା । ସରକାରଙ୍କ ବିଜ୍ଞପ୍ତି ପରେ ଚଣ୍ଡିଖୋଲ ଟ୍ରାଫିକ ପୋଲିସ କାର୍ଯ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଏହି ନୂତନ ଏସଡିପିଓ କାର୍ଯ୍ୟାଳୟ ଚାଲୁ କରିବା ପାଇଁ ମଧ ଯାଜପୁର ଏସପି ଯସପ୍ରତାପ ଶ୍ରୀମଲ ଓ ବଡଚଣା ବିଧାୟକ ଅମରକୁମାର ନାୟକ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟାଳୟ କାର୍ଯ୍ୟ ଆରମ୍ଭ କଲେ ଚଣ୍ଡିଖୋଲ ଏସଡିପିଓଙ୍କ କାର୍ଯ୍ୟାଳୟ ଅଧିନସ୍ତ ଆଲାକାରେ ବଢିଚାଲିଥିବା ଅପରାଧ ପ୍ରବଣତା ଓ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବକାର୍ଯ୍ୟ ପରୋକ୍ଷ ଓ ପୋଲିସ ପ୍ରଶାସନିକ କାର୍ଯ୍ୟର ସୁପରିଚାଳନା ହୋଇପାରିବ ବୋଲି ଆଶା କରାଯାଉଥିଲା । ହେଲେ ପରିତାପର ବିଷୟ ବିଜ୍ଞପ୍ତି ପ୍ରକାଶର ୯ ମାସ ଅତିକ୍ରାନ୍ତ ହେବାପରେ ବି ଏଠାରେ ଏସଡିପିଓ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ଉକ୍ତ କାର୍ଯ୍ୟାଳୟ ଖୋଲିବାରେ ଅଚଳାବସ୍ଥା ଦେଖାଦେବାକୁ ନେଇ ସାଧାରଣରେ ଭିନ୍ନ ଭିନ୍ନ କଥା ଆଲୋଚନା ହେବା ସହ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଶେଷ କରି ଯାଜପୁର ଜିଲ୍ଲାର ଭୌଗଳିକ ସ୍ଥିତି ଓ ଥାନା ଗୁଡିକର ଅବସ୍ଥିତିକୁ ନେଇ ପୂର୍ବରୁ ଜିଲ୍ଲାରେ ଯାଜପୁର, ଯାଜପୁରରୋଡ ଓ କଳିଙ୍ଗନଗରରେ ୩ଟି ଏସଡିପିଓ କାର୍ଯ୍ୟାଳୟ ରହିଥିଲା । ଯାଜପୁର ଏସଡିପିଓଙ୍କ ଅଧିନରେ ଯାଜପୁର ଟାଉନ,ବରୀ ଦଶରଥପୁର ସମେତ ୭ଟି ଥାନା,କଳିଙ୍ଗନଗର ଅଧୀନରେ ସୁକିନ୍ଦା, କଳିଙ୍ଗନଗର, ଯଖପୁରା,ଟମକା ସମେତ ୫ଟି ଥାନା ରହିଥିଲା ବେଳେ ଯାଜପୁରରୋଡ ଏସଡିପିଓ କାର୍ଯ୍ୟାଳୟ ଅଧିନରେ ଜେନାପୁର, ଧର୍ମଶାଳା, କୁଆଖିଆ, ପାଣିକୋଇଲି, ଯାଜପୁରରୋଡ ଆଦର୍ଶ, ବଡଚଣା,ବାଲିଚନ୍ଦ୍ରପୁର, ବୈରୀ,କୋରେଇ,ଚଣ୍ଡିଖୋଲ ଟ୍ରାଫିକ ଥାନା ,ବ୍ରହ୍ମବରଦା ଓ ସାଇବର ଥାନା ରହିଛି । ଦୀର୍ଘ ୪୦ରୁ ୮୦ କିମି ପରିବ୍ୟାପ୍ତ ବ୍ୟାପକ ଅଞ୍ଚଳର ୧୨ଟି ଥାନା ଇଲାକାକୁ ନେଇ ଗଠିତ ଯାଜପୁରରୋଡ ପୋଲିସ ଉପଖଣ୍ଡ ଗଠିତ ହୋଇଥିବାରୁ ଏହି ଆଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଓ ପ୍ରଶାସନିକ କାର୍ଯ୍ୟ ସୁପରିଚାଳନାରେ ବ୍ୟାଘାତ ସୃଷ୍ଟି ହେବା ଫଳରେ ଯାଜପୁରରୋଡ ପୋଲିସ ଉପଖଣ୍ଡକୁ ଦୁଇଭାଗ କରାଯାଇଥିଲା । ଯାଜପୁରରୋଡ ଏସଡିପିଓଙ୍କ ଅଧିନରେ କୋରେଇ,ଯାଜପୁଳ ସାଇବର ଥାନା,ଯାଜପୁରରୋଡ, ପାଣିକୋଇଲି ସମେତ ୫ଟି ଥାନାକୁ ରଖି ଅନ୍ୟ ୭ଟି ଥାନା ଇଲାକାକୁ ନେଇ ଚଣ୍ଡିଖୋଲକୁ ଏକ ନୂତନ ପୋଲିସ ଉପଖଣ୍ଡ ଘୋଷଣା କରାଯାଇଥିଲା । ତେବେ ଚଣ୍ଡିଖୋଲ ଏସଡିପିଓ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲେ ଅପରାଧ ବଢିଚାଲିଥିବା ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ ଓ ଖଣି ଖାଦାନ ପ୍ରବଣ ଅଞ୍ଚଳ ଭାବେ ଏବେ ଜଣାଶୁଣା ଜେନାପୁର, ଧର୍ମଶାଳା, ବୈରୀ ,ବଡଚଣା ଓ ବିଲିଚନ୍ଦ୍ରପୁର ପରି ଥାନା ଇଲାକାରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା ।

ହେଲେ ପରିତାପର ବିଷୟ ସବୁକିଛି ଥାଇ ମଧ ଅଦ୍ୟାବଧି କାହିଁକି ଚଣ୍ଡିଖୋଲରେ ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ବୈମାତୃକ ମନୋଭାବ ପାଇଁ ଜିଲ୍ଲା ପୁନର୍ଗଠନ ଓ ରାଜସ୍ୱ ଉପଖଣ୍ଡ ମାନ୍ୟତା ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଚଣ୍ଡିଖୋଲ ତାର ହକ ପ୍ରାପ୍ୟ ଏବଂ ନାର୍ଯ୍ୟଦାବିରୁ କ୍ରମାଗତ ଭାବେ ବଂଚିତ ହୋଇ ଚାଲିଛି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି ।

### ଆର୍ଯ୍ୟପଲ୍ଲୀ ସମୁଦ୍ରକୂଳ ଲଘିଂବା ଘଟଣା

## ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଆନୁଧ୍ୟାନ କଲେ ଉପଜିଲ୍ଲାପାଳ

ଛତ୍ରପୁର, (ସବ୍ୟୁ): ଦିନକୁ ଦିନ ସମୁଦ୍ର କୂଳ ଲଘିଂବା ଯୋଗୁଁ ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢ଼ିବାରେ ଲାଗିଛି । ସମୁଦ୍ରର ଜଳରାଶି ଧୀରେ ଧୀରେ ଜନବସତି ଆଡ଼କୁ ମାଡ଼ି ଆସୁଥିବାରୁ ପୂର୍ବରୁ ଥିବା ରାସ୍ତା, କୋଠଘର ଓ ମନ୍ଦିର ଆଦି ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି । ବର୍ତ୍ତମାନ ଅଞ୍ଚଳର ଏକ ସ୍କୁଲ ମଧ୍ୟ ସମୁଦ୍ରର ଅତି ନିକଟବର୍ତ୍ତୀ ଅଞ୍ଚଳରେ ରହିଛି । ଆଗାମୀ ଦିନରେ ସମୁଦ୍ର କୂଳ ଲଘିଂଲେ ସ୍କୁଲଟି ମଧ୍ୟ ବିପଦରେ ପଡ଼ିବା ଆଶଙ୍କା ରହିଥିବାରୁ ଗ୍ରାମବାସୀ ଚିନ୍ତିତ ହୋଇପଡ଼ିଛନ୍ତି । ଏହାସହ ଅଞ୍ଚଳର ଜନଜୀବନ ଓ ସୁରକ୍ଷା



ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି । ଏହାର ସ୍ଥାୟୀ ପ୍ରତିକାର କରିବା ଏବଂ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ଆର୍ଯ୍ୟପଲ୍ଲୀବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଇଛି । ସ୍ଥାୟୀ ପ୍ରତିକାର ଦାବୀ ନେଇ ଅଂଚଳବାସୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଡାକରା ଦେଇଛନ୍ତି । ଆସନ୍ତା ୧୭ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ଏହି ପରିସ୍ଥିତିରେ ଆଜି ଅପରାହ୍ନରେ ଲଗାଣ ବର୍ଷାରେ ମଧ୍ୟ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଆର୍ଯ୍ୟପଲ୍ଲୀ ସମୁଦ୍ରକୂଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସମୁଦ୍ରକୂଳ କ୍ଷୟ ଯୋଗୁଁ ହୋଇଥିବା କ୍ଷୟକ୍ଷତି ଏବଂ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ । ପରିଦର୍ଶନ ସମୟରେ ଅଞ୍ଚଳବାସୀ ସମୁଦ୍ର କୂଳ ଲଘିଂବା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ଏବଂ ଭବିଷ୍ୟତରେ ସ୍କୁଲ ସମେତ ଅନ୍ୟାନ୍ୟ ସ୍ଥାନ ବିପଦରେ ପଡ଼ିବା ଆଶଙ୍କା ସମ୍ପର୍କରେ ଉପଜିଲ୍ଲାପାଳଙ୍କ ନିକଟରେ ଅବଗତ କରାଇଥିଲେ । ଏନେଇ ଉପଜିଲ୍ଲାପାଳ ଶ୍ରୀ ବରାଳ କହିଛନ୍ତି ଯେ, ଆର୍ଯ୍ୟପଲ୍ଲୀ ଅଞ୍ଚଳର ସମୁଦ୍ର କୂଳ କ୍ଷୟ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ । ଏହାପରେ ସମୁଦ୍ର କୂଳ କ୍ଷୟ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଓ ପ୍ରତିକାର ବ୍ୟବସ୍ଥା କରାଯିବ ।

### ମାନସିକ ବିକୃତ ଯୁବକ ନିଖୋଜ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ପାଙ୍ଗିଡି ପଞ୍ଚାୟତ ଅନ୍ତର୍ଗତ ଟିକରପଡା ଗ୍ରାମର ସୁଜଳ ଭୂୟାଁ(୧୮) ଓରଫ୍ ରାହୁଲ୍ ଗତ ଜୁଲାଇ ୨୪ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଥିବା ବେଳେ ଏନେଇ ତାଙ୍କର ମାଆ ଲକ୍ଷ୍ମୀ ସ୍ୱାଇଁ ୨୫ ତାରିଖ ଦିନ ବୁଗୁଡା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ଏକ ଶାଗୁଆ ରଙ୍ଗର ସାର୍ଟ ଏବଂ ଖଇରିଆ ରଙ୍ଗର ପ୍ୟାଣ୍ଟ ପିନ୍ଧା ଶ୍ୟାମଳ ବର୍ଣ୍ଣର ଯୁବକ ଜଣକ ନିଖୋଜ ହେବାର ୧୫ ଦିନରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ପରିବାର ଲୋକେ ପୋଲିସ ପକ୍ଷରୁ ଯଥୋଚିତ ସହାୟତା ପାଇନପାରି ଆଜି ପୁଣି ବ୍ଲକରେ ଚାଲିଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ତାଙ୍କର ମାମୁଁ ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଟିକେ ପାଗଳାମି ଲକ୍ଷଣଥିବା ନିରୁର୍ଦ୍ଦିଷ୍ଟ ପୁଅର ଚିନ୍ତାରେ ଭାଙ୍ଗିପଡିଥିବା ମାଆ ତାଙ୍କର ପୁଅର ସୂଚନା କୌଣସି ସହୃଦୟ ବ୍ୟକ୍ତିଙ୍କୁ ମିଳିଲେ ତୁରନ୍ତ ମୋବାଇଲ ନମ୍ବର ୭୮୮୪୩୯୭୯୧୯ରେ ଅବଗତ କରାଇବାକୁ ସାଧାରଣରେ ନିବେଦନ କରିଛନ୍ତି । ତେବେ ଏନେଇ ବୁଗୁଡା ଥାନାରେ ୪୪/୨୬ରେ ଏକ ମିସିଙ୍ଗ୍ କେସ୍ ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି ।

## ସାଧନା ଓ ସୁବର୍ଣ୍ଣ ସକାଳ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ସଂଗଠନ ସୁବର୍ଣ୍ଣ ସକାଳ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ସାଧନାର ମିଳିତ ଆନୁକୂଲ୍ୟରେ ଏବଂ ୟୁରୋପୀୟ ୟୁନିଅନ୍ ଓ ହ୍ୟାଣ୍ଡିକାପ ଇଣ୍ଟରନ୍ୟାସନାଲ୍‌ର ସହାୟତାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ, ଆଦିବାସୀ, ମହିଳା, ଯୁବକ-ଯୁବତୀ, ପଞ୍ଚାୟତ ପ୍ରତିନିଧି ଓ ଧାଇମାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଅତିଥି ଭାବେ କୁଜିଡ଼ିହି ଓ ବୁଢ଼ିଖମାରି ପଞ୍ଚାୟତର ସରପଞ୍ଚ, ତାଲିମଦାତା ବିଜୟ କୁମାର ନାଏକ, ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଏବଂ ସିବିଆର୍ ପ୍ରୋଗ୍ରାମ ମ୍ୟାନେଜର ସମୀରନ ଘୋଷ ଯୋଗଦେଇଥିଲେ । ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଆଦିବାସୀ ସମାଜର ଅଧିକାର, ସଂସ୍କୃତି, ପରମ୍ପରା ଓ ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ । ଆଦିବାସୀ ମହିଳାଙ୍କ ସଶକ୍ତିକରଣ ଓ ନିଜ ଅଧିକାର ପାଇଁ ସ୍ୱର ଉଠାଇବାର ଆବଶ୍ୟକତା ସମ୍ପର୍କରେ ସେ ମତ ରଖିଥିଲେ । ଚଳିତ ବର୍ଷର ବିଷୟବସ୍ତୁ ଅନୁଯାୟୀ ଆଦିବାସୀ ଧାଇମାମାନଙ୍କ ସେବା ଓ ଅବଦାନକୁ ସମ୍ମାନ ଜଣାଯାଇଥିଲା । ଅତିଥିମାନେ ଆଦିବାସୀ ସମାଜର ପ୍ରକୃତି ଓ ମାଟି ପ୍ରତି ଥିବା ଗଭୀର ସମ୍ପର୍କ, ଜଙ୍ଗଲ ସୁରକ୍ଷା, ଜଳବାୟୁ ଅନୁକୂଳ ଚାଷ ଏବଂ ପାରମ୍ପରିକ କଳା-ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ନୂଆ ପିଢ଼ି ସହ ତାଳମେଳ ରଖି ଶିକ୍ଷା ଓ ସୂଚନାଭିତ୍ତିକ ଜ୍ଞାନ ବୃଦ୍ଧି ମାଧ୍ୟମରେ ଆଦିବାସୀ ସମାଜ ନିଜର ସ୍ୱତନ୍ତ୍ର ପରିଚୟକୁ ବିଶ୍ୱସ୍ତରରେ ମଜବୁତ କରିପାରିବ ବୋଲି ମତ ପ୍ରକାଶ ପାଇଥିଲା । ଅବସରରେ ନାଚ, ଗୀତ ଓ ପାରମ୍ପରିକ ଆଦିବାସୀ କଳା ପ୍ରଦର୍ଶନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସମାଜ ଓ ଦିବ୍ୟାଙ୍ଗଙ୍କ ପାଇଁ ଉଲ୍ଲେଖନୀୟ କାମ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତା କୁମାରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।

## ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ବହୁଚର୍ଚ୍ଚିତ ନାଟ୍ୟସଂସ୍ଥା ଆମେ : ବାରିପଦା ପକ୍ଷରୁ ଆସନ୍ତା ସେପଟେମ୍ବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଆୟୋଜିତ ହେବ । ଏହାକୁ ସଫଳ ଓ ସୁଚାରୁ ଭାବେ ଆୟୋଜନ କରିବା ନିମନ୍ତେ ବାରିପଦା ଷ୍ଟାଡିୟମ୍‌ର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡ. ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମହୋତ୍ସବର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆବାହକ ତଥା ସାଧାରଣ ସମ୍ପାଦକ, ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଏହି ଜାତୀୟ ନାଟ୍ୟ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ନାଟ୍ୟଦଳ ଯୋଗଦେଇ ସେମାନଙ୍କର ଉତ୍କୃଷ୍ଟ ନାଟକ ପରିବେଷଣ କରିବେ । ଏଥିସହ ବିରଳ ପ୍ରତିଭାଧର ବ୍ୟକ୍ତିତ୍ୱମାନଙ୍କୁ ମହାସମ୍ମାନରେ ସମ୍ବର୍ଦ୍ଧିତ କରାଯିବ । ବୈଠକରେ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇଥିବା ଜୟନ୍ତ ସେନାପତି, ଡକଟର ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ ଓ ପ୍ରଦୀପ ସରଘରିଆ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ଅସାଧାରଣ ପ୍ରତିଭା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେହିପରି ଡ. ଅସୀମା ସାହୁ ମହୋତ୍ସବ ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ନାଟ୍ୟ ଆଲୋଚନାଚକ୍ର ସମ୍ପର୍କରେ ନିଜର ଭାବଗର୍ଭକ ଅଭିଭାଷଣ ରଖିଥିଲେ । ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି ଓ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତାର ଅଭିନବ ପରିକଳ୍ପନାକୁ ପ୍ରଶଂସା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଥିଲେ । ବୈଠକ ଶେଷରେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ହେଲେ କୃଷ୍ଣଚନ୍ଦ୍ର ପୋଲାଇ

ବ୍ରହ୍ମପୁର, (ସବ୍ୟୁ) : ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସହିତ ଜଡ଼ିତ ହୋଇ ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ତଥା ଛାତ୍ର ନେତା ଭାବେ ସେ ନିଜର ସଂଗଠନାତ୍ମକ ଯାତ୍ରା ଆରମ୍ଭ କରିଥିଲେ । ଭାଟକୁମୁରଡ଼ା କଲେଜରୁ ନିଜର ଯୁକ୍ତଦୁଇ ଶିକ୍ଷା ସମାପ୍ତ କରିବା ପରେ, କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟରୁ ଯୁକ୍ତ ତିନି ଶିକ୍ଷା ସମାପ୍ତ କରିଥିଲେ । ବର୍ତ୍ତମାନ ସେ ଗଞ୍ଜାମ ମହାବିଦ୍ୟାଳୟରେ ଆଇନ ଶିକ୍ଷା ଅଧ୍ୟୟନରତ ଅଛନ୍ତି । ଛାତ୍ର ଜୀବନରୁ ହିଁ ବିଦ୍ୟାର୍ଥୀ ପରିଷଦ ପରିବାର ସହିତ ଓତପ୍ରୋତ ଭାବେ ଜଡ଼ିତ ରହି ଜିଲ୍ଲା ସଂଯୋଜନା, ବିଭାଗ ସଂଯୋଜକ ଓ ରାଜ୍ୟ ବିକାଶର୍ଥେ ବିଦ୍ୟାର୍ଥୀ ଭଳି ଦାୟିତ୍ୱ ନିର୍ବାହ କରି ସଂଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସିଛନ୍ତି । ତାଙ୍କର ସୁଦକ୍ଷ ରଣନୀତି, ନେତୃତ୍ୱ ଦକ୍ଷତା ଓ କାର୍ଯ୍ୟଶୈଳୀ ତାଙ୍କୁ ସଂଗଠନରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ପୂର୍ବରୁ ଯୁବ ମୋର୍ଚ୍ଚାର



ଜିଲ୍ଲା ସ୍ତରରେ ବିଭିନ୍ନ ଦାୟିତ୍ୱ ନିଷ୍ଠାର ସହିତ ତୁଲାଇବା ପରେ, ବର୍ତ୍ତମାନ ତାଙ୍କୁ ଗଞ୍ଜାମ ଜିଲ୍ଲା ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି । ଛାତ୍ର ଜୀବନରୁ ଆରମ୍ଭ ହୋଇଥିବା ଏହି ଅବିରତ ସଂଗଠନାତ୍ମକ ଯାତ୍ରା ଆଜି ଏକ ନୂଆ ଦାୟିତ୍ୱରେ ପହଞ୍ଚିଛି । ଆଗାମୀ ଦିନରେ ମଧ୍ୟ ତାଙ୍କର ନେତୃତ୍ୱ ଓ ସଂଗଠନ ପ୍ରତି ସମର୍ପଣ ଗଞ୍ଜାମ ଜିଲ୍ଲାର ଯୁବ ସମାଜ ପାଇଁ ପ୍ରେରଣା ହେଉ ଯୁବ ସମାଜ ପାଇଁ ଅବିରତ ସଂଗଠନର ଯାତ୍ରାରେ ନୂତନ ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଦାୟିତ୍ୱ ପାଇଁ ସେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଜିଲ୍ଲା ବିଜେପି ସଭାପତି ସରୋଜ ସାବତଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହା ସହିତ ବାଣିଜ୍ୟ, ପରିବହନ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଛତ୍ରପୁର ବିଧାୟକ କୃଷ୍ଣ ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ@ପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଓ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତୁତୁନ ପାତ୍ରଙ୍କୁ ଧନ୍ୟବାଦ ଦେବା ସହ ଏହି ଦାୟିତ୍ୱ ପାଇଁ ତାଙ୍କୁ ଉପଯୁକ୍ତ ଭାବିଥିବାରୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୋମନାଥ ପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ, କୃଷକଙ୍କ ମିଳିତ ବିକ୍ଷୋଭ




ବ୍ରହ୍ମପୁର, (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଲେବରକୋଡ଼ ବାତିଲ କର, ଚାଷୀ ଫସଲ ପାଇଁ ଏମଏସପି ଲାଗୁକର, ଦରବୃଦ୍ଧି ବନ୍ଦ କର, ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି, ବେକରଙ୍କୁ ନିଯୁକ୍ତି ଦେବା, ଅସ୍ଥାୟୀ ଓ ଆଉଟ ସୋର୍ସିଙ୍ଗ ବନ୍ଦକର, ନୂତନ ଶିକ୍ଷା ନୀତି ବାତିଲ କର, ପରୀକ୍ଷା ବ୍ୟବସ୍ଥାକୁ ତୃଟି ମୁକ୍ତ, ପୁରୁଣା ପେନସନ ଲାଗୁକର ଓ ମହିଳାଙ୍କ ପାଇଁ ୩୩ ଭାଗ ସ୍ଥାନ ସଂରକ୍ଷଣ କାର୍ଯ୍ୟକାରି କର , ସାମ୍ବିଧାନିକ ସଂସ୍ଥା ଗୁଡ଼ିକୁ ସରକାରୀ ନିୟନ୍ତ୍ରଣରେ ରଖିବା ବନ୍ଦକର ଓ ରାଜ୍ୟରେ ପ୍ରାଥମିକ ଶିକ୍ଷାର ତୃଟି ପୂର୍ଣ୍ଣ ପୁସ୍ତକ ପ୍ରକାଶନ ପାଇଁ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅ ଇତ୍ୟାଦି ଦାବିରେ ଆଜି ଦକ୍ଷିଣାଞ୍ଚ ରାଜସ୍ୱ କମିଶନର ଅଫିସ ସମ୍ମୁଖରେ ଶ୍ରମିକ, କୃଷକ ଓ କ୍ଷେତମୁଲିଆ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କୃଷକମୋର୍ଚ୍ଚା ଓ କ୍ଷେତମୁଲିଆ ସଂଗଠନ ଗୁଡ଼ିକ ମୋଦି ସରକାରଙ୍କ ଶ୍ରମିକ କୃଷକ ବିରୋଧୀ ଓ ଦେଶ ବିକ୍ରୀ ନୀତି ବିରୋଧରେ ଦେଶବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାୟୁନିଟ ପକ୍ଷରୁ କମାପଲ୍ଲୀ ଛକଠାରୁ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା ଏବଂ ଆରଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ପ୍ରତିବାଦରେ ଶ୍ରମିକ ନେତା ଯୁଧିଷ୍ଠିର ବେହେରା, ପ୍ରଦୀପ ସେଠି, ଭୋକଲି ସେଠି, ରାଘବ ପରିଡା, ରାଜେନ୍ଦ୍ର ଦାସ, ପ୍ରତାପ ନାୟକ, ସନ୍ତୋଷ ସାହୁ,ପପୁନ ସାହୁ,ହରୀକୃଷ ରେଡ଼ି, ନାରାୟଣ ରେଡ଼ି, ଅବନୀ ଗୟା, ଗଗନ ମଲିକ,ବିପିନ ନାୟକ,ସତ୍ୟ ତ୍ରିପାଠୀ, କୈଳାସ ଷଡଙ୍ଗୀ, ତ୍ରିନାଥ ବେହେରା, ଶିବ ପ୍ରସାଦ ମହାପାତ୍ର, ଭାଲ ଚନ୍ଦ୍ର ଷଡଙ୍ଗୀ, ବିଦ୍ୟାଧର ଜେନା, କାମଦେବ ନାହାକ ପ୍ରମୁଖ ଶ୍ରମିକ କୃଷକ ନେତୃତ୍ୱ ବକ୍ତବ୍ୟ ରଖିଥିଲେ ।

## ଏମକେସିଜିର ଡିଏମଏଲଟି ଓ ଡିଏମଆରଟି ଛାତ୍ର ସଂସଦର "ଜୁବିଲାଣ୍ଟ" ଉଦ୍‌ଯାପିତ

ବ୍ରହ୍ମପୁର, (ସବ୍ୟୁ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ଡିଏମଏଲଟି ଓ ଡିଏମଆରଟି ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ "ଜୁବିଲାଣ୍ଟ-୨.୦' ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ କୋରାପୁଟ ସ୍ଥିତ ଏସଏଲଏନ ମେଡିକାଲ କଲେଜ ଓ ହସ୍ପିଟାଲର ମାଇକ୍ରୋବାୟୋଲୋଜି ବିଭାଗର ଡା. ପ୍ରଦୀପ୍ତ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ଛାତ୍ରଛାତ୍ରୀମାନେ ପାଠପଢ଼ା ସହିତ ଭବିଷ୍ୟତର କର୍ମମୟ ଜୀବନ ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିବେ, ସେନେଇ ମାର୍ଗଦର୍ଶନ ଦେଇଥିଲେ । ଶିକ୍ଷା ସହ ଦକ୍ଷତା ବିକାଶ, ଶୃଙ୍ଖଳା ଓ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟ ବକ୍ତା ଭାବେ ଇଂ. ଅଜିତ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମକେସିଜି ମେଡ଼ିକାଲର ପଥୋଲୋଜି ବିଭାଗର ପ୍ରଫେସର ଡ଼ା. ଅନିତା ଚୌଧୁରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏ ଅବସରରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ପରିବେଷଣ କରିଥିଲେ । ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନରେ ଉତ୍ସବସ୍ଥଳ ଉତ୍ସବମୁଖର ହୋଇଉଠିଥିଲା । କାର୍ଯ୍ୟକ୍ରମକୁ ଛାତ୍ର ସଂସଦର ସଭାପତି ଚନ୍ଦ୍ରଶେଖର ପଢ଼ିଆରୀ, ସମ୍ପାଦକ ସୁନୀଲ କୁମାର ବାରିକ, ପୂର୍ବତନ ସଭାପତି ପରମାନନ୍ଦ ଦଳାଇ, ଶଶାଙ୍କ ପ୍ରଧାନ ଓ ଆଶିଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଟଙ୍କା ଆତ୍ମସାତ

ବ୍ରହ୍ମପୁର, (ସବ୍ୟୁ) : ହିଂଜିଳିକାଟୁ ବ୍ଲକ୍ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ଖୁଲ, ପିଲାଙ୍କ ଖାଦ୍ୟସୁରକ୍ଷା ୨୦୨୫-୨୬ ଶିକ୍ଷାବର୍ଷରେ ଆଗୁଆ ଖରାଛୁଟି ଘୋଷଣା ଯୋଗୁଁ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଥିଲା । କିନ୍ତୁ ସରକାର ପିଲାଙ୍କୁ ଟଙ୍କା ପ୍ରଦାନ କରିବା ପାଇଁ ବିଦ୍ୟାଳୟକୁ ପଠାଇଥିଲେ । ପ୍ରଧାନଶିକ୍ଷୟିତ୍ରୀ କିଛି ପିଲାଙ୍କୁ ଟଙ୍କା ପ୍ରଦାନ କରି ବଳକା ଟଙ୍କାକୁ ନିଜେ ଆତ୍ମସାତ କରି ସମସ୍ତଙ୍କୁ ପିଲାଙ୍କୁ ପ୍ରଦାନ କରିଥିବା ଦର୍ଶାଇଛନ୍ତି । ଏହା ଜଣାପଡ଼ିବା ପରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମିଳିତ ଭାବେ ବିହୀତ ଅନୁସନ୍ଧାନ କରି ଏଠାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରି ନୂତନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତାହାର ଏକ ନକଲ ପ୍ରାପ୍ତ କରିଛନ୍ତି । ପ୍ରଧାନଶିକ୍ଷୟିତ୍ରୀ ନିଜେ କେବେ ହେଲେ କୌଣସି ଶ୍ରେଣୀରେ ଶିକ୍ଷାଦାନ କରୁନାହାନ୍ତି କିମ୍ବା ଲେସନ୍ ନୋଟ୍ ଲେଖୁନାହାନ୍ତି ବରଂ ଦୁଇଜଣ ଶିକ୍ଷକଙ୍କୁ ଅଫିସରେ ବସାଇ ଦିନସାରା ସମୟ ବିତାଉଛନ୍ତି । ପିଲା ଏଣେ ତେଣେ ପାଚେରି ଡେଇଁ ବୁଲୁଛନ୍ତି । ଅଭିଭାବ ଓ ଏସଏମସି ଅଭିଯୋଗ କଲେ ସେ କହୁଛନ୍ତି "ବିଇଓ ଅଫିସ୍ ଏବଂ ଏବିଓ ମୋର ହାତରେ ଅଛନ୍ତି । ତୁମେ ମୋର କିଛି କରିପାରିବ ନାହିଁ । ଅଭିଭାବକ ଓ ଏସଏମସି ଲିଖିତ ଅଭିଯୋଗ କଲେ ମଧ୍ୟ ତାହା ଶୀତଳଭଣ୍ଡାରରେ ପକାଇ ପ୍ରଶାସନ ଚୁପ୍ ରହିଥିବା ପ୍ରମାଣିତ କରୁଛି । ଯଦି ମଧ୍ୟାହ୍ନ ଭୋଜନ ଟଙ୍କା ବଣ୍ଟନର ଅଭିଯୋଗ ଅନୁସନ୍ଧାନ ନକରିବେ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏଠାରୁ ତୁରନ୍ତ ବଦଳି ନକରିବେ ତାହାହେଲେ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ଗଣ ଆନ୍ଦୋଳନ କରିବା ପାଇଁ <ଏସଏମସି ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

### ଲିଙ୍ଗିରା ଜୋରରେ ଭାସି ଗଲେ ଦୁଇ କାଉଡିଆ, ଜଣେ ନିଖୋଜ ଓ ଜଣେ ଉଦ୍ଧାର

ବଅଁରପାଳ ,(ସବ୍ୟୁ): ଅନୁଗୋଳ ସହର ନିକଟ ଟିପିରସିଙ୍ଗା ମନ୍ଦିର ନିକଟରୁ ଦୁଇ କାଉଡିଆ ଜୋରରୁ ପାଣି ଉଠାଇଥିବା ବେଳେ ଭାସିଯାଇ ଜଣେ ନିଖୋଜ ଥିବା ବେଳେ ଜଣେ ଉଦ୍ଧାର ହୋଇଛି । ସୂଚନା ମୁତାବକ ଆଜି ଶ୍ରାବଣ ମାସ ଦିତୀୟ ପାଳି ପାଇଁ କାଉଡ଼ିଆ ମାନେ ବିଭିନ୍ନ ଶୈବପୀଠକୁ ପୂଜାର୍ଚ୍ଚନା କରି ପାଣି ଉଠାଉଥିଲେ । କିନ୍ତୁ ପୂର୍ବରୁ ଡେରେଜାଙ୍ଗ ଡ୍ୟାମରୁ ରାତି ୧୨ଟା ସମୟରେ ଜଳ ନିଷ୍କାସନ ପାଇଁ ଡ଼ାକବାଜି ଯନ୍ତ୍ରରେ ସୂଚନା ଦିଆଯାଇଥିଲା । କାଉଡିଆମାନେ ପାଣି ଉଠାଉଥିବା ବେଳେ ଭାସି ଯାଇଥିଲେ । ଦୁହେଁ କାଉଡିଆ ହେଲେ ଅନୁଗୋଳ ସଦର ଥାନା ଅନ୍ତର୍ଗତ ବେନ୍ତପୁର ଗ୍ରାମର ସୁଧିର ରଥଙ୍କ ପୁଅ ସୁମିତ ସୈରବ ରଥ(୧୬)ଓ ତାଙ୍କ ଦଦାପୁଅ ରୁଚିର କୁମାର ରଥଙ୍କ ପୁଅ ଆୟୁଷ କୁମାର ରଥ (୧୬) । ଉଭୟ ଟିପିରିସିଙ୍ଗା ଗ୍ରାମର ଶିବ ମନ୍ଦିର ନିକଟ ଜୋରରୁ ପାଣି ଉଠାଉଥିବା ବେଳେ ହଠି ପାଣି ମାଡି ଆସିଥିଲା । ଯାହା ଫଳରେ ଦୁଇ କାଉଡିଆ ପାଣିରେ ଭାସି ଯାଇଥିଲେ ।

## ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ବିଲୟକୁ ବିରୋଧ
## ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ସାମ୍ବାଦିକ ସଂଘର ଦାବିପତ୍ର

ବାରିପଦା, (ସବ୍ୟୁ) : ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ବିଲୟ କରିବା ପ୍ରକ୍ରିୟାକୁ ବିରୋଧ କରିଛି ଓଡ଼ିଶା ସାମ୍ବାଦିକ ସଂଘ(ଓଜେୟୁ)ର ମୟୂରଭଞ୍ଜ ଜିଲ୍ଲାୟୁନିଟ । ଏନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତରେ ପରିବର୍ତ୍ତନ କରାଯିବା ଖବର ସାମ୍ବାଦିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ତେଣୁ ଏହି ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଜାରି ରଖିବା ସହ ସାମ୍ବାଦିକମାନଙ୍କ ପିତାମାତାଙ୍କୁ ମଧ୍ୟ ଏଥିରେ ସାମିଲ କରିବାକୁ ସଂଘ ଦାବି



କରିଛି । ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଜଡ଼ିତ ଏହି ଯୋଜନାକୁ ନେଇ ସରକାର ଶୀଘ୍ର ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ନିଷ୍ପତ୍ତି ନିଅନ୍ତୁ ବୋଲି ସଂଘ ଦାବି କରିଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଏଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ଅଭିଜିତ ମହାନ୍ତି, ସୟେଦ ସିରାଜୁଦ୍ଦିନ, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ମନୋଜ କୁମାର ପଣ୍ଡା, ଦୋଳଗୋବିନ୍ଦ ବାରିକ, ସୁକାନ୍ତ କୁମାର ସାହୁ, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ତପନ କୁମାର ଦାସ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା ଓ ରୁପମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ

ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ଦାଶପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଏକ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ କିଶୋରୀ ବାଳିକାଙ୍କୁ କୃମିନାଶକ ଔଷଧ ସେବନ କରିବାକୁ ଦିଆଯାଇଛ । ପ୍ରଥମରୁ ୧୯ ବର୍ଷ ବୟସର ଶିଶୁଙ୍କ ୧୩ ଲକ୍ଷ ୯୧ ହଜାର ୮୧୬ ମଧ୍ୟରୁ ୧୨ ଲକ୍ଷ ୭୧ ହଜାର ୪୨୪ ଜଣଙ୍କୁ ଏହି ଔଷଧ ଖାଇଛନ୍ତି । ବର୍ତ୍ତମାନ ସୁଦ୍ଧା ୯୧.୩୫ ପ୍ରତିଶତ ସରିଛି । ସେହିପରି କିଶୋରୀ ବାଳିକା ୧୬୫୮୯୭ ମଧ୍ୟରୁ ୧୫୦୩୦୨ ଜଣଙ୍କୁ ଔଷଧ ସେବନ କରିବାକୁ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୯୦.୬ ପ୍ରତିଶତ ସରିଛି । ପ୍ରତିଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଠାରୁ ଆରମ୍ଭ କରି ଅଙ୍ଗନାବାଡି ସ୍ତରରେ ଏହି ଅଭିଯାନ ଚାଲିଛି ।

### ୧୯ ନଂ ୱାର୍ଡରେ ମୌଳିକ ସମସ୍ୟା ସମାଧାନ ଦାବି

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ନିଗମର ଓ୍ୱାର୍ଡ ନଂ ୧୯ ଅନ୍ତର୍ଗତ ମୋଚି ସାହି, ଖଲାସୀ ସାହି, ପାତ୍ର ପେଟା ସାହି, ଖାଜ୍ଞା ସାହି, ବିଜୁ ପଟ୍ଟନାୟକ ପାର୍କ ମେନ ରୋଡ, ଭାପୁର ବଜାର ଆକୁଲା ସାହି ଓ ଓ୍ୱାର୍ଡ ବିଭିନ୍ନ ମୌଳିକ ସମସ୍ୟା ଯଥା ମହିଳା ମାନଙ୍କ ପାଇଁ ସୁଲଭ ଶୌଚାଳୟ, ଦୀର୍ଘ ଦିନ ହେଲା ୱାର୍ଡର ପ୍ରତେକ ସାହିର ନାଳ ସଫେଇ, ୱାର୍ଡର ପ୍ରତେକ ସାହିର ରାସ୍ତା ଯାହା ବିପଦ ସଂକୁଳ ଅଛି ନୂତନ ରାସ୍ତା ନିର୍ମାଣ, ଓ୍ୱାର୍ଡରେ ଥିବା ନାଳ ସଫେଇ ଓ ନାଳର ଘୋଡଣି କରିବା, ୱାର୍ଡର ଶତାଧିକ ମହିଳା ପ୍ରତ୍ୟେକ ଦିନ ଶୌଚାଳୟ ଉପରେ ନିର୍ଭର କରୁଥିବା ବେଳେ ୱାର୍ଡରେ ନୂତନ ଶୌଚାଳୟ ନିର୍ମାଣ, ଛୋଟ ଶିଶୁ, ବୟସ୍କ ନାଗରିକ, ସ୍କୁଲ ଛାତ୍ର, ଛାତ୍ରୀଙ୍କ ଗମନା ଗମନ ପାଇଁ ୱାର୍ଡର ବିଭିନ୍ନ ସାହିରେ ରାସ୍ତା ନିର୍ମାଣ, ଦୈନନ୍ଦିନ ରାସ୍ତା, ନାଳ, ସଫେଇ, ୱାର୍ଡରର୍ଡରେ ନିୟୋଜିତ ନିଗମ କର୍ମଚାରୀ ମାନେ ଓ୍ୱାର୍ଡର ବିଭିନ୍ନ ସାହିର ସମସ୍ୟା ବୁଝି ସମାଧାନ ପାଇଁ ୱାର୍ଡ ବାସିନ୍ଦାଙ୍କ ସହିତ ସୁ ସମ୍ପର୍କ ରଖି ସମସ୍ୟା ସମାଧାନ କରିବା ସହିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି ।

## ଜନବିରୋଧୀ ନୀତି ବିରୋଧରେ ଟ୍ରେଡ୍‌ୟୁନିୟନ ଓ କୃଷକ ସଙ୍ଗଠନର ପ୍ରତିବାଦ




ବାରିପଦା, (ସବ୍ୟୁ) : ବହୁତ ହେଲାଣି ଶୋଷଣ ଅତ୍ୟାଚାର, ଗଢ଼ିତୋଳ ଏବେ ପ୍ରତିବାଦର ଜୁଆର ନାରା ଦେଇ ସର୍ବଭାରତୀୟ ପ୍ରତିବାଦ ଆନ୍ଦୋଳନର ଅଂଶ ଭାବେ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରେଡ୍‌ୟୁନିୟନ, କର୍ମଚାରୀ ଫେଡେରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ସଭାରେ ଶ୍ରମିକ, କୃଷକ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବି ଉଠାଯାଇଥିଲା । ଶ୍ରମ କୋଡ୍ ବାତିଲ, ସ୍କିମ୍ ଓ୍ୱାର୍କରଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ମାସିକ ୨୬ ହଜାର ଟଙ୍କା ଦରମା, କୃଷିଜାତ ଦ୍ରବ୍ୟର ଉଚିତ ସହାୟକ ମୂଲ୍ୟ ପାଇଁ ଆଇନ, ସାରର କଳାବଜାରୀ ଓ ଦରବୃଦ୍ଧି ରୋକିବା, ମନରେଗାକୁ ସୁଦୃଢ଼ କରିବା, ଖାଲି ପଡ଼ିଥିବା ସରକାରୀ ପଦବୀ ପୂରଣ ଏବଂ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା । ଏଥିସହ ଦରଦାମ ବୃଦ୍ଧି ନିୟନ୍ତ୍ରଣ, କର୍ପୋରେଟ ଲୁ=ନ ବନ୍ଦ, କୃଷି କ୍ଷେତ୍ରରେ ବହୁଜାତୀୟ କମ୍ପାନୀର ପ୍ରବେଶ ରୋକିବା ଏବଂ ଧର୍ମ ନାମରେ ଶ୍ରମଜୀବୀ ଲୋକଙ୍କୁ ବିଭାଜିତ ନକରିବାକୁ ମଧ୍ୟ ଦାବି ଉଠିଥିଲା । ସିଆଇଟିୟୁ ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ଶ୍ରମିକ ନେତା ରବି ଗୋସାମୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ଶ୍ରମିକ, କୃଷକ, ଯୁବକ ଓ ସାଧାରଣ ଲୋକଙ୍କ ସମସ୍ୟା ନେଇ ବ୍ୟାପକ ଜନଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ । ସଭାରେ ମୃତ୍ୟୁଞ୍ଜୟ ବେହେରା, କାହ୍ନୁ ଚରଣ ବେହେରା, ଆଇନଜୀବୀ ଶାନ୍ତନୁ ପାଲ, ରଘୁନାଥ ପଣ୍ଡା, କ୍ଷୀରମଣି ମହାନ୍ତ, ଅମଲ ଦେ, ଜୟନ୍ତ ଦାସ, ହରିଶ୍ଚ ସିଂ ଓ ରାମେଶ୍ୱର ଭାଟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରାୟ ଦୁଇ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ମନୋରଞ୍ଜନ ପରିଡ଼ାଙ୍କ ସମେତ ବିଭିନ୍ନ ସଂଗଠନର ନେତୃବୃନ୍ଦ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଦ୍ୱିତୀୟ ଥର ଖୋଲିଲା ରେଙ୍ଗାଳି ଡ୍ୟାମ ଗେଟ୍



ରେଙ୍ଗାଳି, (ସବ୍ୟୁ ): ଚଳିତ ବର୍ଷ ଦ୍ୱିତୀୟ ଥର ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମର ଗୋଟିଏ ଗେଟ ଆଜି ପୂର୍ବାହ୍ନରେ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଡ୍ୟାମ ବନ୍ୟା ନିୟନ୍ତ୍ରଣ କକ୍ଷର ସୂଚନା ଅନୁଯାୟୀ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳ ଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଦିନ ୧୦ ଟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୨.୧୪ ମିଟରରେ ପହଁଚିଥିଲା । ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଆଜି ତାରିଖରେ ଡ୍ୟାମର ଜଳସ୍ତର ୧୧୮.୧୦ ମିଟର ରହିବା କଥା । ନିର୍ଦ୍ଧାରିତ ଜଳସ୍ତର ଠାରୁ ଡ୍ୟାମର ଜଳସ୍ତର ପ୍ରାୟ ୪ ମିଟର ଉପରେ ରହିଛି । ଫଳରେ ଆଜି ଦିନ ୧୦ ଟା ୧୮ ମିନିଟରେ ଡ୍ୟାମ କର୍ତ୍ତୃପକ୍ଷ ଡ୍ୟାମର ଗୋଟିଏ ଗେଟ (ଗେଟ ନଂ-୮)କୁ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ ।ଆଜି ଅପରାହ୍ନ ୪ଟା ସୁଦ୍ଧା ରେଙ୍ଗାଳି ଡ୍ୟାମ ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୨.୧୫ ମିଟର ରହିଛି ।ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଏହି ସମୟରେ୧୧୮.୧୦ ମିଟର ରହିବା କଥା ।ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୨୬୩.୩୩ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଗୋଟିଏ ଗେଟ ଓ ପାଓ୍ୱାର ଚ୍ୟାନେଲ ମାଧ୍ୟମରେ ମୋଟ ୨୧୦୭.୯୭ ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଅଛି । ପ୍ରତି ଘଣ୍ଟାରେ ୨୪୧.୬ ମେଗାଓ୍ୱାଟ ବିଦ୍ୟୁତ ଉତ୍ପାଦନ ହେଉଥିବା ନେଇ ରେଙ୍ଗାଳି ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି ।

# ୨୦.୧୦୦ଗ୍ରାମ ବ୍ରାଉନ ସୁଗର ଜବତ, ୪ ଗିରଫ

ତାଳଚେର,(ସବ୍ୟୁ) : କୌଣସି ସୂତ୍ରରୁ ତାଳଚେର କୋଲିୟରୀ ପୋଲିସ୍ ଖବର ପାଇ ଘଂଟାପଡ଼ା ଓଭରବ୍ରିଜ ଠାରୁ ଏକ ମାରୁତି ସୁଜୁକି କାର ଓଡ଼ି ୦୨ସିଜି-୨୭୦୭ ଅଟକାଇ ପଚରାଉଚରା କରି ତାଙ୍କ ଠାରୁ ୨୦.୧୦୦ଗ୍ରାମ ବ୍ରାଉନସୁଗର ଜବତ କରିଥିଲା । ଏଥିରେ ସମ୍ପୃକ୍ତ ୪ଜଣ ଖିରୋଦ ଦେବତା (ନୁନୁ -୪୨), ସୁରେନ୍ଦ୍ର ଦାସ(ବୁବୁଲ -୨୧), ଶ୍ରୀନିବାସ ବେହେରା (ପେଚା-୩୬), ବିଶ୍ୱଜିତ ରାଉତ (ବଂଟି -୨୫)କୁ ପଚରାଉଚରା କରିବାରୁ ସେମାନେ ବ୍ରାଉନସୁଗର ବିକ୍ରି କରିବାକୁ ନେଉଥିଲେ ବୋଲି ପୋଲିସ୍ ଆଗରେ ପ୍ରକାଶ କରିଥିଲେ । ପୋଲିସ୍ ସମ୍ପୃକ୍ତ କାର ସହ ନଗଦ ୭୬୦ଟଙ୍କା, ମୋବାଇଲ୍ ଫୋନ୍, ସାମସଙ୍ଗ ଗ୍ୟାଲେକ୍ସି, ଲାଭା କ୍ଲିପାଟ୍ ମୋବାଇଲ ଜବତ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ସୂତ୍ରରୁ ଜଣାପଡ଼ିଛି ।

# କୁଦଗାଁ ଗ୍ରାମକୁ ବିଦ୍ୟୁତ ସଂଯୋଗ ଦାବି

ଆଠମଲ୍ଲିକ (ନିପ୍ର ) ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ପଞ୍ଚାୟତ ର ମହାନଦୀ ମଧ୍ୟ ଭାଗରେ ଥିବା କୁଦଗାଁ ଗ୍ରାମ କୁ ବିଦ୍ୟୁତ ସଂଯୋଗ କରିବାକୁ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୁଦ ଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି । ସୂଚନା ଥାଉ କି ମହାନଦୀ ମଧ୍ୟ ଭାଗରେ ଥିବା କୁଦଗାଁ ଗ୍ରାମ ର ଉଭୟ ପାର୍ଶ ରେ ମହାନଦୀ ପ୍ରବାହିତ ହେଉଥିବା ବେଳେ ୮୬ ଟି ପରିବାର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ।ତେଣୁ ଉକ୍ତ ଗ୍ରାମ କୁ ବିଦ୍ୟୁତ ସଂଯୋଗ ଅତି ଶୀଘ୍ର କରିବାକୁ ସରପଞ୍ଚ ଶ୍ରୀ କ୍ଷେତି ଦାବୀ କରିଛନ୍ତି ।

# ସ୍କୁଲରେ ଆର୍ଥିଂ ତାର ନେଲା ବୃଦ୍ଧଙ୍କ ଜୀବନ

ଯୋଡ଼ା,(ସବ୍ୟୁ): ବର୍ଷାରୁ ବଞ୍ଚିବା ପାଇଁ ସ୍କୁଲ ଘରେ ଆଶ୍ରୟ ନେଇଥିବାଜଣେ ବୃଦ୍ଧଙ୍କର ସ୍କୁଲ ବିଦ୍ୟୁତ ଆର୍ଥିଂ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଅଭିଯୋଗ । ଘଟଣାକୁ ନେଇ ଏବେ ବିଦ୍ୟୁତ ବିଭାଗର ଦାୟିତ୍ୱ ଓ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ଉଠିଛି । ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ଅଞ୍ଚଳର ନୟାକୋଟ ଥାନା ଅଧୀନ ଲୁହାକଳା ଭଲିଆଡ଼ିହି ସାହିରେ । ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେକାନ୍ଦରୀ ମୁଣ୍ଡା ନାମକ ଜଣେ ବୃଦ୍ଧ ନିଜ ଝିଅ ଘରୁ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ହଠାତ ି ବର୍ଷା ହେବାରୁ ସେ ଗର୍ଜନ ସାହି ପ୍ରାଥମିକ ବିଦ୍ୟାଳୟରେ ବର୍ଷାରୁ ବଞ୍ଚିବା ପାଇଁ ଆଶ୍ରୟ ନେଇଥିଲେ । ଅଭିଯୋଗ ଅନୁସାରେ, ସ୍କୁଲ ପରିସରରେ ଥିବା ଆର୍ଥିଂ ତାର ସଂସ୍ପର୍ଶରେ ଆସିଯାଇଥିଲେ କାନ୍ଦରୀ ମୁଣ୍ଡା । ଫଳରେ ସେ ବିଦ୍ୟୁତ ଆଘାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିବା କୁହାଯାଉଛି ।ଘଟଣା ପରେ ଖବର ପାଇ ନୟାକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଘଟଣାର ପ୍ରକୃତ କାରଣ ନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ସେପଟେ ଘଟଣାକୁ ନେଇ ସ୍କୁଲ ପ୍ରଧାନଶିକ୍ଷକ ମଧ୍ୟ ଗୁରୁତର ଅଭିଯୋଗ ଆଣିଛନ୍ତି । ତାଙ୍କ କହିବା ଅନୁସାରେ, ସ୍କୁଲ ପରିସରରେ ଥିବା ବିଦ୍ୟୁତ ସମସ୍ୟା ସମ୍ପର୍କରେ ପୂର୍ବରୁ ବିଦ୍ୟୁତ ବିଭାଗକୁ ଜଣାଯାଇଥିଲା । ହେଲେ ଅଭିଯୋଗ ସେ%ୠ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ସେ ଅଭିଯୋଗ କରିଛନ୍ତି । ସବୁଠାରୁ ବଡ଼ କଥା ହେଉଛି, ଯେଉଁ ସ୍କୁଲ ପରିସରରେ ପିଲାମାନେ ପ୍ରତିଦିନ ପାଠ ପଢୁଛନ୍ତି, ସେଠାରେ ଯଦି ବିଦ୍ୟୁତ ସୁରକ୍ଷା ନେଇ ଏଭଳି ଅବ୍ୟବସ୍ଥା ରହିଥାଏ, ତେବେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି । ଘଟଣା ପରେ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡ଼ିଛି । ତେଣୁ ସ୍କୁଲ ପରିସରର ସମସ୍ତ ବିଦ୍ୟୁତ ବ୍ୟବସ୍ଥାର ତୁରନ୍ତ ଯାଞ୍ଚ କରିବା ସହ ବିପଦପୂର୍ଣ୍ଣ ତାର ଓ ଆର୍ଥିଂ ବ୍ୟବସ୍ଥାକୁ ସୁରକ୍ଷିତ କରିବାକୁ ଦାବି ହୋଇଛି । ତେବେ ବୃଦ୍ଧଙ୍କ ମୃତ୍ୟୁ ପଛରେ ପ୍ରକୃତରେ ବିଦ୍ୟୁତ ଅବହେଳା ରହିଛି ନା ଅନ୍ୟ କୌଣସି କାରଣ, ତାହା ପୁଲିସ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ ।

# ମିଳିତ ଜନଶୁଣାଣି :୩ଟିର ତୁରନ୍ତ ଫଇସଲା

ତାଳଚେର,(ସବ୍ୟୁ) : ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ସିମିତି ସଭାଗୃହ ଠାରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ଓ ୧୭ଟି ଗ୍ରାମ୍ୟଭିତିକ ଅଭିଯୋଗ ଶୁଣାଣୀ ହୋଇଥିବା ବେଳେ ୩ଟିର ତୁରନ୍ତ ଫଇସଲା କରାଯାଇଥିଲା । ୩ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୩୦ହଜର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ ମହନ୍ତ, ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମଦନମୋହନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜୀବ ଲୋଚନ ପଣ୍ଡା, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳ, ତହସିଲଦାର ଆଲଫାଜେନା, ଆସିଷ୍ଟାଂଣ୍ଡ କଲେକଟର ସଞ୍ଜୟ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀଣି, ମଧୁସ୍ମିତାନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ମିଶ୍ର, ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସମାଜମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ଶତପଥୀ, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବଲ ଲୁଗୁନ, ମୁଖ୍ୟ ପ୍ରାଣିଚିକିତ୍ସିକ ସତ୍ୟନାରାୟଣ ସାହୁ, ସାମାଜିକ ସୁରକ୍ଷାଅଧିକାରୀ ମନୁଷ ଏକାଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଏହି ଶିବରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ଦାଖଲ କରିଥିଲେ ।

# ବଡ଼କେରାଠାରେ ନୂତନ ଯୁକ୍ତ ୩ ଡ଼ିଗ୍ରୀ କଲେଜ ସ୍ଥାପନ ପାଇଁ ସାଧାରଣ ସଭା

ଅନୁଗୋଳ ,(ସବ୍ୟୁ) : ବଡ଼କେରା ଠାରେ ନୂତନ ଭାବେ ୩ ଡ଼ିଗ୍ରୀ କଲେଜ ସ୍ଥାପନ ପାଇଁ ବଡ଼କେରା ଗ୍ରାମପଞ୍ଚାୟତ ସଂଲଗ୍ନ ୧୧ଖଣ୍ଡ ଗ୍ରାମପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି, ବୁଦ୍ଧିଜୀବି, ଶିକ୍ଷାବିତ ଓ ବିଭିନ୍ନ ଗ୍ରାମର ଗ୍ରାମସଭାପତିଙ୍କୁ ନେଇ ଏକ ସାଧାରଣ ସଭା ବଡ଼କେରା ୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ଉଦୟନାଥ ପଟ୍ଟନାୟକ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ, ବଡ଼କେରା, ଧୁକୁଟା, ନନ୍ଦପୁର ନୂଆଗାଁ, ରନ୍ତଲେଇ, ତୁବେ, ବଡ଼ହିଂସର, ସାନ୍ତରାପୁର, ମାଟିଆସାହି, ଶରଧାପୁର ମାଣିକଯୋଡ଼ି ପଞ୍ଚାୟତର ନିର୍ବାଚିତ ସରପଞ୍ଚ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ଅନେକଶିକ୍ଷାବିତି, ବୁଦ୍ଧିଜୀବି, ବିଭିନ୍ନ ଗ୍ରାମର ଗ୍ରାମ ସଭାପତିମାନେ ଯୋଗଦେଇ ଆଲୋଚନାର ଅଂଶଗ୍ରହଣ କରିଥିଲେ । ବଡ଼କେରା ୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ପ୍ରତିବର୍ଷ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିଲେ ସୁଦ୍ଧା ସେମାନଙ୍କର ଆର୍ଥିକ ଅବସ୍ଥା, ଗମନାଗମନ ଅସୁବିଧା ପାଇଁ ୩ କଲେଜ ନାମ ଲେଖାଇ ନ ପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏଠାରେ ୩ ଡ଼ିଗ୍ରୀ କଲେଜ ସ୍ଥାପନ ପାଇଁ ଆବଶ୍ୟକୀୟ ଭିତ୍ତଭୂମୀ ଥିଲେ ସୁଦ୍ଧା ଅଦ୍ୟାବଧି ୩ କଲେଜ ସ୍ଥାପନ ହୋଇ ପାରିନଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଇତିମଧ୍ୟରେ ଅନୁଗୁଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏଠାରେ ୩ ଡ଼ିଗ୍ରୀ ମହାବିଦ୍ୟାଳୟ ସ୍ଥାପନ ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହିତ ଏବଂ ତାଙ୍କ ପ୍ରଚେଷ୍ଟାରେ ସାଂସଦ ଢ଼େଙ୍କାନାଳ ରୁଦ୍ରନାରାୟଣ ପାଣି, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସାହାଯ୍ୟ ସହଯୋଗ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବାରୁ ସଭାରେ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ପ୍ରସ୍ଥାବିତ ୩ ଡ଼ିଗ୍ରୀ କଲେଜକୁ ଶ୍ରୀ ଶ୍ରୀ ଜଗନ୍ନାଥ ୩ ଡ଼ିଗ୍ରୀ ମହାବିଦ୍ୟାଳୟ ନାମରେ ନାମିତ କରାଯାଇ ଏହାର ସୁପରିଚାଳନା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଏଥିରେ ଏ ଅଞ୍ଚଳର ଶିଶୁ ଶିକ୍ଷାବିତ ନାରାୟଣ ଚୌଧୁରୀଙ୍କୁ ସଭାପତି, ସୁବୋଧ କୁମାର ସିଂ, ଉପସଭାପତି, ଅଚ୍ୟୁତାନନ୍ଦ ମିଶ୍ର, ସଂପାଦକ, ପ୍ରଶାନ୍ତ କୁମାର ମିଶ୍ର ସହସଂପାଦକ, ପ୍ରକାଶ ଚନ୍ଦ୍ର ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଏତଦବ୍ୟତୀତ ଉଦୟନାଥ ପଟ୍ଟନାୟକ, ଅନିଲ କୁମାର ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ପୃଷ୍ଟି, ହାଡ଼ିବନ୍ଧୁ ବେହେରା, ସୁରେଶନ ପ୍ରଧାନ, ସତ୍ୟାନନ୍ଦ ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବେ ବେଳେ କାର୍ଯ୍ୟକାରୀ କମିଟି ସଭ୍ୟଙ୍କୁ ମଧ୍ୟ ମନୋନୀତ କରାଯାଇଛି ।

# ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ ପଥଚାରୀଙ୍କ ପାଇଁ ଆଣିପାରେ ବିପଦ



ତାଳଚେର ,(ସବ୍ୟୁ) :ଖୋଦ ତାଳଚେର ପୌରପରିଷଦ ଅଞ୍ଚଳଠାରୁ ଆରମ୍ଭ କରି ଆରଡି ଓ ପୂର୍ତ୍ତ ବିଭାଗର ରାସ୍ତା କଡ଼ରେ ଏକାଧିକ ସ୍ଥାନରେ ବିରାଟ ବିରାଟ ଶୁଖିଲା ଗଛମାନ ଦୀର୍ଘ ବର୍ଷ ବ୍ୟାପି ଠିଆ ହୋଇ ରହିଥିବା ଦେଖିବାକୁ ମିଳିଛି । ଏହି ଶୁଖିଲା ଗଛ ଗୁଡ଼ିକ କେଉଁ ମୁହୂର୍ତ୍ତରେ ଯେ ଭାଙ୍ଗିପଡ଼ି ବିଦ୍ୟୁତ ତାର, ପଥଚାରୀ, ଯାନବାହନ ଓ ରାସ୍ତାକୁ ଅବରୋଧ କରି ଅଘଟଣ ଘଟାଇବ ତାହା ଆଗାମୀ ଦିନର ସମୟ କହିବ ବୋଲି କୁହାଯାଉଛି । ମାତ୍ର ଏଥିପ୍ରତି ନା ପୌରପରିଷଦ ନା ବିଭାଗୀୟ କର୍ତ୍ତୃପକ୍ଷ ନା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ସେହିସବୁ ରାସ୍ତା ଦେଇ ଯାତାୟାତ କରିଚାଲିଥିଲେ ମଧ୍ୟ ଏଥିପ୍ରତି କେହିହେଲେ ସାମାନ୍ୟତମ ଦୃଷ୍ଟି ଦେଉ ନଥିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚି ସୃଷ୍ଟି କରିଛି । ସେଥି ମଧ୍ୟରୁ ବିଶେଷକରି ତାଳଚେର ସରକାରୀ ମଣ୍ଡ ।ପାଳ ଡାକ୍ତରଖାନା ସମ୍ମୁଖ ରାସ୍ତା କଡ଼ରେ ଏକାଧିକ ବଡ ବଡ ଗଛମାନ ଶୁଖି ଠିଆ ହୋଇ କେଉଁ ମୁହୂର୍ତ୍ତରେ ଯେ ଭାଙ୍ଗି ଯିବାକୁ ନେଇ ସତେ ଯେପରି ଅପେକ୍ଷାରେ ରହିଥିବା ଦେଖିବାକୁ ମିଳିଛି । ସେହିଭଳି ଶିଳ୍ପ ନଗରୀ ତାଳଚେର ଅଞ୍ଚଳର ହାର୍ଟ ଅଫ ଦି ଟାଉନ କୁହାଯାଉଥିବା ଜନବସତି ଓ ଜନଗହଳି ପୂର୍ଣ୍ଣ ମୁଖ୍ୟ ବଜାର ହାଟତୋଟା ଠାରେ କେଉଁ ଭଟଙ୍ଗ ଅମଳରୁ ରହିଥିବା ଗଛ ଆଜି ଶୁଖି କେବଳ ଆଁ ହୋଇ ଆକାଶକୁ ଅନାଇ ରହିଛି । ପୁନଃଶ୍ଚ ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତ ଅନ୍ତର୍ଗତ ଚ ।ଳଗଡ ଗ୍ରାମ ଦେଇ ଏଫ ସି ଆଇକୁ ଯାଇଥିବା ରାସ୍ତା କଡ଼ ଗୁଡିକରେ ଏହି ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ଏହାକୁ ଗମ୍ଭୀରତାର ସହ ଟିକେ ଭାବନ୍ତୁ, ବିପଦସଙ୍କୁଳ ଅବସ୍ଥାରେ ଠିଆ ହୋଇ ରହିଥିବା ଏହି ଶୁଖିଲା ଗଛ ଗୁଡ଼ିକ କେଉଁ ମୁହୂର୍ତ୍ତରେ ଯେ ଭାଙ୍ଗିବ ଓ କେତେ ଧନ ଜୀବନ ନଷ୍ଟ କରିବ ତାହା ଭାବି ପାରୁଛନ୍ତି ତ? ତେଣୁ ଦିନ ଥାଉଥାଉ ପ୍ରତ୍ୟେକ ରାସ୍ତାର ଉଭୟ ପାଶ୍ୱର୍ରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଶୁଖିଲା ଗଛ ଗୁଡ଼ିକୁ ତୁରନ୍ତ କାଟିବା ନେଇ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ଏହାକୁ ଅତି ହ ।ଲୁକ ।ରେ ଗ୍ରହଣ କରି ଚାଲିଥିବା ଅଭିଯୋଗ ହେଉଛି ।

# ୧୦ ଦଫା ଦାବିରେ ଛଦେଶ ବିକାଶ ପରିଷଦ ପକ୍ଷରୁ ଧାରଣା



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଛଦେଶ ଅଞ୍ଚଳଟି ଢେଙ୍କାନାଳ ସଦର ବ୍ଲକର ୮ ଗୋଟି ପଞ୍ଚାୟତ ଯାହାକି ଭାପୁର, କାକୁଡିଭାଗ, ମଧୁସାହୁପାଟଣା, ଚନ୍ଦ୍ରଶେଖରପ୍ରସାଦ, ବାଲୟାମ୍ବା, ଧୀରପଟଣା, ଶଙ୍କରପୁର, ଭାଲିଆବୋଲକାଟେଣୀ ଏବଂ ଓଡାପଡା ବ୍ଲକର ୪ ଗୋଟି ପଞ୍ଚାୟତ ଘଟିପିରି, କଳାଙ୍ଗ, କୋଉମ, ଗୋବିନ୍ଦପ୍ରସାଦକୁ ନେଇ ଛଦେଶ ଅଞ୍ଚଳ ଗଠିତ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ୍ ଆଦି ସବୁ କ୍ଷେତ୍ରରେ ଅବହେଳିତ ହୋଇ ପଡିଛି। ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାର୍ଯ୍ୟ ଦାବୀ ଗୁଡିକ ପ୍ରଶାସନିକ, ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ପହଞ୍ଚିଛି କିନ୍ତୁ କେହି ଭ୍ରୁକ୍ଷେପ କରିନାହାନ୍ତି। ଗତ ଫେବୃୟାରୀ ୧୮ ତାରିଖରେ ଗଣତାନ୍ତ୍ରିକ ଭାବେ ଶାନ୍ତିପୂର୍ଣ୍ଣ ସମ୍ପୂର୍ଣ୍ଣ ଛଦେଶ ବନ୍ଦ ଡାକରା ଦିଆଯାଇଥିଲା। ପ୍ରଶାନିକ ଅଧିକାରୀମାନେ ପହଞ୍ଚି ପ୍ରତିଶୃତି ଦେଇଥିଲେ ହେଲେ ଏହା ମଧ୍ୟରେ ୬ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ହେଲେ ଦାବୀ ପୂରଣ ହୋଇ ପାରିଲାନାହିଁ ଏହାମଧ୍ୟରେ ସାପୁଆ ନଦୀରେ ଭୟଙ୍କର ବନ୍ୟା ଆସି ପୁରା ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ କରିଦେଇ ଛଦେଶ ଅଞ୍ଚଳର ବହୁ କ୍ଷୟକ୍ଷତି ହୋଇଥିଲା ବେଳେ ଆବଶ୍ୟକ କ୍ଷତିପୂରଣ ମିଳିପାରିନାହିଁ ଛଦେଶ ବ୍ଲକ ଗଠନ, ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ, ଭାପୁର ତଥା ଅନ୍ୟ ମେଡିକାଲ ଗୁଡିକରେ ଡାକ୍ତର ଷ୍ଟାଫ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ, ଭାପୁର ଫାଣ୍ଡିକୁ ଥାନା, ସାପୁଆ ନଦୀର ପୁନରୁଦ୍ଧାର, ଶଙ୍କରପୁର କୋଉମ ରାସ୍ତା ମରାମତି, ଭତାଧାରୀଙ୍କ ଭତା ଟଙ୍କା ତୁରନ୍ତ ଯୋଗାଣ, ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଣ, ଦମକଳ କେନ୍ଦ୍ର, ଭାପୁରରେ ଏକ ବାଳିକ ଉଚ୍ଚ ବିଦ୍ୟାଳୟ ଆଦି ୧୦ ଦଫା ଦାବୀ ଉପରେ ଛଦେଶ ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଦିବସ ଠାରୁ ଆହୋରାତ୍ର ଧାରଣା ଦିଆଯାଇଚି। ଏହି ଅହୋରାତ୍ର ଧାରଣା ଦ୍ୱିତୀୟ ଦିନରେ ଭାପୁର ଛଦେଶ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

# ଉରୁକୁଳାରେ ସ୍ୱଚ୍ଛତା ଅଭିଯାନ

ଠାକୁରଗଡ଼ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଉରୁକୁଳା ରାଧା କୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଦିନ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜନୀକାନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସାମ୍ବାଦିକ ପରୀକ୍ଷିତ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ସନତ କୁମାର ପ୍ରଧାନ, ପିତାମ୍ବର ପ୍ରଧାନ, ଶିକ୍ଷକ ଅପାଳି ପଲେଇ, କୃଷ୍ଣ ଚନ୍ଦ୍ର ବେହେରା, ଡିଲେଶର ଦେହୁରୀ, ଶିକ୍ଷୟତ୍ରୀ ପ୍ରିୟତ ପ୍ରଜ୍ଞା ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କ ରେ ଆଲୋକ ପାତ କରିଥିଲେ। କିପରି ନିଜ ପରିବେଶ ପରିଷ୍କାର ପରିଚ୍ଛନତା ରଖିବେ ସେ ନେଇ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆ ଯାଇଥିଲା।

# ଜୁଏଲାରୀ ମାଲିକଙ୍କ କାର ଉପରକୁ ୪ ରାଉଣ୍ଡ ଗୁଳିମାଡ଼

ବାଲେଶ୍ୱର ,(ସବ୍ୟୁ): ରବିବାର ବିଳମ୍ବିତ ରାତି ପ୍ରାୟ ୧୧ଟାରେ ଜୁଏଲାରୀ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ମାଲିକଙ୍କ କାର ଉପରକୁ ଦୁର୍ବୃତ୍ତଙ୍କ ଗୁଳିମାଡ଼ ହୋଇଛି । ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଞ୍ଚଳର ପଦୁନା ନିକଟରେ ଘଟିଛି ଏହି ଘଟଣା । ଏହାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ।କୁପାରୀରେ ଜୁଏଲାରୀ ଦୋକାନ ବନ୍ଦ କରି ମାଲିକ ହରେକୃଷ୍ଣ ସାହୁ ନିଜ କାରରେ ଘର ପଦୁନାକୁ ଫେରିଥିଲେ । ସେ ଘରେ ପହଞ୍ଚିବା ପରେ ଲୁଟ ଉଦ୍ୟମ କରିଥିବା ଦୁର୍ବୃତ୍ତମାନେ ତାଙ୍କ କାର ଉପରକୁ ପ୍ରାୟ ୪ ରାଉଣ୍ଡ ଗୁଳି ଚଳାଇଥିବା ଜଣାପଡ଼ିଛି । ଗୁଳିଚାଳନା ପରେ ଅଞ୍ଚଳବାସୀ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିବା ବେଳେ ସେମାନେ ଫଲ୍ସ ଫାୟାରିଂ କରିଥିବା ସୂଚନା ମିଳିଛି । ଏହାପରେ କିଛି ଦୂରରେ ଆଉ ଦୁଇ ରାଉଣ୍ଡ ଗୁଳିଚାଳନା ହୋଇଥିବା କୁହାଯାଉଛି ।ଗୋଟିଏ ପଲସର ଓ ଗୋଟିଏୟୁନିକର୍ଣ୍ଣ ବାଇକରେ ୪ରୁ ଅଧିକ ଦୁର୍ବୃତ୍ତ ଆସିଥିଲେ । ଘଟଣା ପରେ ଦୁର୍ବୃତ୍ତମାନେ ଗୋଟିଏ ବାଇକ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଖବର ପାଇ ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରୁ ଗୁଳି ଓ ଗୋଟିଏ ବାଇକ ଜବତ କରିଛି ପୁଲିସ । ଲୁଟ ଉଦ୍ୟମ ପଛରେ କେଉଁମାନେ ରହିଛନ୍ତି ଏବଂ ଘଟଣାର ପ୍ରକୃତ କାରଣ କ'ଣ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ନାଲକୋ ଅଞ୍ଚଳରେ ବଢୁଛି ଚୋରି: କୁମ୍ଭକର୍ଣ୍ଣ ନିଦ୍ରାରେ ପୋଲିସ

ବଁଅରପାଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି ।ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ନାଲକୋ ନଗର ଥାନା ଠାରୁ ମାତ୍ର ୫୦୦ ମିଟର ଦୂରତାରେ ଥିବା ନାଲକୋ ଟ୍ରେନିଂ ସେଣ୍ଟରରୁ ଶୁକ୍ରବାର ରାତିରେ ପ୍ରାୟ ୭ଟି ଏସିରୁ ତମ୍ବା ପାଇପ ଓ କପର କେବୁଲ ଚୋରମାନେ କାଟି ନେଇଛନ୍ତି ।ଘଟଣା ଜଣାପଡିବା ପରେ ନାଲକୋ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି ।ସେହିପରି କିଛି ଦିନ ତଳେ ଥାନା ଠାରୁ ମାତ୍ର ୫୦ମିଟର ଦୂରରେ ଥିବା ଏକ ଇଲେକଟ୍ରିକାଲ ଦୋକାନରୁ ଲକ୍ଷାଧିକ ଟଙ୍କାର ତମ୍ବା କେବୁଲ ଚୋରି ହୋଇଥିଲା । ଜଣେ ଚୋରକୁ ବଜାର ଦୋକାନୀମାନେ ଧରି ପୋଲିସ ଜିମା ଦେଇଥିଲେ ଅନ୍ୟ ୨ଜଣ ଘଟଣା ସ୍ଥଳରୁ ଖସି ଯାଇଥିଲେ ।ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇ ନାହିଁ ପୋଲିସ । ଗଞ୍ଜେଇ ଓ ବ୍ରାଉନସୁଗର ଖୋଲା ମେଲାରେ ବିକ୍ରି ହେଉଛି ଏହାକୁ ଖାଇବା ପାଇଁ ଅସାମାଜିକ ଯୁବକମାନେ ବିଭିନ୍ନ ସ୍ଥାନରୁ ଚୋରି କରୁଛନ୍ତି ।

ଚୋରୀ ସାମଗ୍ରୀ ଗୁଡିକୁ କାଣ୍ଡସର ଅଞ୍ଚଳରେ ଥିବା କବାଡି ବ୍ୟବସାୟୀକୁ ବିକ୍ରି କରୁଛନ୍ତି ଉକ୍ତ ବ୍ୟବସାୟୀମାନେ ତିନି ବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ଆୟ କରିଛନ୍ତି । କାହା ଛତ୍ରଛାୟା ତଳେ ରହି କବାଡିଆ ମାନେ ବେଆଇନ କାରବାର କରୁଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହେଉଛି । ଥାନାରେ ବର୍ଷେ କିମ୍ବା ଦୁଇ ବର୍ଷରେ ଆଇଆଇସି ବଦଳି ହେଉଛନ୍ତି କିନ୍ତୁ ଅନେକ କର୍ମଚାରୀ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଦି ମାଡି ବସିଛନ୍ତି । ଫଳରେ ଅନେକ ମକଦ୍ଦମାର ତଦନ୍ତ ବାଟବଣା ହେଉଛି ବୋଲି ଜନସାଧାରଣ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଠାରେ ପ୍ରକାଶ କରିଛନ୍ତି ।

# ଦେଉଳଝରୀ ଶୈବ ପୀଠରେ କାଉଡିଆଙ୍କ ଜଳଲାଗି



ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ଅଞ୍ଚଳର ମହାନ ଶୈବ ପୀଠ ଦେଉଳଝରୀରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର କାଉଡିଆ ଆସି ଜଳ ଲାଗି କରିଥିବା ଜଣାପଡିଛି ।ପୂଜକଙ୍କ ଦ୍ୱାରା ରାତି ଦୁଇଟାରୁ ମନ୍ଦିର ଖୋଲାଯାଇ ବାବା ଶୀଧେଶର ଙ୍କ ନିକଟରେ ଯଥା ପୂଜା ରୀତିନୀତି ସମ୍ପନ୍ନ କଲାପରେ ରାତି ତିନି ଟା ରୁ ଜଳ ଲାଗି ଆରମ୍ଭ ହୋଇଥିଲା । ପ୍ରଶାସନ ତରଫରୁ ଦେବତ୍ତର ସହାୟକ ନଗେନ ରାଉତ ଉପସ୍ଥିତ ଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ ।ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଅସ୍ଥାୟୀ କ୍ୟାମ୍ପ କରା ଯାଇଥିଲା ।ମନ୍ଦିର ପୂଜକ କମିଟିର ସଭାପତି ବିନୋଦ ବଡ଼ମାଳି, ସମ୍ପାଦକ ଭବାନୀ ଶଙ୍କର ବଡ଼ମାଳି ଙ୍କ ସମେତ ପୂଜକ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।କାଉଡିଆ ମାନେ ଏକ ଲମ୍ବା ଲାଇନ ରେ ଠିଆ ହୋଇ ବୋଲବମ, ହରହର ମହାଦେବ ଧ୍ୱନି ଦେଉଥିଲେ ।

# ତ୍ରିରଙ୍ଗାର ଗୌରବରେ ଉତ୍ସବମୁଖର ଢେଙ୍କାନାଳ


ଢେଙ୍କାନାଳ,(ସବ୍ୟୁ) :ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ଗର୍ବର ଭାବନାରେ ସୋମବାର ଉତ୍ସବମୁଖର ହୋଇ ଉଠିଥିଲା ଢେଙ୍କାନାଳ ସହର। ହର ଘର ତ୍ରିରଙ୍ଗା, ଅଭିଯାନର ଅଂଶ ସ୍ୱରୂପ ଢେଙ୍କାନାଳରେ ଆୟୋଜିତ ଏକ ବିଶାଳ ତ୍ରିରଙ୍ଗା ରାଲିରେ ଶତାଧିକ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ଉତ୍ସାହର ସହ ସାମିଲ ହୋଇଥିଲେ। ସୋମବାର ସକାଳ ପ୍ରାୟ ୮ଟା ସମୟରେ ବାଜିରୌକ ଠାରୁ ଏହି ରାଲିକୁ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଜିରୌକ ଠାରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆୟୋଜିତ ଏହି ରାଲିରେ ଅଂଶଗ୍ରହଣ କାରୀମାନେ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ନାରା ଦେଇ ଆଗେଇ ଚାଲିଥିଲେ। ହର ଘର ତ୍ରିରଙ୍ଗା ଧ୍ୱନିରେ ରାଲି ପଥ ପ୍ରତିଧ୍ୱନିତ ହୋଇଥିଲା

# ଟ୍ରେନରୁ ପଡି ଯୁବ ଇଞ୍ଜିନିୟର ମୃତ, ହିନ୍ଦୋଳରେ ଶୋକର ଛାୟା



ହିନ୍ଦୋଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଯୁବଇଞ୍ଜିନିଅରଙ୍କ ମୃତ୍ୟୁରେ ଅଞ୍ଚଳ ସ୍ତବ୍ଧ । ଖବରରୁ ପ୍ରକାଶ ବାଉଁଶପୋଖରୀ ପଞ୍ଚାୟତ ଡ଼ିହସାହି ଗ୍ରାମର ଜିତେନ୍ଦ୍ର ବେହେରାଙ୍କ ପୁଅ ତଥା ହିନ୍ଦୋଳର ଯୁବସାମ୍ବାଦିକ ସୁଜିତ ବେହେରାଙ୍କ ପୁତୁରା ଯୁବଇଞ୍ଜିନୀୟର ଶକ୍ତିପ୍ରସାଦ ବେହେରା(୨୧) ଚେନ୍ନାଇରୁ ଗ୍ରାମକୁ ଅମୃତଭାରତ ଟ୍ରେନ ଯୋଗେ ଫେରୁଥିବା ବେଳେ ଗତ କାଲି ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ଟ୍ରେନ ରୁ ଖସି ପଡ଼ି ମୃତୁବରଣ କରିଥିଲେ । ଏହି ଖବର ବିଜୁଳି ବେଗରେ ଖେଳିଯାଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା ।ତେବେ ଶକ୍ତିଙ୍କ ଦାଦା ସାମ୍ବାଦିକ ସୁଜିତ ବେହେରା ଶକ୍ତିର ପାଠ ପଢ଼ିବାର ଝୁଙ୍କ ଦେଖି ପାଠପଢା ସମ୍ପୂର୍ଣ୍ଣ ଦାଇତ୍ୱ ବହନ କରିଥିଲେ ।ମେଟ୍ରିକରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ଇଲେକଟ୍ରିକାଲରେ ଅନୁଗୋଳରେ ଡିପ୍ଲୋମା ତାପରେ ପରବର୍ତ୍ତୀ ସମୟରେ ଶକ୍ତି ବି. ଟେକ କରି ସଫଳତା ପାଇବା ପରେ ତାମିଲନାଡୁ ଚେନାଇର ଏକ କମ୍ପାନୀରେ ଇଞ୍ଜିନିୟର ଭାବେ ନିଯୁକ୍ତି ହୋଇଥିଲେ ।ତେବେ ବ୍ରହ୍ମପୁରରେ ଶବବ୍ୟବଚ୍ଛେଦ ହେବା ପରେ ଶକ୍ତିଙ୍କ ମର ଶରୀର ନିଜ ଗ୍ରାମ ଡ଼ିହସାହିରେ ପହଞ୍ଚିବା ପରେ ଗାଁ ଦାଣ୍ଡ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇ ଥିଲା । ଶକ୍ତି ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ନିଜ ଗ୍ରାମ ସ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇ ଥିଲା ।

# ସାଂସଦ ଏଫଏମ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ



ନୀଳଗିରି,(ସବ୍ୟୁ): ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪ର ଧାରା ୯(୧)(ଖ) ଅନୁଯାୟୀ ବାଲେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଫକୀର ମୋହନ (ଏଫଏମ)ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତିଙ୍କ ଆଦେଶକ୍ରମେ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି।ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶ୍ରୀ ଷଡ଼ଙ୍ଗୀଙ୍କ ଏହି ମନୋନୟନ ତାଙ୍କ ସାଂସଦ ପଦର କାର୍ଯ୍ୟକାଳ ସମାପ୍ତ ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ଜାରି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଓ ପରାମର୍ଶଦାତା ସଂସ୍ଥା ଭାବେ ପରିଚିତ ସିନେଟରେ ଶ୍ରୀ ଷଡ଼ଙ୍ଗୀଙ୍କ ମନୋନୟନକୁ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଉଛି। ତାଙ୍କ ଅଭିଜ୍ଞତା ଓ ଦୀର୍ଘଦିନର ସାର୍ବଜନିକ ସେବା ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ପ୍ରଶାସନିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଆଖଣ୍ଡଳମଣିଙ୍କୁ ଜଳାଭିଷେକ କଲେ ଲକ୍ଷାଧିକ କାଉଡ଼ିଆ

ଆରଡି,(ସବ୍ୟୁ): ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ବାବାଙ୍କୁ ଜଳଲାଗି କରିଛନ୍ତି ଲକ୍ଷାଧିକ କାଉଡ଼ିଆ । ବାବାଙ୍କ ଜଳାଭିଷେକ କରିବା ପାଇଁ ରବିବାର ମଧ୍ୟରାତ୍ରରୁ ସୋମବାର ସନ୍ଧ୍ୟା ଯାଏଁ ୨୪ଘଣ୍ଟା ଧରି ଲକ୍ଷାଧିକ କାଉଡ଼ିଆ ଭକ୍ତଙ୍କ ଭିଡ଼ ଲାଗିଥିଲା ଆରଡି ପୀଠରେ। ଲକ୍ଷାଧିକ କାଉଡିଆ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ଓ ପୁଲିସ ପ୍ରଶାସନ ପକ୍ଷରୁ ପୀଠରେ ସୁରକ୍ଷା ବ୍ୟବସ୍ଥା ସହ ୨୪ଘଣ୍ଟିଆ ପାନୀୟଜଳ ଯୋଗାଣ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରାଯାଇଥିଲା। ସେହିପରି ମନ୍ଦିର ପରିସରରେ ୨୪ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବା ସହିତ ଆରଡି ମେଡିକାଲରେ ସ୍ୱତନ୍ତ୍ର ଡାକ୍ତର ଟିମ୍ ସହ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ବିଶେଷକରି କାଉଡିଆ ଭକ୍ତଙ୍କର ଶୃଙ୍ଖଳିତ ଜଳଲାଗି ଓ ଦର୍ଶନ ନିମନ୍ତେ ଉତ୍ତର ଏସପି ମନୋଜ ରାଉତଙ୍କ ନେତୃତ୍ୱରେ ଏଏସପି ଅଂଶୁମାନ ଦ୍ୱିବେଦୀ,ଧାମନଗର ଏସଡିପିଓ ବିଶ୍ୱରଞ୍ଜନ ବାରିକ,ଧୂଷୁରିଥାନା ଅଧିକାରୀ ଅଭୟ ସୁବର୍ଣ୍ଣ ବାରେ,ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ସହ ୬ଜଣ ଡିଏସପି,୨୫ଜଣ ଅଫିସର,୧୨ପ୍ଲାଟୁନ ପୁଲିସ ଫୋର୍ସ ଟ୍ରାଫିକ ଅଫିସର ସଜାଗ ରହିଥିଲେ। ତାହାସହ ନଦୀ ପଥରେ ଆସୁଥିବା କାଉଡିଆ ଭକ୍ତଙ୍କର ସୁରକ୍ଷାକୁ ଆଖି ଆଗରେ ରଖି ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମୁତୟନ ରହିଥିଲେ। ମନ୍ଦିର ଭିତରେ ଓ ବାହାରେ କାଉଡିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭଦ୍ରକ ସଦସ୍ୟବାକ୍ୟ ସେବା ସଂଗଠନ ଓ ପାରବାରିକ୍ଷିତ ବାବାମଣି ମହାବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର ଦାଶଙ୍କ ନେତୃତ୍ୱରେ ୩୦ଜଣ ଛାତ୍ରଛାତ୍ରୀ ଓ ଆଖଣ୍ଡଳମଣି ମହାବିଦ୍ୟାଳୟ ୨୫ଜଣ ଛାତ୍ରଛାତ୍ରୀ ପୁଲିସ ସହ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ମନ୍ଦିର ବେଢ଼ା ଓ ତତ୍ପୋଖରୀରେ ସଫେଇ କାର୍ଯ୍ୟ କରିଥିଲେ। ସେହିପରି କାଉଡିଆଙ୍କ ସୁବିଧା ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀସଂସ୍ଥା ପକ୍ଷରୁ ନିଃଶୁଳ୍କରେ ୪୦ହଜାରରୁ ଊର୍ଦ୍ଧ୍ୱ କାଉଡିଆଙ୍କ ପାଇଁ ପ୍ରସାଦ ବିତରଣ ସହ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା।

# ବନ୍ୟାଞ୍ଚଳ ବୁଲି ଦେଖିଲେ ସଞ୍ଜୟ ଦାସ ବର୍ମା

ଧାମନଗର,(ସବ୍ୟୁ): ବନ୍ୟା ପରେ ଧାମନଗର ବ୍ଲକର ଅନେକ ଅଂଚଳରେ ଲୋକଙ୍କ ଦୁର୍ଦ୍ଦଶା ଜାରି ରହିଥିବାବେଳେ,ବନ୍ୟାର ସପ୍ତାହ ପରେ ମଧ୍ୟ ଅନେକ ପ୍ରଭାବିତ ପରିବାରଙ୍କ ନିକଟରେ ସରକାରୀ ରିଲିଫ୍ ପହଂଚି ନଥିବା ଅଭିଯୋଗ ଉଠିଛି। ଏପରି ପରିସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମଙ୍ଗଳବାର ଦିନ ଧାମନଗର ବ୍ଲକର ବନ୍ୟା ଓ ଜଳବନ୍ଦୀ ପ୍ରଭାବିତ ଅଂଚଳ ଗସ୍ତ କରି କ୍ଷତିଗ୍ରସ୍ତଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସାହସପୁର ପଂଚାୟତର ଡାଙ୍ଗିଣୀ ଛକ,ବମକୁରା ପଂଚାୟତର ଦେଉଳବନ୍ଧ, ଜୋବସାହି, ଖଡ଼ିମାହାଡ଼ା ଓ ଘାଟସାହି,ହଳଦୀପଦା ପଂଚାୟତର ଅନନ୍ତପୁର, ଅସୁରା, ଗୋପବନ୍ଧୁନଗର, ଅର୍ଜୁନପୁର ପଂଚାୟତର ମଠସାହି,ବାଲିପାଟଣା,ଦେଉଳିସାହି ଓ ସଇଲୋ ଠାରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା କୋଚିଲା ନଦୀ ବନ୍ଧ ଅଂଚଳ ବୁଲି ବନ୍ୟାର ସ୍ଥିତି ପରଖିଥିଲେ। ଚାଷୀମାନେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଧାନ ତଳି ଦେଖାଇ ନିଜ ଦୁଃଖ ବଖାଣିବା ସହ କ୍ଷତିପୂରଣ ଦାବି କରିଥିଲେ।ବହୁ ସ୍ଥାନରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପହଂଚି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବମକୁରା ପଞ୍ଚାୟତର ଘାଟସାହି ମୁଖ୍ୟ ରାସ୍ତା ଉପରେ ଏବେ ମଧ୍ୟ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଯାତାୟାତ ବ୍ୟାହତ ହେଉଥିବାବେଳେ,ଗେଙ୍ଗୁଟି ନଦୀ କୂଳରେ ଅଧୁରା ପଡ଼ିଥିବା ସେତୁ ବନ୍ଧ କାମ ପ୍ରତିବର୍ଷ ବନ୍ୟା ବିପଦକୁ ବଢ଼ାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଉଦବେଗ ପ୍ରକାଶ କରିଥିଲେ। ଅପରାହ୍ନରେ ହସନାବାଦ ସ୍ଥିତ ସ୍ୱାଧୀନତାସଂଗ୍ରାମୀଙ୍କ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ,ବନ୍ୟା ସମୟରେ ରିଲିଫ୍ ବଣ୍ଟନ,ଉଦ୍ଧାର ଓ ଆଶ୍ରୟ ଆଦି କ୍ଷେତ୍ରରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ପ୍ରଭାବିତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହି ଗସ୍ତରେ ବିଜେଡିର ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ,ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ,ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ,ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ,ଧାମନଗର ଏନ୍ଏସି ଚେୟାରମ୍ୟାନ୍ ନିବେଦିତା ଜେନା,ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଲା ବିଶ୍ୱାଳ,ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦ ଦେବ ସାମଲ, ଜିଲ୍ଲା ଯୁବ ସଭାପତି ରାକେଶ ପଣ୍ଡା,ଧାମନଗର ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳେଇ,ବମକୁରା ପଂଚାୟତ ସରପଂଚ ନରେନ୍ଦ୍ର ନାରାୟଣ ନାୟକ, ସମେତ ବହୁ ବିଜେଡି ନେତା,କର୍ମୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।



ଦୁର୍ଘଟଣା ଏଡ଼ାଇବାକୁ କରଞ୍ଜିଆ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ବୁଲା ଗୋରୁଗାଈଙ୍କ ବେକରେ ଲଗାଗଲା ରେଡିଅମ ଫିତା

# ବନ୍ୟା ପ୍ରଭାବିତ ଗ୍ରାମରେ ରିଲିଫ ବାଣ୍ଟିଲେ ପିସିସି ସଭାପତି

ବାସୁଦେବପୁର,(ସବ୍ୟୁ): ବାସୁଦେବପୁରର ବନ୍ୟା ପ୍ରଭାବିତ ଅଂଚଳ ଲୁଙ୍ଗା ପଂଚାୟତର ମଉଜୁଡ଼ି ଓ ବଡ଼କିଆରୀ ଗ୍ରାମକୁ ଓଡିଶା ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସ ଗସ୍ତ କରି ରିଲିଫ ବଣ୍ଟନ କରିଛନ୍ତି। ବାସୁଦେବପୁର ବନ୍ୟା ପ୍ରଭାବିତଙ୍କୁ ଲକ୍ଷ୍ୟ କରି ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସହଯୋଗ ହାତ ବଢ଼ାଇଛି। ଭଦ୍ରକ ଜିଲ୍ଲା ପରେଜରେ ବାଳା ଯୋଗାଇ ଦେଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟିର ଓଡିଶା ପ୍ରଭାରୀ ଲାଲାଜୀ ଭାଇ ଦେଶାଇ,ପିସିସି ସଭାପତି ଭକ୍ତଚରଣ ଦାସ,ମହିଳା କଂଗ୍ରେସର ସଭାପତି ମିନାକ୍ଷୀ ବାହିନୀପତି,ପୂର୍ବତନ ସାଂସଦ ଅନନ୍ତ ସେଠୀ,ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ,ଅସିତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବନ୍ୟା ବିପନ୍ନଙ୍କ ସହିତ ଆଲୋଚନା କରି ଚୁଡା,ଗୁଡ,ବିସ୍କୁଟ ଓ ବନ୍ୟା ପାଣିପସି ଘର ଭାଙ୍ଗି ଯାଇଥିବା କିଛି ଲୋକଙ୍କୁ ପଲିଥିନ ପ୍ରଦାନ କରିଥିଲେ।

# ଅଫିସ ନିର୍ଦ୍ଦେଶକୁ ବେଖାତିର ସହକାରୀ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

ଖଇରା,(ସବ୍ୟୁ): ଅଫିସ ନିର୍ଦ୍ଦେଶକୁ ବେଖାତିର କରିବା ଅଭିଯୋଗରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଖଇରା ବ୍ଲକ ଅଧୀନ ପାଣିସାଇଁକି ଡିପିୟୁପି ବିଦ୍ୟାଳୟର ଶିକ୍ଷୟିତ୍ରୀ ଲତିକା ଖଟୁଆଙ୍କ ଦରମା ବନ୍ଦ କରିଛନ୍ତି । ଖଇରା ବ୍ଲକରେ ଶିକ୍ଷାବର୍ଷ ଆରମ୍ଭରୁ ଅଧିକାଂଶ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ତରଫରୁ ଅସନ୍ତୋଷ ପ୍ରକାଶ ପାଉଥିଲା । ଜିଲ୍ଲାପାଳଙ୍କ ବଦଳି ବୈଠକରେ ଜଣିକିଆ ଶିକ୍ଷକ ଥିବା ବିଦ୍ୟାଳୟକୁ ଅଧିକ ଶିକ୍ଷକ ଥିବା ସ୍କୁଲରୁ ଶିକ୍ଷକ ବଦଳି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି କ୍ରମରେ ପାଣିସାଇଁକିସ୍ଥିତ ଡିପିୟୁପି ସ୍କୁଲର ଶିକ୍ଷୟିତ୍ରୀ ଲତିକା ଖଟୁଆଙ୍କ ବଦଳି ଚିଠିନମ୍ବର ୨୨୬୭ ତା ୧୬/୭/୨୬ରେ ଜଣେ ଶିକ୍ଷକ ଥିବା ଗୁଡିଆଣି ପ୍ରାଥମିକ ବିଦ୍ୟାଳୟକୁ କରାଯାଇଥିଲା । ଏବଂ ସେହି ୧୭ତାରିଖ ଅପରାହ୍ନ ସୁଦ୍ଧା ଗୁଡିଆଣିଆରେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା । ହେଲେ ୨୩ଦିନ ଅତିକ୍ରାନ୍ତ ହୋଇଥିବା ପରେ ଅଫିସ ଆଦେଶ ନମାନିବା ଅଭିଯୋଗରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତାଙ୍କ ଦରମା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କ ପ୍ରତିକ୍ରିୟା ନିଆଯିବାରେ ଅଫିସ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ ରଖାଯାଇଛି । ସେ ୧୮ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାକୁ ଜଣାଇଛନ୍ତି । ଯୋଗ ନଦେବା ପର୍ଯ୍ୟନ୍ତ ଦରମା ବନ୍ଦ ରଖାଯିବ ବୋଲି କହିଛନ୍ତି । ସେହିଭଳି ମାଟିଆଳପଦା ଓ ମଙ୍ଗଳପଡା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଏବେ ସୁଦ୍ଧା ଜଣେ ଲେଖାଏଁ ଶିକ୍ଷକରେ ଚାଲୁଥିବାରୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବାକୁ ,ପରିଚାଳନା କମିଟି,ଅଭିଭାବକ ଓ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଟିଉସନ ଛାତ୍ରୀଙ୍କୁ ଅସଦାଚରଣ ଶିକ୍ଷକ କୋର୍ଟଚାଲାଣ

ଖଇରା,(ସବ୍ୟୁ): ଟିଉସନ ପଢ଼ୁଥିବା ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଖଇରା ପୋଲିସ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ଡଗରପଡ଼ା ଗ୍ରାମର ଶ୍ରୀକାନ୍ତ ଦାସ(୫୩)ଙ୍କୁ ରବିବାର କୋର୍ଟ ଚାଲାଣ କରିଛନ୍ତି । ଔପଦା ବ୍ଲକର ଗରୁଡ଼ହେଦା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନିଜ ଘର ଡଗରପଡା ଗ୍ରାମରେ । ସେ ଟିଉସନ କରୁଥିବା ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଭାବକ ଖଇରା ଥାନାରେ ଅଭିଯୋଗ କରିବା ପରେ ଖଇରା ପୋଲିସ ଏକ ମାମଲା(୨୦୬/୨୬) ରୁଜୁ କରି ତଦନ୍ତ ଚଳାଉଥିଲା।

# ଦିଅର ସହ ଭାଉଜ ଫେରାରକୁ ନେଇ ଆଲୋଡ଼ନ

ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ କଟୁଆଡ଼ ପଞ୍ଚାୟତ ତଥା ସେହି ଗ୍ରାମର ଜଣେ ମହିଳା ନିଜ ଦିଅର ସହ ପ୍ରେମ ସମ୍ପର୍କ ରଖି ଫେରାର୍ ହୋଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ୧୨ ବର୍ଷ ପୂର୍ବରୁ ଗ୍ରାମର ରଘୁନାଥ ପାତ୍ରଙ୍କ ସହ ଉକ୍ତ ମହିଳାଙ୍କ ବିବାହ ହୋଇଥିଲା । ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ଥିଲା ଓ ୨ ଜଣ ପୁତ୍ର ସନ୍ତାନ (୪ ଓ ୯ ବର୍ଷ) ଙ୍କୁ ନେଇ ପରିବାର ହସଖୁସିରେ ଚାଲିଥିଲା। ସ୍ୱାମୀ ହାଇଦ୍ରାବାଦରେ କାମ କରି ଘର ଚଳାଉଥିଲେ । ହେଲେ ଗତ ମଙ୍ଗଳବାର ଦିନ ସେହି ଗ୍ରାମର ଜଣେ ସମ୍ପର୍କୀୟ ଦିଅରଙ୍କ ସହ ମହିଳା ଜଣକ ଘରୁ ଲୁଚି ପଳାଇଛନ୍ତି ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଉକ୍ତ ମହିଳାଙ୍କ ୨ ପୁଅ ତାଙ୍କୁ ବିକଳ ହୋଇ ଖୋଜୁଥିବା ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଛି।

# ପିଲା ଚୋରି ସନ୍ଦେହ : ମହିଳା ଅଟକ

ବାଲେଶ୍ୱର,(ସବ୍ୟୁ): ପିଲା ଚୋର ସନ୍ଦେହରେ ବାଲିଆପାଳ ବ୍ଲକ୍ ଜମ୍ବୀ ପଞ୍ଚାୟତ ସୁନ୍ଦରକୋଇଲି ଗ୍ରାମରୁ ଜଣେ ମହିଳାଙ୍କୁ ଧରିଛି ପୁଲିସ । ସୂଚନା ଅନୁଯାୟୀ ମହିଳା ଜଣକ ଗ୍ରାମର ଏକ ଛୋଟ ପିଲାକୁ କୁର୍କୁରେ ପ୍ୟାକେଟ୍ ଦେଖାଇ ପାଖକୁ ଡାକିଥିଲେ ଓ ପିଲାଟିକୁ ଟେକି ନେବାକୁ ଉଦ୍ୟମ କରୁଥିଲେ । ଗ୍ରାମବାସୀ ଏହା ଦେଖିପାରି ମହିଳାଙ୍କୁ କାବୁ କରି ନେଇଥିଲେ। ଖବର ପାଇ ଜାମକୁଣ୍ଡା ଫାଣ୍ଡି ପୁଲିସ ପହଞ୍ଚି ସନ୍ଦିଗ୍ଧ ମହିଳାଙ୍କୁ ଫାଣ୍ଡିକୁ ନେଇ ଅଧିକ ପଚରା ଉଚରା କରୁଛି।

# ଓଲ୍ଟିଂ ଦୋକାନରୁ କର୍ମଚାରୀଙ୍କ ଚୋରି ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବଜାର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଓଲ୍ଟିଂ ଦୋକାନରୁ ଜନୈକ କର୍ମଚାରୀ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ତୁରତ ଗ୍ରାମର ସନ୍ତୋଷ କୁମାର ଦାଶଙ୍କ ଓଲ୍ଟିଂ ଦୋକାନରେ ଅନ୍ୟ କର୍ମଚାରୀମାନଙ୍କ ସହ ଧାମନଗର ଥାନା ତାର୍ମଳା ଗ୍ରାମର ସୁଶାନ୍ତ କୁମର ଧଳ ଗତ କିଛି ଦିନ ଧରି ନୂତନ ଭାବେ କାର୍ଯ୍ୟ କରୁଥିଲେ। ସୁଶାନ୍ତ ଓଲ୍ଟିଂ ଦୋକାନରେ ରାତ୍ରଯାପନ ମଧ୍ୟ କରୁଥିଲେ। ଗତ ୨୭ ତାରିଖ ରାତ୍ର ପାୟ ୪ଟା ରେ କଟର ସହାୟତାରେ ଦୋକାନ ବାକ୍ସ କାଟି ନଗଦ ୬୦ ହଜାର ଟଙ୍କା ସହ ୪୦ ହଜାର ଟଙ୍କା ମୂଲ୍ୟର ଯନ୍ତ୍ରପାତି ଚୋରି କରି ନେଇଥିଲା ବୋଲି ଦୋକାନ ମାଲିକ ଗତ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ରବିବାର ରାତ୍ରରେ ୩୮୩/୨୬ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

# ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡ଼ିଆଙ୍କ ଭିଡ଼

ନୀଳଗିରି,(ସବ୍ୟୁ): ଶ୍ରାବଣ ମାସର ଚର୍ତୁଥ ସୋମବାରରେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର କାଉଡିଆଙ୍କ ଭିଡ଼ ।ଧଖିବାକୁ ମିଳିଛି ।ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଲଗାଣ ବର୍ଷାରେ ଯୋଗୁଁ ଦେବଗିରି ପାହାଡ଼ର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠ ପଥର ଖୋଲ ଦେଇ ତଳକୁ ଯାଉଛି। ପାଣିର ସ୍ରୋତ ପ୍ରଖର ଥିବାରୁ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ କାଉଡିଆ ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଛି। କାଉଡିଆ ଓ ପର୍ଯ୍ୟଟକ କେବଳ ପୂଜା ମଣ୍ଡପ ପର୍ଯ୍ୟନ୍ତ ଯାଇ ପୂଜା କରିଥିଲେ। ଏହା ସହ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଶେରଗଡ଼ ରୁ ନୀଳଗିରି, ଝରଣଘାଟି ରୁ ନୀଳଗିରି ଓ ମିତ୍ରପୁର, ସନ୍ତରାଗଡ଼ିଆ ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା, ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି। ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାଗ୍ରହଣ କରାଯାଇଥିବା ପୋଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

# ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟର ରିଲିଫ ବଣ୍ଟନ

ଅସୁରାଳି,(ସବ୍ୟୁ): ବନ୍ୟା ପ୍ରଭାବିତ ଧାମନଗର ବ୍ଲକରେ ଭୁବନେଶ୍ୱରସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ ପକ୍ଷରୁ ରିଲିଫ ବିତରଣ କରାଯାଇଛି। ରବିବାର ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସର ଅଧ୍ୟକ୍ଷ ଯୁବ ସମାଜସେବୀ ଆଲୋକ କୁମାର କରଙ୍କ ନେତୃତ୍ୱରେ ବନ୍ୟା କ୍ଷତିଗ୍ରସ୍ତ ଧୂଷୁରୀ ବିଜ୍ଞାପିତ ଅଂଚଳ ପରିଷଦର ବିଭିନ୍ନ ୱାର୍ଡ ଏବଂ ପଧାନି ପଂଚାୟତରେ ବିପନ୍ନଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ପାଖାପାଖି ୫ ଶହ ପରିବାରକୁ ରିଲିଫ ଆକାରରେ ଚୂଡ଼ାମୁଢ଼ି,ବିସ୍କୁଟ,ଚିନି,ଅଟା,କ୍ୟାଣ୍ଡେଲ ଆଦି ବିତରଣ କରଯାଇଥିଲା। ଏହି ସାମାଜିକ ସେବାରେ ଧୂଷୁରୀ ଏବଂ ପଧାନି ଅଂଚଳର ସ୍ୱେଚ୍ଛାସେବୀ ଯୁବକଙ୍କ ସହିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସର ପଦାଧିକାରୀ ଏବଂ ଶିକ୍ଷା କର୍ମଚାରୀମାନେ ସାମିଲ ହୋଇଥିଲେ।

# ଶୋଭନୀୟ ଶିକ୍ଷାଶ୍ରମ ପ୍ରତିଷ୍ଠା ଦିବସ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା ଶୋଭନୀୟ ଶିକ୍ଷାଶ୍ରମ ୨୫ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ,ସରପଂଚ ପ୍ରକାଶ ବିଶ୍ୱାଳ,ଶିକ୍ଷାବିତ ମହେନ୍ଦ୍ର ନାୟକ,ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଶିକ୍ଷାବିତ ପ୍ରୀତିଶକାନ୍ତ ଶତପଥୀ, ପଞ୍ଚାନନ ପୃଷ୍ଟି,ଭୋଳାନାଥ ନାୟକ,ପ୍ରଦୀପ ପୁହାଣ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷାଶ୍ରମର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରାକ୍ତନ ସରପଂଚ ରବିନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ସିଂହ ସ୍ୱାଗତ ଭାଷଣ ଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ବୁଧବାର ଦିନ ଭିମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଅସ୍ଥିଶଲ୍ୟ ବିଭାଗରେ ୧୮୦,ଚକ୍ଷୁରେ ୫୨,ମାନସିକ ଅଗ୍ରସର ବିଭାଗରେ ୩୯,ବିବିଧରେ ୧୪ଜଣ ମୋଟ ୨୮୫ ଜଣ ପଞ୍ଜିକରଣ କରିବା ପରେ ଡାକ୍ତରଙ୍କ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ତଥା ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଏଥିରେ ଯୋଗଦେଇଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ ଏହି ଶିବିରକୁ ଉଦଘାଟନ କରିଥିଲେ । ତେବେ ନାଶା,କର୍ଣ୍ଣ ଓ ଗଳା ବିଭାଗରେ କୌଣସୀ ଡାକ୍ତର ଆସିନଥିବାରୁ ଦୁରଦୁରାନ୍ତରୁ ଆସିଥିବା ପାଖାପଖି ୫୦ଜଣ ଦିବ୍ୟାଙ୍ଗ ନିରାଶାରେ ଫେରିଯିବାକୁ ବାଧ୍ୟ ହୋଇଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ–୨୦୨୬ ପାଳନ ବୈଠକ

ବାଲେଶ୍ୱର,(ସବ୍ୟୁ): ଆସନ୍ତା ଅଗଷ୍ଟ ୧୫ ତାରିଖରେ ଜିଲ୍ଲା ସ୍ତରରେ ପାଳନ ହେବାକୁ ଥିବା ୮୦ ତମ ସ୍ୱାଧୀନତା ଦିବସ–୨୦୨୬କୁ ସୁଚାରୁ, ସୁରକ୍ଷିତ, ଶୃଙ୍ଖଳିତ ଓ ଗରିମାମୟ ଭାବରେ ପାଳନ କରିବା ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳଙ୍କ ସଭାକକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସ ପାଳନର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ବିଭାଗକୁ ପାରସ୍ପରିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଜଣାଇଥିଲେ। ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଉପସ୍ଥିତ ରହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପ୍ରବୋଧ କୁମାର ମଲ୍ଲିକ ସ୍ୱାଧୀନତା ଦିବସର ବିବରଣୀ ପଠନ କରିଥିଲେ । ସଭା ଶେଷରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ହେବାକୁ ଥିବା ମୁଖ୍ୟ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପତାକା ଉତ୍ତୋଳନ, ପ୍ୟାରେଡ୍, ସମ୍ମାନ ରକ୍ଷୀଙ୍କ ଅଭିବାଦନ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରିବା ସହ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ବର୍ଷ ବନ୍ଧୁତପୂର୍ଣ୍ଣ କ୍ରିକେଟ ଖେଳ ବଦଳରେ ଫୁଟବଲ ଖେଳ କରାଯିବାର ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ସ୍ୱାଧୀନତା ଦିବସରେ ପ୍ରତ୍ୟୁଷ ୪ଟାରେ ରାମଧୂନ ପରିବେଷଣ କରାଯିବ । ସକାଳ ୯ଟା୧୫ ରେ ପୋଲିସ ପ୍ୟାରେଡ୍ ପଡ଼ିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ।

# ରବିନ୍ଦ୍ର ବେଜଙ୍କ ଏକାଦଶାହରେ ସ୍ମୃତିସଭା

ଢେଙ୍କିକୋଟ,(ସବ୍ୟୁ): ସାମପାଟଣା ବ୍ଲକ ମଲ୍ଲିପଶି ଠାରେ ସ୍ୱର୍ଗତ ରବିନ୍ଦ୍ରନାଥ ବେଜଙ୍କ ଏକାଦଶାହ କାର୍ଯ୍ୟକ୍ରମରେଏକ ସ୍ମୃତିସଭାଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ଏହି ସଭାରେ ସର୍ବଶ୍ରୀ କମଳାକାନ୍ତ ଦାସ, ବିନୋଦ ନାୟକ, କୈଳାସ ଚନ୍ଦ୍ର ବାରିକ, ବିଦ୍ୟାଧର ମହାନ୍ତ,ଧରଣୀଧର ଦାସ, ଶଶିଭୂଷଣ ଦାରୀ, କମଳାକାନ୍ତ ପତି, ସଚିଦାନନ୍ଦ ସେଠି, ସରପଞ୍ଚ ଭାମାମଣି ଦାସ,ଗଣମାଧ୍ୟମ ପ୍ରତିନିଧିମାନେ ସ୍ମୃତି ଚାରଣ କରିଥିଲେ । ଉକ୍ତ ସ୍ମୃତିସଭା କୁ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ ।


# କୋଇଡ଼ା ଖଣି ଅଞ୍ଚଳରେ ଆଇନ ଅମାନ୍ୟ ଆନ୍ଦୋଳନ : ରାଜରାସ୍ତାରେ ବିକ୍ଷୋଭ

ଯୋଡ଼ା, (ସବ୍ୟୁ): କୋଇଡ଼ା ଖଣି ଅଞ୍ଚଳରେ ତେଜିଲା ଆଇନ ଅମାନ୍ୟ ଆନ୍ଦୋଳନ । କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧୀନ କର୍ମଚାରୀ ଫେଡେରେସନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ଆଇନ ଅମାନ୍ୟ ଓ ଜେଲଭରୋ ଆନ୍ଦୋଳନ ଡାକରା ଦିଆଯାଇଛି । ଏହାର ପ୍ରଭାବ କୋଇଡ଼ା ଖଣି ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଛି ।ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ୧୧ ଦଫା ଦାବି ନେଇ ଆନ୍ଦୋଳନକାରୀମାନେ ସରକାରଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି । ୪ଟି ଶ୍ରମ କୋଡ ବାତିଲ, ମହିଳାଙ୍କ ରାତ୍ରୀକାଳୀନ ଡ୍ୟୁଟି ବନ୍ଦ, ଚାଷୀଙ୍କ ଫସଲକୁ ଏମଏସପି, ବିଦ୍ୟୁ ଘରୋଇକରଣ ଓ ସ୍ମାର୍ଟ ମିଟର ବନ୍ଦ ଭଳି ଦାବି ରହିଛି । ଏହାସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ଚାଷୀ ଋଣ ଛାଡ଼, ସାର୍ବଜନୀନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ସୁନିଶ୍ଚିତ, ଏନଇଇଟି ଓ ସିବିଏସଇ ପରୀକ୍ଷା ଅନିୟମିତତାର ତଦନ୍ତ ଏବଂ ୮ ଘଣ୍ଟିଆ କାର୍ଯ୍ୟଦିବସ ଭଳି ଦାବି ଉଠିଛି ।ଦରଦାମ ବୃଦ୍ଧି ନିୟନ୍ତ୍ରଣ ସହ ବିଭିନ୍ନ ଦାବି ପୂରଣ ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି । ଆନ୍ଦୋଳନକୁ ନଜରରେ ରଖି କୋଇଡ଼ା ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି ।

# ଝାଉଁ ଜଙ୍ଗଲ କାଟି ମାଛଚାଷ କରୁଛନ୍ତି ଦୁର୍ବୃତ୍ତ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତର ସମୁଦ୍ର ବେଳାଭୂମିରେ ଝାଉଁ ଜଙ୍ଗଲ କାଟି ମାଛ ଚାଷ କରୁଛନ୍ତି ଦୁର୍ବୃତ୍ତମାନେ। କାଞ୍ଚନଗାଡିଆ ଗ୍ରାମ ନିକଟସ୍ଥ ବେଳାଭୂମିରେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲକୁ ସଫା କରି ଚାଷ ଜମି କରି ସାରିଲେଣି। ପୋଖରୀ ଖୋଳି ମାଛ ଚାଷ ମଧ୍ୟ ଚାଲିଛି। କେବଳ ଜମ୍ବିରାଇ ନୁହେଁ ନୂଆଗାଁ, ଅଳାଡିହା, ବେତଗଡ଼ିଆ, ଡଗରା, ଚଉମୁଖ ପଞ୍ଚାୟତରେ ମଧ୍ୟ ସମାନ ପରିସ୍ଥିତି। କଙ୍କଡ଼ାପାଳଠାରୁ ଚାଉଳତି ଯାଏଁ ଦୀର୍ଘ ୨୦ କିମି ଲମ୍ବର ସମୁଦ୍ର ବେଳାଭୂମିରେ ଥିବା ହଜାର ହଜାର ଏକର ଜଙ୍ଗଲ ଜମିରେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲକୁ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ଲୋକମାନେ ସଫା କରି ସାରିଲେଣି। କାଠ ମାଫିଆମାନେ ଜଙ୍ଗଲ ଧ୍ୱଂସ କରିବା ସହିତ ବାଲିମାଫିଆମାନେ ବାଲି ତାଡ଼ି ନେଉଛନ୍ତି। ସମୁଦ୍ର ଦାଉରୁ ବେଳାଭୂମି ସୁରକ୍ଷା ପାଇଁ ସୁଉଚ୍ଚ ବାଲୁକା ବନ୍ଧ ସହିତ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଥିଲା ବେଳେ ତାହା ଏବେ ପଦା ହୋଇଗଲାଣି। ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଚଉମୁଖ, ଡଗରା, ହଂସକରା, କଷାଫଳଠାରେ ବିଟ୍ କର୍ମଚାରୀ ଓ ଲଙ୍ଗଳେଶ୍ୱରରେ ବନ ଅଧିକାରୀ ଥାଇ ବି ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଲୋକେ ଅସନ୍ତୋଷ ଝାଡ଼ିଛନ୍ତି । ଏ ବାବଦରେ ଲଙ୍ଗଳେଶ୍ୱର ବନ ଅଧିକାରୀ ବିଜୟ କୁମାର ସାହୁଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ୍ ସହାୟତା




ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ବନ୍ୟା ପରିସ୍ଥିତିରେ ଫକୀରମୋହନ (ଏଫଏମ)ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନବିକତାର ହାତ ବଢ଼ାଯାଇଛି। ବନ୍ୟା ପ୍ରଭାବିତ ରେମୁଣା ବ୍ଲକ ଅନ୍ତର୍ଗତ ବଡ଼ପାଳ ଗ୍ରାମପଞ୍ଚାୟତର ଆଦିବାସୀ ବସବାସ କରୁଥିବା ଝାମ୍ପୁରା ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତ ପରିବାରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିଲିଫ୍ ସହାୟତା ପ୍ରଦାନ କରାଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଚୁଡ଼ା, ଗୁଡ଼, ବିସ୍କୁଟ, ମହମବତୀ, ଦିଆସିଲି, ଗାଧୋଇବା ସାବୁନ, ଲୁଗା ସଫା କରିବା ଗୁଣ୍ଡ, ଦାନ୍ତ ଘଷିବା ପେଷ୍ଟ ସମେତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ସହାୟତା ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ସହ କାର୍ଯ୍ୟକ୍ରମ ଅଧିକାରୀ ଅଭୟ କୁମାର ନାୟକ ଓ ଡକ୍ଟର ସ୍ମୃତିରେଖା ସାହୁ, ଅଧ୍ୟାପକ–ଅଧ୍ୟାପିକା, ଗବେଷକ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏହି ସହଯୋଗମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଭଳି ଦୁର୍ବିପାକ ସମୟରେ ପ୍ରଭାବିତ ଓ ଅସହାୟ ଲୋକଙ୍କ ସହ ଠିଆ ହେବା ସହ ଆବଶ୍ୟକ ସମୟରେ ତ୍ୱରିତ ସହାୟତା ପହଞ୍ଚାଇବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ସର୍ବଦା ପ୍ରତିବଦ୍ଧ। ଏଭଳି ସାମାଜିକ ସେବା ଓ ଜନସମ୍ପୃକ୍ତିମୂଳକ ପଦକ୍ଷେପ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ସାମାଜିକ ଦାୟିତ୍ୱବୋଧ ଓ ଜନସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଆସୁଛି।

# ନିତ୍ୟାନନ୍ଦ ପୁର – କୁଣ୍ଡେଇ – ଘୁଙ୍ଗି ରାସ୍ତା ମରଣଯନ୍ତା

# ଉନ୍ନତିକରଣ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ



କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ କୋଡିପଶା ପଞ୍ଚାୟତର ଦୁଇ ଆଦିବାସୀ ବହୁଳ ଗାଁ କୁଣ୍ଡେଇ ଓ ଘୁଙ୍ଗିକୁ ସଂଯୋଗ କରୁଥିବା ନିତ୍ୟାନନ୍ଦ – କୁଣ୍ଡେଇ – ଘୁଙ୍ଗି ରାସ୍ତା ପାଲଟିଛି ମରଣଯନ୍ତା। ବଡ ଗାଡି କ'ଣ ସାଇକେଲ ଗଡିବା ବି କଷ୍ଟ। ଆବଶ୍ୟକ ବେଳେ ଆମ୍ବୁଲାନ୍ସ ଆସି ପାରୁନାହିଁ । ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବା ଅସହ୍ୟ ହୋଇ ପଡିଛି। ଏପରି ଅଭିଯୋଗ ଆଣି ଆଦିବାସୀ ଲୋକେ ମୁଖ୍ୟମନ୍ତ୍ରୀ ଯେକି ତାଙ୍କ ବିଧାୟକ, ତାଙ୍କୁ ଦରଖାସ୍ତ ଲେଖିଛନ୍ତି ଏହାର ଉନ୍ନତିକରଣ ପାଇଁ। ଜିଲ୍ଲାର ବାଂଶପାଳ ବ୍ଲକ ଏବଂ ହରିଚନ୍ଦନ ପୁର ବ୍ଲକ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତ ଓ କୋଡିପଶା ପଞ୍ଚାୟତର ତିନୋଟି ଗ୍ରାମର ଅନ୍ୟୁନ ଦୁଇ ହଜାର ଲୋକ ଏଇ ନିତ୍ୟାନନ୍ଦ ପୁର – କୁଣ୍ଡେଇ – ଘୁଙ୍ଗି ରାସ୍ତା ଉପରେ ବଜାର କାମ,ଡ଼ାକ୍ତରଖାନାରେ ଚିକିତ୍ସା, କୋର୍ଟ କଚେରୀ ମାମଲା ପ୍ରଭୃତି କାମ ପାଇଁ ନିର୍ଭର କରିଥାନ୍ତି। ଏଇ ସବୁ ଗାଁର ଲୋକ ବ୍ୟତୀତ, କୁଣ୍ଡେଇ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅନେକ ଛାତ୍ର ଛାତ୍ରୀ ଏ ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତାର ମରାମତି କାହିଁ କେଉଁ କାଳରେ ହୋଇଥିଲା। ଏବେ ଲଗାଣ ବର୍ଷାରେ ରାସ୍ତା ବହୁ ସ୍ଥାନରେ ଭାଙ୍ଗି ଯାଇଛି। ଗାଡି ଗଡିବା ଅସମ୍ଭବ ହୋଇ ପଡିଛି। ଏବେବି ମାଟି ରାସ୍ତା ହୋଇ ରହିଛି। ରାସ୍ତା ଏପରି ଅବସ୍ଥାକୁ ଆସିବାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ରାସ୍ତାର ଅବସ୍ଥା, ଆବଶ୍ୟକ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଲୋକଙ୍କ ଅସୁବିଧାକୁ ବିଚାର କୁ ନେଇ , ଏ ନିତ୍ୟାନନ୍ଦ ପୁର – କୁଣ୍ଡେଇ – ଘୁଙ୍ଗି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ କରିବାକୁ , ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଲୋକେ ତାଙ୍କ ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଦେଖିବାକୁ ବାକି ରହିଲା କେବେ ଏ ରାସ୍ତା ମରାମତି ହେଉଛି। ମୁଖ୍ୟମନ୍ତ୍ରୀ ଏ ଆଦିବାସୀଙ୍କ ଦୁଃଖ କେବେ ଶୁଣୁଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଶାଳ ପ୍ରତିବାଦ ପ୍ରଦର୍ଶନ




କେନ୍ଦୁଝର . (ଜିପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମିକ, ଚାଷୀ ଓ ଜନବିରୋଧୀ ନୀତି ପ୍ରତିବାଦରେ ସୋମବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ, କ୍ଷେତ୍ରୀୟ ଫେଡେରେସନ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁଏକବିଶାଳ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀମାନେ ଶ୍ରମିକ ଓ କୃଷକମାନଙ୍କର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ଉପସ୍ଥାପନ କରିଛନ୍ତି।ଏହି ପ୍ରତିବାଦ ସଭାରେ ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ୪ଟି ଶ୍ରମକୋଡ଼ ବାତିଲ, ୮ ଘଣ୍ଟିଆ କାର୍ଯ୍ୟ ଦିବସ ସୁନିଶ୍ଚିତ, ଧର୍ମଘଟ ଅଧିକାର ଉପରେ କଟକଣା ପ୍ରତ୍ୟାହାର, ନିର୍ଦ୍ଦିଷ୍ଟ ସମୟ ପାଇଁ ନିଯୁକ୍ତିବ୍ୟବସ୍ଥା ଉଚ୍ଛେଦ।ଚାଷୀଙ୍କ ସମସ୍ତ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଚାଷୀ ଋଣ ଛାଡ଼, ଏମ.ଏନ.ରେଗା ପୁନର୍ବାହାଲ ସହ ଦୈନିକ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି ।ଅସଂଗଠିତ ଓ ସ୍କିମ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମାସିକ ମଜୁରୀ ୪୨,୦୦୦ ଟଙ୍କା ନିର୍ଦ୍ଧାରଣ ଏବଂ ସାମାଜିକ ସୁରକ୍ଷା ଯୋଜନା।ବିଦ୍ୟୁ ସଂଶୋଧନ ବିଲ–୨୦୨୫ ବାତିଲ, ବିଦ୍ୟୁତ , ସରକାରୀ ସଂସ୍ଥା, ବିଭାଗ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ଆଉଟସୋର୍ସିଂ ନୀତି ଓ ଜାତୀୟ ମୁଦ୍ରାକରଣ ନୀତି ବାତିଲ।ନୂଆ ପେନସନ/ୟୁ.ପି.ଏସ. ବାତିଲ କରି ପୁରୁଣା ପେନସନ ବ୍ୟବସ୍ଥା ପ୍ରଚଳନ ଏବଂ ଇ.ପି.ଏସ. ପେନସନ ବୃଦ୍ଧି ।ସରକାରୀ ବିଭାଗରେ ଥିବା ସମସ୍ତ ଖାଲି ପଦବୀ ପୂରଣ ,ନିଟ ଓ ସି.ବି.ଏସ.ଇ. ପରୀକ୍ଷା ଦୁର୍ନୀତି ଏବଂ ପ୍ରଶ୍ନପତ୍ର ପ୍ରଘଟର ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ଓ ସ୍ୱାସ୍ଥ୍ୟ ବଜେଟ ବୃଦ୍ଧି ଆଦି ରହିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଆଜି ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଯଦି ସରକାର ଦାବିଗୁଡ଼ିକ ଉପରେ ଶୀଘ୍ର ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ସଭାପତି ଇନ୍ଦ୍ରମଣି ବେହେରା ସୂଚନା ଦେଇ କହିଛନ୍ତି ।

# ସମ୍ପାଦକୀୟ

## ବିଭ୍ରାନ୍ତିକର ଖବର ପ୍ରକାଶନ ଉପରେ କଟକଣା ରହୁ

ବିଭ୍ରାନ୍ତିକର ଖବର ବିଭିନ୍ନ ଗଣମାଧ୍ୟମ ବା ବିଶେଷ କରି ସାମାଜିକ ଗଣମାଧ୍ୟମ ଜରିଆରେ ଆମ ସମାଜକୁ ପ୍ରଭାବିତ କରୁଛି । ଏ ବିଷୟରେ କେନ୍ଦ୍ର ସରକାର କିମ୍ବା ସଂସଦ ଅବଶ୍ୟ କଟକଣା କରିଥାନ୍ତି । ମଝିରେ ମଝିରେ ଇଣ୍ଟରନେଟକୁ ବନ୍ଦ କରିଦେଇଥିଲେ ମଧ୍ୟ ଏଥିପାଇଁ ସମ୍ଭବତଃ ସମ୍ପୂର୍ଣ୍ଣ ଆଇନ ପ୍ରଣୟନ କରାଯାଇ ନାହିଁ । ଫଳରେ ଏବର ମୋବାଇଲ୍ ଯୁଗରେ କେତେକ ୱେବ୍ ଚ୍ୟାନେଲ ଜରିଆରେ ବିଭିନ୍ନ ସାମାଜିକ ଓ ରାଜନୈତିକ ଘଟଣାକୁ ନେଇ ଯେପରି ବିଭ୍ରାନ୍ତି କରାଯାଉଛି, ତାହା ଏବେ ତ ଆମ ସମାଜକୁ କଳୁଷିତ କରୁଛି, ଶସ୍ତା ଲୋକପ୍ରିୟତା ପାଇଁ ୱେବ୍ ଚ୍ୟାନେଲ୍‌ଗୁଡ଼ିକ ନିଜ ନିଜର ଟିଆର୍‌ପି ବଢ଼ାଇ ଚାଲିଛନ୍ତି । ମୋବାଇଲ୍ ଯେତିକି ଭଲ, ସେତିକି ମଧ୍ୟ ଖରାପ । ଏଥିରେ ବିଭିନ୍ନ ଧରଣର ଖେଳ ଖେଳି ମଧ୍ୟ ଅନେକ ନୀରିହ ଛାତ୍ରଛାତ୍ରୀଙ୍କ ଜୀବନ ଚାଲିଯାଉଛି । ସ୍ୱାଧୀନତା ପରେ ପ୍ରିଣ୍ଟ ମିଡିଆ ବା ଖବରକାଗଜଗୁଡ଼ିକ ଉପରେ କଟକଣା ପାଇଁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଆଇନ ୧୯୬୫) ବଳରେ 'ପ୍ରେସ୍ କାଉନ୍‌ସିଲ' ଗତ ୧୯୬୬ ଜୁଲାଇ ୪ ତାରିଖରେ ଗଠିତ ହୋଇଥିଲା । ମାତ୍ର ଜରୁରିକାଳୀନ ପରିସ୍ଥିତି ପରେ ୧୯୭୯ରେ ୧୯୭୮ର ପ୍ରେସ୍ କାଉନସିଲ୍ ଆଇନ ବଳରେ ଏହା ପୁନର୍ଗଠିତ ହୋଇଥିଲା । ୧୯୭୫ ମସିହା ଜୁନ୍ ୨୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ପରିସ୍ଥିତି ଜାରି କରିବା ବେଳେ ଏହି ପ୍ରେସ କାଉନ୍‌ସିଲ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିଲା ।

**ଓଡ଼ିଶାର ପ୍ରଥମ ରାଜବନ୍ଦିନୀ ଓ ନିର୍ବାଚିତା ବିଧାୟିକା ସରଳା ଦେବୀଙ୍କ ଜନ୍ମ ତାରିଖକୁ ନେଇ କେତେକ ସଙ୍ଗଠନର ଦଲାଲ ବିଭିନ୍ନ ଗଣମାଧ୍ୟମରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି । କିନ୍ତୁ ତାହା ଫଳପ୍ରଦ ହୋଇପାରୁ ନାହିଁ । କାରଣ ଅସଲ ପ୍ରମାଣ ସେମାନଙ୍କ ପାଖରେ ନ ଥିବାରୁ ବିଧାନସଭା ୱେବସାଇଟରେ ସରଳା ଦେବୀଙ୍କ ଜନ୍ମ ତାରିଖକୁ ନେଇ ସେମାନେ ବିଭ୍ରାନ୍ତି କରୁଛନ୍ତି ।**

ଭାରତରେ ବେଆଇନ ବିଷୟବସ୍ତୁ ଥିବା ସାମାଜିକ ଗଣମାଧ୍ୟମକୁ ଏବେ ପ୍ରାଥମିକ ଭାବେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ ୨୦୦୦ (Information Technology (Intermediary Guidelines and Digital Media Ethics Code) Rules, 2021) ଜରିଆରେ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିଛି । ବେଆଇନ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ବିଷୟବସ୍ତୁକୁ ବିଚାର ବିଭାଗର ଆଦେଶ କିମ୍ବା ସରକାରୀ ଏଜେନ୍ସିର ନୋଟିସ ବଳରେ ତିନି ଘଣ୍ଟା ମଧ୍ୟରେ ନିୟନ୍ତ୍ରିତ ହେବାର ବ୍ୟବସ୍ଥା ହୋଇଛି । କେନ୍ଦ୍ର ସରକାର ମଧ୍ୟ କୃତ୍ରିମ ବୁଦ୍ଧିମତା (ଏଆଇ) ଜରିଆରେ ଏସବୁକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି ।

ସରକାରଙ୍କ ଦୋଷ ଦୁର୍ବଳତାକୁ ନେଇ ସାମାଜିକ ଗଣମାଧ୍ୟମରେ ବିଶେଷକରି ମୋବାଇଲ ଜରିଆରେ ଯେଉଁସବୁ ଶସ୍ତା କଥାମାନ ଛାଡ଼ାଯାଏ, ସମ୍ବାଦପତ୍ରଠାରୁ ତାହାର ପ୍ରଭାବ ଅନେକ ସମୟରେ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଏପରିକି ଶିକ୍ଷିତ ଲୋକଙ୍କ ଉପରେ ପଡ଼ିଥାଏ । କୌଣସି କୌଣସି ଅନୁଷ୍ଠାନର ଦୁର୍ନୀତିଗ୍ରସ୍ତ ଲୋକେ ମଧ୍ୟ ଅନ୍ୟ ଅନୁଷ୍ଠାନକୁ ବଦନାମ କରାଇବା ଲାଗି ସାମାଜିକ ଗଣମାଧ୍ୟମର ଅପବ୍ୟବହାର କରିଥାଆନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଓଡ଼ିଶାର ପ୍ରଥମ ରାଜବନ୍ଦିନୀ ଓ ନିର୍ବାଚିତା ବିଧାୟିକା ସରଳା ଦେବୀଙ୍କ ଜନ୍ମ ତାରିଖକୁ ନେଇ କେତେକ ସଙ୍ଗଠନର ଦଲାଲ ବିଭିନ୍ନ ଗଣମାଧ୍ୟମରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି । କିନ୍ତୁ ତାହା ଫଳପ୍ରଦ ହୋଇପାରୁ ନାହିଁ । କାରଣ ଅସଲ ପ୍ରମାଣ ସେମାନଙ୍କ ପାଖରେ ନ ଥିବାରୁ ବିଧାନସଭା ୱେବସାଇଟରେ ସରଳା ଦେବୀଙ୍କ ଜନ୍ମ ତାରିଖକୁ ନେଇ ସେମାନେ ବିଭ୍ରାନ୍ତି କରୁଛନ୍ତି । ମାତ୍ର ବିଧାନସଭାରେ ସରଳା ଦେବୀଙ୍କ ଜନ୍ମ ତାରିଖ ସଂକ୍ରାନ୍ତରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ ବୋଲି ସୂଚନା ଅଧିକାରର ଦରଖାସ୍ତ ଭିତ୍ତିରେ ସେମାନେ ସୂଚାଇଛନ୍ତି । ଏପରି କ୍ଷେତ୍ରରେ ବିଭ୍ରାନ୍ତି କରୁଥିବା ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ମାନ୍ୟବର ବାଚସ୍ପତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଓଡ଼ିଶାର ସଚେତନ ଶିକ୍ଷିତ ଗୋଷ୍ଠୀ ଅନୁଭବ କରୁଛନ୍ତି ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆନ୍ଦୋଳନ ଦ୍ୱାରା ପରିବର୍ତ୍ତନ ସମ୍ଭବ କି?



**ମାନସ କୁମାର କର**

ସ୍ୱାଧୀନତା ପୂର୍ବରୁ ହେଉ କି ସ୍ୱାଧୀନତା ପରେ, ଆନ୍ଦୋଳନ, ଧର୍ମଘଟ, ଅନଶନ ଓ ଧାରଣା ଭାରତୀୟ ଗଣତନ୍ତ୍ରର ଇତିହାସର ଏକ ଅବିଚ୍ଛିନ୍ନ ଅଂଶ । ଏହି ସଂଘର୍ଷଗୁଡ଼ିକ ମଧ୍ୟରୁ ଅନେକ ଜନସ୍ୱାର୍ଥ ଓ ରାଷ୍ଟ୍ରହିତର ନାମରେ ଆରମ୍ଭ ହୋଇଥିଲେ ମଧ୍ୟ, ବାସ୍ତବରେ ସେଗୁଡ଼ିକ ବ୍ୟକ୍ତିଗତ ସ୍ୱାର୍ଥ, ରାଜନୈତିକ ଅଭିଳାଷ ଏବଂ ଲୋକମତକୁ ପ୍ରଭାବିତ କରିବାର ଏକ ମାଧ୍ୟମରେ ପରିଣତ ହୋଇଛି । ଫଳସ୍ୱରୂପ, ସେପରି ଆନ୍ଦୋଳନ ଦୀର୍ଘସ୍ଥାୟୀ ସାମାଜିକ ପରିବର୍ତ୍ତନ ଆଣିବାରେ ବିଫଳ ହୋଇଛି ।

ବିଶ୍ୱର ଅନେକ ଦେଶ ଆନ୍ଦୋଳନକୁ ପରିବର୍ତ୍ତନର ଶକ୍ତିଶାଳୀ ହାତିଆର ଭାବେ ବ୍ୟବହାର କରି ଶିକ୍ଷା, ରୋଜଗାର, ସାମାଜିକ ନ୍ୟାୟ ଏବଂ ଅର୍ଥନୈତିକ ସୁଦୃଢ଼ତା ହାସଲ କରିଛନ୍ତି । କିନ୍ତୁ ଭାରତରେ ଆନ୍ଦୋଳନର ଅର୍ଥ ପ୍ରାୟତଃ ସ୍ଲୋଗାନ୍, ପରିଚୟର ରାଜନୀତି ଏବଂ ନୂତନ ନେତୃତ୍ୱ ସୃଷ୍ଟିରେ ସୀମିତ ରହିଯାଇଛି । ତାହାର ପରିଣାମ ହେଉଛି, ସ୍ୱାଧୀନତାର ସାତ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆମେ ଆଜି ବି ସେହି ପୁରୁଣା ପ୍ରଶ୍ନରେ ଅଟକି ରହିଛୁ-ରାସ୍ତାରେ ସବୁଠାରୁ ଉଚ୍ଚ ସ୍ୱରରେ କିଏ ନାରା ଦେଇପାରିବ, କାହାର ଭିଡ଼ ଅଧିକ ଏବଂ କିଏ ନିଜକୁ ସବୁଠାରୁ ବଡ଼ ଜନନେତା ଭାବେ ପ୍ରତିଷ୍ଠିତ କରିପାରିବ । ଅଥଚ ବିଦ୍ୟାଳୟ, ହସ୍ପିଟାଲ ଓ ରୋଜଗାର ପାଇଁ ଲୋକଙ୍କ ଲମ୍ବା ଧାଡ଼ି ଆଜି ମଧ୍ୟ ଅପରିବର୍ତ୍ତିତ ରହିଛି । ଇତିହାସ ସାକ୍ଷୀ, ଯେଉଁ ଆନ୍ଦୋଳନ ବ୍ୟବସ୍ଥାର ମୌଳିକ ସଂସ୍କାରକୁ ଲକ୍ଷ୍ୟ କରିଥିଲା, ସେଗୁଡ଼ିକ ଇତିହାସରେ ସ୍ଥାନ ପାଇଛି । କିନ୍ତୁ ଯେଉଁ ଆନ୍ଦୋଳନ କେବଳ ପରିଚୟ, ଜାତି, ଧର୍ମ କିମ୍ବା ଭାଷାର ରାଜନୀତିରେ ସୀମିତ ରହିଥିଲା, ସେଗୁଡ଼ିକ ସମୟ ସହିତ ଲୋକମାନଙ୍କ ସ୍ମୃତିରୁ ମଧ୍ୟ ଲୋପ ପାଇଯାଇଛି ।

ଗତ କେତେ ବର୍ଷ ମଧ୍ୟରେ ବିଶ୍ୱରେ ପ୍ରାୟ ତିନି ଶହ ବଡ଼ ଆନ୍ଦୋଳନ ଘଟିଛି । ସେଥିମଧ୍ୟରୁ ପ୍ରାୟ ଦୁଇ-ତୃତୀୟାଂଶ ଆନ୍ଦୋଳନ ପେଟ ପାଇଁ ଦାନା, ଶରୀର ପାଇଁ ବସ୍ତ୍ର, ଖରା, ବର୍ଷା, ଶୀତରୁ ରକ୍ଷାପାଇବା ପାଇଁ ବାସଗୃହ , ଶିକ୍ଷା ଓ ରୋଜଗାର ପରି ଜନଜୀବନ ସହ ଜଡ଼ିତ ମୌଳିକ ପ୍ରସଙ୍ଗକୁ କେନ୍ଦ୍ର କରିଥିଲା ଏବଂ ସେଗୁଡ଼ିକ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ଅନ୍ୟପକ୍ଷରେ ଭାରତରେ ପଚାଶରୁ ଅଧିକ ବଡ଼ ଆନ୍ଦୋଳନ ହୋଇଥିଲେ ମଧ୍ୟ, ସେଗୁଡ଼ିକର ଅଧିକାଂଶ ଆରକ୍ଷଣ, ଧର୍ମ, ଭାଷା କିମ୍ବା ପରିଚୟର ରାଜନୀତିକୁ କେନ୍ଦ୍ର କରି ଆବର୍ତ୍ତିତ ହୋଇଛି । ଏହି କାରଣରୁ ସେଗୁଡ଼ିକର ପ୍ରଭାବ ଦୀର୍ଘସ୍ଥାୟୀ ସାମାଜିକ କିମ୍ବା ଅର୍ଥନୈତିକ ପରିବର୍ତ୍ତନରେ ପରିଣତ ହୋଇ ପାରିନାହିଁ ।

ମହାତ୍ମା ଗାନ୍ଧିଙ୍କ ସ୍ୱାଧୀନତା ଆନ୍ଦୋଳନ ପରେ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ଐତିହାସିକ ରେଳ ଧର୍ମଘଟ, ଜୟପ୍ରକାଶ ନାରାୟଣଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନ ଏବଂ ଅନ୍ନା ହଜାରେଙ୍କ 'ଦୁର୍ନୀତି ବିରୋଧୀ ଅଭିଯାନ' ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଉଲ୍ଲେଖନୀୟ । ଏହି ଆନ୍ଦୋଳନଗୁଡ଼ିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାର ସ୍ୱପ୍ନ ଦେଖାଇଥିଲେ ମଧ୍ୟ, ପରବର୍ତ୍ତୀ ସମୟରେ ସତ୍ତାକେନ୍ଦ୍ରିକ ରାଜନୀତି ସେଗୁଡ଼ିକର ମୂଳ ଉଦ୍ଦେଶ୍ୟକୁ ଧୀରେ ଧୀରେ କ୍ଷୀଣ କରିଦେଇଛି । ତ୍ୟାଗ, ବଳିଦାନ ଓ ଜନସ୍ୱାର୍ଥର ଆଦର୍ଶ ଉପରେ ରାଜନୈତିକ ସ୍ୱାର୍ଥର ଛାୟା କବଳିତ କରିଛି ।

ଏହି ଆନ୍ଦୋଳନମାନଙ୍କ ପ୍ରଭାବରେ ସରକାର କିଛି ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରିଥିଲେ ସତ୍ୟ, ସେଗୁଡ଼ିକର କାର୍ଯ୍ୟକାରୀ ପ୍ରୟୋଗ ଅନେକ କ୍ଷେତ୍ରରେ ଅଧାବାଟରେ ଅଟକି ରହିଯାଇଛି । ଯେପରି ସୂଚନା ଅଧିକାର ଆଇନ (RTI) ସ୍ୱଚ୍ଛତାର ଏକ ଶକ୍ତିଶାଳୀ ଅସ୍ତ୍ର ହେବାକୁ ଥିଲା, କିନ୍ତୁ ତାହା ଅନେକ ସମୟରେ କେବଳ ସୂଚନା ପ୍ରଦାନର ଔପଚାରିକତାରେ ସୀମିତ ହୋଇ ରହିଗଲା । ଲୋକପାଳ ବ୍ୟବସ୍ଥା ଗଠିତ

**ଲୋକପାଳ ବ୍ୟବସ୍ଥା ଗଠିତ ହେଲା, କିନ୍ତୁ ଦୁର୍ନୀତି ନିୟନ୍ତ୍ରଣରେ ଆଶାନୁରୂପ ଫଳ ମିଳିଲା ନାହିଁ । ସେହିପରି କୃଷକ ଆନ୍ଦୋଳନ ମଧ୍ୟ କୃଷି ଆଇନ ପ୍ରତ୍ୟାହାର ପରେ ସମାପ୍ତ ହୋଇଗଲା କିନ୍ତୁ କୃଷି କ୍ଷେତ୍ରର ଦୀର୍ଘମିଆଦି ସଂସ୍କାରର ପ୍ରଶ୍ନରେ ହିଁ ରହିଗଲା ।**

ହେଲା, କିନ୍ତୁ ଦୁର୍ନୀତି ନିୟନ୍ତ୍ରଣରେ ଆଶାନୁରୂପ ଫଳ ମିଳିଲା ନାହିଁ । ସେହିପରି କୃଷକ ଆନ୍ଦୋଳନ ମଧ୍ୟ କୃଷି ଆଇନ ପ୍ରତ୍ୟାହାର ପରେ ସମାପ୍ତ ହୋଇଗଲା କିନ୍ତୁ କୃଷି କ୍ଷେତ୍ରର ଦୀର୍ଘମିଆଦି ସଂସ୍କାରର ପ୍ରଶ୍ନରେ ହିଁ ରହିଗଲା ।

ସମୟ ସହିତ ଆନ୍ଦୋଳନର ଚରିତ୍ର ମଧ୍ୟ ବଦଳିଛି । ସରକାର ସହ ଗଠନମୂଳକ ସଂଳାପର ସ୍ଥାନରେ ମୁହାଁମୁହିଁ ସଂଘର୍ଷ, ସଂଯମର ସ୍ଥାନରେ ଉତ୍ତେଜନା ଏବଂ ଯୁକ୍ତିର ସ୍ଥାନରେ ଭିଡ଼ର ମନୋବୃତ୍ତି ପ୍ରାଧାନ୍ୟ ପାଇଛି । ଫଳରେ ଯେଉଁ ଆନ୍ଦୋଳନଗୁଡ଼ିକ ପ୍ରକୃତ ସମସ୍ୟାର ସମାଧାନ ପାଇଁ ହୋଇଥାଏ, ସେଗୁଡ଼ିକ ମଧ୍ୟ ଅନେକ ସମୟରେ ଅବ୍ୟବସ୍ଥା ଓ ବିଶୃଙ୍ଖଳାର ପ୍ରତୀକ ହୋଇପଡୁଛି ।

ଦାବି ବାରମ୍ବାର ବଦଳିବା, ଆନ୍ଦୋଳନକୁ ଗାଳିଗୁଲଜର ମଞ୍ଚରେ ପରିଣତ କରିବା ଏବଂ ବ୍ୟକ୍ତିଗତ ନେତୃତ୍ୱ ପ୍ରଦର୍ଶନର ସୁଯୋଗ ଭାବେ ବ୍ୟବହାର କରିବାର ପ୍ରବୃତ୍ତି ଆଜି ସାଧାରଣ ଘଟଣାରେ ପରିଣତ ହୋଇଛି । ସ୍ପଷ୍ଟ ଲକ୍ଷ୍ୟ ଓ ସମାଧାନର ଅଭାବରେ କେବଳ ପ୍ରତିବାଦ ପାଇଁ ପ୍ରତିବାଦ କରାଗଲେ ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହୋଇଯାଏ । ଏପରି ପରିସ୍ଥିତିରେ ସାଧାରଣ ଲୋକଙ୍କ ସହାନୁଭୂତି ହ୍ରାସ ପାଏ ଏବଂ ଆନ୍ଦୋଳନ ଧୀରେ ଧୀରେ ବିସ୍ମୃତିର ଗର୍ଭରେ ହଜିଯାଏ ।

ଏହା ସହିତ ଆଉ ଏକ ଗମ୍ଭୀର ପ୍ରଶ୍ନ ଉଠେ । ଆମର ଗୁଇନ୍ଦା ଓ ସୁରକ୍ଷା ବ୍ୟବସ୍ଥା କି ଏତେ ଦୁର୍ବଳ ଯେ, କେଉଁଠି କେଉଁ ପ୍ରକାର ଷଡ଼ଯନ୍ତ୍ର ରଚାଯାଉଛି କିମ୍ବା ଆଇନ-ଶୃଙ୍ଖଳା ଭଙ୍ଗ କରିବାର ଯୋଜନା ହେଉଛି, ତାହା ପୂର୍ବରୁ ଜାଣି ପାରୁନାହାନ୍ତି ? ନା ସମ୍ପୃକ୍ତ ସୂଚନା ମିଳିଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆ ଯାଉନାହିଁ ? ପ୍ରଶାସନ, ପୁଲିସ ଏବଂ ସରକାର ସମୟୋଚିତ ପଦକ୍ଷେପ ନେବାରେ ବିଫଳ ହେଲେ ପରିସ୍ଥିତି ହାତଛଡ଼ା ହୋଇଯାଏ, ଏକଥା ସମସ୍ତେ ଜାଣନ୍ତି । ଅନେକ ସମୟରେ କ୍ଷତି ଘଟିସାରିବା ପରେ ହିଁ ଚେତା ପଶେ, ଯାହା ଶାସନ ବ୍ୟବସ୍ଥାର ଦୁର୍ବଳତାକୁ ସ୍ପଷ୍ଟ କରେ ।

ପ୍ରଶ୍ନ ଉଠୁଛି-ଏହି ପରିସ୍ଥିତି ପାଇଁ ଦାୟୀ କିଏ? ଏକ ଦେଶ କେବଳ ମାନଚିତ୍ରରେ ଅଙ୍କିତ ଭୂଖଣ୍ଡ କିମ୍ବା ପ୍ରତୀକାତ୍ମକ ମୂର୍ତ୍ତି ନୁହେଁ ଦେଶର ପ୍ରକୃତ ପରିଚୟ ହେଉଛି ତାହାର ନାଗରିକଙ୍କ ସମ୍ମାନଜନକ ଜୀବନ । କେବଳ ଅଭିଯୋଗର ପାହାଡ଼ ଗଢ଼ିବା ନୁହେଁ, ବରଂ ତାହାର ସମାଧାନ ପାଇଁ ସକାରାତ୍ମକ ପ୍ରସ୍ତାବ ରଖିବା ହିଁ ଏକ ସୁସ୍ଥ ଗଣତନ୍ତ୍ରର ପରିଚୟ । ଆନ୍ଦୋଳନ ସରକାର ବଦଳାଇ ପାରନ୍ତି, କିନ୍ତୁ ଶୃଙ୍ଖଳା, ଦାୟିତ୍ୱବୋଧ ଓ ସାମୂହିକ ସହଯୋଗ ହିଁ ଦେଶ ଗଢ଼ିଥାଏ ।

ଯଦି ଅମୂଳକ ପ୍ରଶ୍ନ ଉଠାଇବା, ନିଜକୁ ଆଇନଠାରୁ ଉପରେ ମନେକରିବା ଏବଂ ବ୍ୟକ୍ତିଗତ ଇଚ୍ଛାକୁ ଗଣତାନ୍ତ୍ରିକ ଅଧିକାରର ପର୍ଯ୍ୟାୟବାଚୀ ବୋଲି ଧରିନେବାର ପ୍ରବୃତ୍ତି ଜାରି ରହେ, ତେବେ ଇତିହାସ କାହାକୁ ମନେ ରଖିବ ନାହିଁ । ବୁଝିବାକୁ ହେବ, ଆନ୍ଦୋଳନ ଗଣତନ୍ତ୍ରର ଇଞ୍ଜିନ୍ ସଦୃଶ-ଏହା ଉନ୍ନତିର ଗତିକୁ ବଢାଇ ପାରେ, ପୁଣି ଅସାବଧାନତାରେ ଦୁର୍ଘଟଣାର କାରଣ ମଧ୍ୟ ହୋଇପାରେ । ପ୍ରକୃତ ପ୍ରଶ୍ନ ହେଉଛି, ବିଶ୍ୱର ଅନେକ ଦେଶ ଆନ୍ଦୋଳନକୁ ସାମାଜିକ ପରିବର୍ତ୍ତନର ଶକ୍ତିରେ ପରିଣତ କରିଥିବାବେଳେ ଭାରତ କାହିଁକି ସେହି ଲକ୍ଷ୍ୟରେ ପଛରେ ରହିଯାଇଛି ? ଦକ୍ଷିଣ କୋରିଆ ଶିକ୍ଷା, ଶିଳ୍ପାୟନ ଓ ଦୁର୍ନୀତିମୁକ୍ତ ପ୍ରଶାସନକୁ କେନ୍ଦ୍ର କରି ଆଜି ବିଶ୍ୱର ଅଗ୍ରଣୀ ଅର୍ଥନୀତିମାନଙ୍କ ମଧ୍ୟରେ ସ୍ଥାନ ପାଇଛି । ଜାପାନର ଛାତ୍ର ଆନ୍ଦୋଳନ ଦେଶକୁ ପ୍ରଯୁକ୍ତିଶକ୍ତିରେ ପରିଣତ କରିଛି । ତାଇୱାନରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ଗଣମାଧ୍ୟମର ସ୍ୱାଧୀନତା ଓ ସେମିକଣ୍ଡକ୍ଟର ଶିଳ୍ପ ବିଶ୍ୱନେତୃତ୍ୱ ହାସଲ କରିଛି । ଆମେରିକାରେ ନାଗରିକ ଅଧିକାର ଆନ୍ଦୋଳନ ସାମାଜିକ ସମାନତାର ନୂଆ ଦିଗ ଖୋଲି ପାରିଛି ଏବଂ ପରିବେଶ ଓ ଜଳବାୟୁକୁ ନେଇ ହୋଇଥିବା ଜନ ଆନ୍ଦୋଳନ ନୀତି ନିର୍ଦ୍ଧାରଣରେ ଗଭୀର ପ୍ରଭାବ ପକାଇଛି ।

ଅନ୍ୟପକ୍ଷରେ, ବିଶ୍ୱର ସର୍ବବୃହତ୍ ଯୁବଶକ୍ତି ଥିବା ସତ୍ତ୍ୱେ ଭାରତର ଏକ ବଡ଼ ଜନସଂଖ୍ୟା ଏପର୍ଯ୍ୟନ୍ତ ଦାରିଦ୍ର୍ୟ, ବେରୋଜଗାରି, ଆବାସ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ, ସଡ଼କ ଓ ଗୁଣାତ୍ମକ ଶିକ୍ଷା ପରି ମୌଳିକ ସମସ୍ୟା ସହ ସଂଘର୍ଷ କରୁଛନ୍ତି । ଶିକ୍ଷା ପାଇଁ ଏପରି ନିବେଶ ହେବା ଆବଶ୍ୟକ, ଯାହା ପ୍ରତ୍ୟେକ ଯୁବକ-ଯୁବତୀଙ୍କୁ ସ୍ୱାବଲମ୍ବୀ କରିପାରିବ । ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ନକଲ ଏବଂ ନିଯୁକ୍ତିରେ ଅନିୟମିତତା ଯେପରି ଆନ୍ଦୋଳନର କାରଣ ନ ହେଉ, ସେଥିପାଇଁ ପୂର୍ବରୁ ହିଁ ସଂସ୍କାର ଆବଶ୍ୟକ ।

ଆଧୁନିକ ପ୍ରଯୁକ୍ତିନିର୍ଭର ଯୁଗରେ ମତଭେଦର ପ୍ରଥମ ମଞ୍ଚ ସଂସଦ ହେବା ଉଚିତ । ସଂସଦର କାର୍ଯ୍ୟକଳାପ ପ୍ରସାରିତ ହେଉଛି, ଯାହା କେଉଁ ପକ୍ଷର ଯୁକ୍ତି ଅଧିକ ଗ୍ରହଣୀୟ, ତାହାର ବିଚାର ଜନତାଙ୍କ ଉପରେ ଛାଡ଼ି ଦେବା ଉଚିତ । ଗଣତାନ୍ତ୍ରିକ ଆଲୋଚନାର ସ୍ଥାନକୁ ଅଚଳ କରିଦେବା କେବେ ବି ସମାଧାନ ନୁହେଁ । ସେହିପରି, ଟେଲିଭିଜନ, ଡିଜିଟାଲ ମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନିଜ ମତ ରଖିବାର ସୁଯୋଗ ଥିବାବେଳେ ରାସ୍ତାକୁ ହିଂସାର ରଣକ୍ଷେତ୍ରରେ ପରିଣତ କରିବା କୌଣସି ଗଣତନ୍ତ୍ର ପକ୍ଷରେ ଶୋଭା ପାଏ ନାହିଁ ।

ଭିଡ଼ ମଧ୍ୟରେ ପ୍ରବେଶ କରି ହିଂସା, ଅଗ୍ନିସଂଯୋଗ କିମ୍ବା ଭଙ୍ଗା ରୁଜା କରୁଥିବା ଅରାଜକତା ତତ୍ତ୍ୱଙ୍କୁ ଚିହ୍ନଟ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଯେପରି ଆବଶ୍ୟକ, ସେହିପରି ଆଇନ-ଶୃଙ୍ଖଳା ରକ୍ଷାରେ ବିଫଳ ହେଉଥିବା ସମ୍ପୃକ୍ତ ଅଧିକାରୀଙ୍କୁ ଜେରା କରାଯିବା ଦରକାର । ସେହିପରି କୌଣସି ବ୍ୟକ୍ତିଙ୍କ ଇସ୍ତଫା ଦାବି କରିବା ପୂର୍ବରୁ ତାହାର ଯଥେଷ୍ଟ ଯୁକ୍ତି ଓ ତଥ୍ୟଭିତ୍ତିକ ବିଶ୍ଳେଷଣ ରହିବା ଆବଶ୍ୟକ ।

ସମୟର ଚକ୍ର ଅତ୍ୟନ୍ତ ଦ୍ରୁତଗତିରେ ଘୂରୁଛି । ଇତିହାସ ସାକ୍ଷୀ, ଯେଉଁ ନେତାମାନେ ନିଜକୁ ସର୍ବଶକ୍ତିମାନ ମନେ କରୁଥିଲେ, ସମୟର ସ୍ରୋତରେ ସେମାନେ ମଧ୍ୟ ଲୋପ ପାଇ ଯାଇଛନ୍ତି । ତେଣୁ ବାସ୍ତବତାକୁ ଅବହେଳା କରିବା ଏବଂ ଗଣତନ୍ତ୍ରକୁ ଅନନ୍ତ ଖେଳ ବୋଲି ଭାବିବା ଏକ ଗୁରୁତର ଭୁଲ । ଏହି ପ୍ରବୃତ୍ତି ଉପରେ ଅଙ୍କୁଶ ନ ଲାଗିଲେ, ତାହାର ପରିଣାମ ସମାଜ ଓ ରାଷ୍ଟ୍ର ପାଇଁ ଗଭୀର ସଙ୍କଟ ସୃଷ୍ଟି କରିପାରେ ।

ପାଠକ ବନ୍ଧୁ, କେବଳ ରାଷ୍ଟ୍ରକୁ 'ପ୍ରଥମ' କହିଦେଲେ ହେବ ନାହିଁ । ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନ ଯେତେବେଳେ ସମ୍ମାନ, ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଯୋଗରେ ସମୃଦ୍ଧ ହେବ, ସେତେବେଳେ ହିଁ ପ୍ରକୃତ ଅର୍ଥରେ ଭାରତ ବିଶ୍ୱମଞ୍ଚରେ ପ୍ରଥମ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ ହେବ ।

**କୋତାଙ୍ଗ, କୋଣାର୍କ**
**ମୋ:୭୩୮୧୩୮୨୨୧୦**

# ବୟସ ଅନୁଯାୟୀ ଡାଏଟ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ସାଧାରଣତଃ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ସ୍ୱାସ୍ଥ୍ୟକର ତଥା ସନ୍ତୁଳିତ ଖାଦ୍ୟ ବେଶ ଜରୁରୀ ହୋଇଥାଏ । ସ୍ୱାସ୍ଥ୍ୟକର ଡାଏଟ ଅର୍ଥ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ। ଏକ ରିପୋର୍ଟ ଅନୁଯାୟୀ ଶରୀର ବିକାଶ ତଥା ସନ୍ତୁଳନ ରଖିବା ପାଇଁ ଛଅଟି ପୋଷକ ତତ୍ତ୍ୱ ଯଥା ଭିଟାମିନ, ପ୍ରୋଟିନ, ମିନେରାଲ୍ସ, ଫ୍ୟାଟ, ପାଣି ଏବଂ କାର୍ବୋହାଇଡ୍ରେଟ ଆବଶ୍ୟକ ହୋଇଥାଏ । ତେଣୁ ସୁସ୍ଥ ରହିବା ପାଇଁ ଦୈନିକ ଆହାରରେ ଏହି ସବୁ ପୋଷକ ତତ୍ତ୍ୱ ରହିବା ଜରୁରୀ । ୩୦-୪୦ ବର୍ଷ ବୟସ ମଧ୍ୟରେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହୋଇଥାଏ । ଏହି ବୟସରେ ପୁରୁଷ ଓ ମହିଳା ଉଭୟଙ୍କର ମେଟାବୋଲିଜିମ ଧୀମା ହୋଇଯାଏ । ଫଳରେ ସେମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢ଼ିଯାଏ । ତେଣୁ ଏହି ବୟସରେ ଖାଦ୍ୟ ଉପରେ ସନ୍ତୁଳନ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ । ଯାହା କେତେଗୁଡ଼ିଏ କ୍ରୋନିକ ଡିଜିଜ ବା ଦୀର୍ଘକାଳୀନ ରୋଗର କାରଣ ବୋଲି କୁହାଯାଏ । ତେଣୁ ଏହି ବୟସରେ ଠିକ ଡାଏଟ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ । ଫଳରେ ବିଭିନ୍ନ ପ୍ରକାର କ୍ରୋନିକ ଡିସଅର୍ଡ଼ର ହୋଇଥାଏ । ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ବେଶ ଜରୁରୀ ବୋଲି ଡାଏଟିସିଆନମାନେ ପରାମର୍ଶ ଦେଇଥାନ୍ତି । ଏହି ପରିପ୍ରେକ୍ଷୀରେ ଜାଣିବା ବୟସ ଅନୁସାରେ କିପରି ରଖିବା ନିଜର ଡାଏଟ ପ୍ଲାନ?

ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କ ପାଇଁ ଡାଏଟ ସମ୍ପର୍କରେ ଉଲ୍ଲେଖ କରୁଛୁ : ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କୁ କ୍ୟାଲସିୟମର ଆବଶ୍ୟକତା ଅଧିକ ରହିଥାଏ । ସେମାନଙ୍କୁ ଦୈନିକ ୫୦୦-୬୫୦ ମିଲିଗ୍ରାମ କ୍ୟାଲସିୟମ ଶାରୀରିକ ବିକାଶ ପାଇଁ ଆବଶ୍ୟକ ହୁଏ ବୋଲି ବିଶେଷଜ୍ଞମାନେ କହନ୍ତି । ତେଣୁ ପିଲାଙ୍କ ଠାରେ କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ ଡାଏଟର ଦୁଗ୍ଧ, ଦହି, ପନିର, ବାଦାମ, ଟୋଫୁ, ସୋୟା, ବ୍ରୋକଲି ଚିୟାସିଡସ୍ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି।

ସେହିପରି ଦଶରୁ ବାର ବର୍ଷ ପିଲାଙ୍କ ପାଇଁ ଡାଏଟର ସ୍ୱତନ୍ତ୍ରତା ଦରକାର : ଦଶ ବର୍ଷର ପିଲାଙ୍କ ପାଇଁ ପୋଷକ ତତ୍ତ୍ୱ ଥିବା ଡାଏଟ ନେବା ଜରୁରୀ । କାରଣ ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ। ୧୦-୧୨ ବର୍ଷ ବୟସରେ ପିଲାଙ୍କୁ ଦିନରେ ଚାରି ଥର ଖାଦ୍ୟ ଖୁଆଇବା ଜରୁରୀ । ସେହିପରି ପିଲାଙ୍କ ଡାଏଟରେ ସତେଜ ଫ୍ରୁଟ ଜୁସ, ପ୍ରୋବାୟୋଟିକ ଦହି, ପନିପରିବା, ଜୁସ ସାମିଲ କରନ୍ତୁ । ସେହିପରି ପିଲାଙ୍କୁ ପରଟା ଓ ରୁଟି ମଧ୍ୟ ଖୁଆଇପାରିବେ ।

ତେରରୁ ପନ୍ଦର ବର୍ଷ ଅର୍ଥାତ୍ ପିଲାମାନଙ୍କ ଶାରୀରିକ ଅଭିବୃଦ୍ଧିର ବୟସ : ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ । ତେଣୁ ଏହି ବୟସରେ ବୌଦ୍ଧିକ ଏବଂ ଶାରୀରିକ ବିକାଶ ପାଇଁ ସେମାନଙ୍କୁ ଡାଏଟରେ କ୍ୟାଲସିୟମ, ଦୁଗ୍ଧ, ଚିଜ, ଦହି ସୋୟାବିନ, ଟୋଫୁ, ମଞ୍ଜି ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ । ଏଥିସହ ଭିଟାମିନ-ଡି ଯୁକ୍ତ ଖାଦ୍ୟ, ମାଛ, ପ୍ରାକୃତିକ ପ୍ରୋଟିନ ଯୁକ୍ତ ଖାଦ୍ୟ, ମାଂସ, ଡାଲି ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳିଥାଏ ।

**ସାଧାରଣତଃ ୨୦ରୁ ୩୦ ବର୍ଷ ବୟସର ଲୋକମାନେ ଅଧିକ ମାତ୍ରାରେ ଜଙ୍କଫୁଡ ଖାଇଥାନ୍ତି । ଏହାଦ୍ୱାରା ପେଟ ପୁରି ଯାଇଥାଏ ସତ, କିନ୍ତୁ ଶରୀରକୁ ଆବଶ୍ୟକ ମାତ୍ରାର ପୋଷକତତ୍ତ୍ୱ ମିଳିପାରେ ନାହିଁ । ତେଣୁ ଏ ବୟସରେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ ଓ ଆଇରନର ଆବଶ୍ୟକତା ଥାଏ । ତେଣୁ ଖାଦ୍ୟରେ ଆଇରନ, କ୍ୟାଲସିୟମ ସାମିଲ କରିବା ଜରୁରୀ । କ୍ୟାଲସିୟମ ସେବନ ଦ୍ୱାରା ହାଡ଼ ମଜଭୁତ ହୋଇଥାଏ ଏବଂ ମସ୍ତିଷ୍କ ଦ୍ରୁତ ଗତିରେ କାର୍ଯ୍ୟ କରିଥାଏ । ଆଇରନ ଶରୀରରେ ମେଟାବୋଲିଜିମ୍‌କୁ ଦୃଢ଼ କରିଥାଏ । ତେଣୁ ୨୦ରୁ ୩୦ ବର୍ଷର ଲୋକେ ଡାଏଟରେ ଦହି, ବାଦାମ, ଓ ପାଳଙ୍ଗ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି।**

ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା, ଅର୍ଥାତ୍ କୋଡିଏରୁ ତିରିଶ ବର୍ଷ ବୟସ ପାଇଁ ଡାଏଟ ନିର୍ଦ୍ଧାରଣ ହେଉଛି : ସାଧାରଣତଃ ୨୦ରୁ ୩୦ ବର୍ଷ ବୟସର ଲୋକମାନେ ଅଧିକ ମାତ୍ରାରେ ଜଙ୍କଫୁଡ ଖାଇଥାନ୍ତି । ଏହାଦ୍ୱାରା ପେଟ ପୁରି ଯାଇଥାଏ ସତ, କିନ୍ତୁ ଶରୀରକୁ ଆବଶ୍ୟକ ମାତ୍ରାର ପୋଷକତତ୍ତ୍ୱ ମିଳିପାରେ ନାହିଁ । ତେଣୁ ଏ ବୟସରେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ ଓ ଆଇରନର ଆବଶ୍ୟକତା ଥାଏ । ତେଣୁ ଖାଦ୍ୟରେ ଆଇରନ, କ୍ୟାଲସିୟମ ସାମିଲ କରିବା ଜରୁରୀ । କ୍ୟାଲସିୟମ ସେବନ ଦ୍ୱାରା ହାଡ଼ ମଜଭୁତ ହୋଇଥାଏ ଏବଂ ମସ୍ତିଷ୍କ ଦ୍ରୁତ ଗତିରେ କାର୍ଯ୍ୟ କରିଥାଏ । ଆଇରନ ଶରୀରରେ ମେଟାବୋଲିଜିମ୍‌କୁ ଦୃଢ଼ କରିଥାଏ । ତେଣୁ ୨୦ରୁ ୩୦ ବର୍ଷର ଲୋକେ ଡାଏଟରେ ଦହି, ବାଦାମ, ଓ ପାଳଙ୍ଗ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି ।

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା ତିରିଶରୁ ଚାଳିଶ ବର୍ଷ ବୟସର ଡାଏଟ ଯୋଜନା ହେଉଛି : ଏହି ବୟସରେ ବିଶେଷ କରି ମ୍ୟାଗ୍ନେସିୟମ ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ । ଏହି ବୟସରେ ମାଂସପେଶୀ କମିବାକୁ ଲାଗିଥାଏ । ତେଣୁ ଡାଏଟରେ ମ୍ୟାଗ୍ନେସିୟମ ମାତ୍ରା ବୃଦ୍ଧି କରିବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ତେଣୁ ଏ ବୟସରେ ଅଧିକାଂଶ ଲୋକେ ଡାଏଟର ବାଦାମ, କାଜୁ, ଦୁଗ୍ଧ, ଦହି ଏବଂ ପାଳଙ୍ଗ ଆଦି ଖାଇବା ଜରୁରୀ ।

ଚାଳିଶରୁ ପଚାଶ ବର୍ଷ ଅର୍ଥାତ୍ ଶରୀରର ଏକ ଘଡ଼ିସନ୍ଧି ବୟସ ପାଇଁ ଡାଏଟ ଯୋଜନା ହେଉଛି : ୪୦ରୁ ୫୦ ବର୍ଷ ବୟସରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ଶରୀର ଶୀଘ୍ର ଦୁର୍ବଳ ହୋଇଯାଏ । ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ସ୍ୱାସ୍ଥ୍ୟକର ଡାଏଟ ଏକାନ୍ତ ଆବଶ୍ୟକ ହୋଇଥାଏ । ଡାଏଟରେ କ୍ୟାଲସିୟମ ସେବନ କରିବା ଦ୍ୱାରା ଶରୀର ହାଡ଼ ମଜଭୁତ ହୋଇଥାଏ । ତେଣୁ ଏହି ବୟସରେ ଲୋକେ ନିଜ ଖାଦ୍ୟରେ ଶାଗ ଜାତୀୟ ଖାଦ୍ୟ, ମାଛ ଆଦି ସାମିଲ କରିବା ଉଚିତ ।

ପଚାଶରୁ ଊର୍ଦ୍ଧ୍ୱ ବୟସର ଡାଏଟ ଯୋଜନା ହେଉଛି : ପଚାଶ ବର୍ଷ ବୟସରେ ଶରୀର ଦୁର୍ବଳ ହୋଇଯାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବା ପାଇଁ ଡାଏଟରେ ଫଳମୂଳ, ସବୁଜ ପନିପରିବା, ଦୁଗ୍ଧ ଜାତୀୟ ଦ୍ରବ୍ୟ ଖାଇବା ଆବଶ୍ୟକ ହୋଇଥାଏ । ସେହିପରି ମସ୍ତିଷ୍କ ସଞ୍ଚାଳନକୁ ଠିକ ରଖିବାକୁ ହେଲେ ବି-୧୨ ଅଧିକ ମାତ୍ରାରେ ସେବନ କରିବାକୁ ପଡ଼ିଥାଏ। ଏଥିସହ ଭିଟାମିନ ଡି ଓ ଏ ସି ଯୁକ୍ତ ଖାଦ୍ୟ ଖାଇପାରିବେ । ଏ ପ୍ରକାର ଡାଏଟ ଶରୀରର ପୋଷକ ସମ୍ବନ୍ଧୀୟ ଆବଶ୍ୟକତାକୁ ପୂର୍ଣ୍ଣ କରି ଶରୀରକୁ ସୁସ୍ଥ ରଖିଥାଏ । ତେବେ ଡାଏଟ ପୂର୍ବରୁ କୌଣସି ବରିଷ୍ଠ ଡାଏଟିସିଆନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।

ବର୍ତ୍ତମାନ ମେଦବୃଦ୍ଧି ବା ମୋଟାପା ଏକ ବଡ଼ ଚିନ୍ତାର କାରଣ ପାଲଟିଛି । କେହି ବି ଚାହାଁନ୍ତି ନାହିଁ ନିଜ ଶରୀର ପୃଥଳକାୟ ହୋଇ କେବଳ ଶରୀରର ସୌନ୍ଦର୍ଯ୍ୟକୁ ନଷ୍ଟ ନକରୁ କିମ୍ବା ବିଭିନ୍ନ ରୋଗର କାରଣ ନ ପାଲଟୁ । ତେଣୁ ସନ୍ତୁଳିତ ଖାଦ୍ୟ ଖାଇ ଓଜନକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ ଇଚ୍ଛୁକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶରୀରର ଓଜନ ସନ୍ତୁଳନ ରକ୍ଷା କରିବା ପାଇଁ ଥଣ୍ଡା ପାନୀୟ, ଜୁସ୍, ଫାଷ୍ଟଫୁଡ, ଆମିଷ, ବିଭିନ୍ନ ବିସ୍କୁଟ, ନିଶାଦ୍ରବ୍ୟ ବଡ଼ କାରଣ ପାଲଟିଥାଏ । ଓଜନ ହ୍ରାସ ପାଇଁ ଡାଏଟ ସହିତ ବ୍ୟାୟାମ ଅତି ଜରୁରୀ । ଏହା ସହିତ ଯୋଗାସନ, ପ୍ରାତଃ ଭ୍ରମଣ ଖୁବ ଭଲ ଅଭ୍ୟାସ । ଦିନକୁ ସର୍ବନିମ୍ନ ପାଞ୍ଚ ଲିଟର ବିଶୋଧିତ ପାଣି ପିଅନ୍ତୁ । ଅଳ୍ପ ବ୍ୟବଧାନରେ ହାଲକା ଖାଦ୍ୟ ଖାଇବା ଭଲ ଅଭ୍ୟାସ । ଶୋଇବା ପୂର୍ବରୁ ଖାଇବାରୁ ଦୂରେଇ ରୁହନ୍ତୁ ଓ କମ ଚିନ୍ତା କରନ୍ତୁ । ଫିଟ ରହିବା ଏକ ରାତାରାତି ସମ୍ଭାବନାର ସୂତ୍ର ନୁହଁ କିମ୍ବା କୌଣସି ବଜାରରେ ବିକ୍ରି ହେଉଥିବା ବଟିକା ବା ଔଷଧ ଖାଇ ପତଳା ହେବା ଆଦୌ ଠିକ ନୁହେଁ। ତେଣୁ ସନ୍ତୁଳିତ ଆହାର ହିଁ ସନ୍ତୁଳିତ ଜୀବନ, ଏହାକୁ ଆଦୌ ଭୁଲନ୍ତୁ ନାହିଁ । ଯେଉଁ ଖାଦ୍ୟ ପଦାର୍ଥ ପାଇଁ ଆମ ଦୈନନ୍ଦିନ ଜୀବନ ସୁସ୍ଥତାରେ ପରିପୂର୍ଣ୍ଣ ହୁଏ ଓ ଆମ ଶରୀରକୁ ସୁସ୍ଥ ରଖିଥାଏ ଏହାକୁ ସୁଷମ ଖାଦ୍ୟ କୁହାଯାଏ । ଏହା ହିଁ ଆମ ଶାରୀରିକ ଓ ମାନସିକ କ୍ଷେତ୍ରକୁ ସୁସ୍ଥତାରେ ପୂର୍ଣ୍ଣ କରିଥାଏ । ତେଣୁ ବୟସ ଅନୁଯାୟୀ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ମୋ-୯୪୩୮୨୭୬୭୬୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଥମ...

ମିଲିମିଟର ହେବା କଥା। ତେବେ ଜୁନ ୧ରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ୬୭୭ ମିଲିମିଟର ବର୍ଷା ହୋଇସାରିଛି। ଯାହା ସ୍ୱାଭାବିକ ଠାରୁ ୨୮% ଅଧିକ ହୋଇଛି। ଜୁଲାଇ ଶେଷରେ ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପୁଣି ଆସୁଥିବା ଲଘୁଚାପ ଯୋଗୁ ପ୍ରାୟ ୯୦ ମିଲିମିଟର ବର୍ଷା ହେବା ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ଫଳରେ ବନ୍ୟା ପାଣି ଛାଡି ନଥିବା ବେଳେ ଆଉ ଏକ ବନ୍ୟା ଆଶଙ୍କା କରିଛନ୍ତି ବିଶେଷଜ୍ଞମାନେ। ଯଦି ରାଜ୍ୟରେ ପୁଣି ବଡ଼ ବର୍ଷା ଲାଗି ରହେ ତାହେଲେ ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ମହାନଦୀରେ ମଧ୍ୟମରୁ ବଡ଼ ଧରଣର ବନ୍ୟା ଆସିପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି। ସରକାର ଏବେଠୁ ସଜାଗ ନହେଲେ ବନ୍ୟା କ୍ଷତିଗ୍ରସ୍ତଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ ଏଥିରେ ତିଳେମାତ୍ରେ ସନ୍ଦେହ ନାହିଁ।

ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟା ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଏହା ଫଳରେ ବନ୍ୟା ପ୍ରଭାବିତ ହୋଇଥିବା ଅଞ୍ଚଳ ଗୁଡିକ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କା ସହାୟତା ଘୋଷଣା କରିଥିଲେ। ବନ୍ୟାରେ ୨୨ ଜିଲ୍ଲାର ୮୫ଟି ବ୍ଲକ, ୧୫ଟି ପୌରାଞ୍ଚଳ, ୬୫୬ଟି ପଞ୍ଚାୟତ ଓ ୧୪୫୮ଟି ଗାଁ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଚୂଡାନ୍ତ କ୍ଷୟକ୍ଷତି ଆକଳନ ପରେ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି କୁହାଯାଇଥିଲା। ତେବେ ବ୍ୟାନ ଛାଡିବାର ୭ ଦିନ ବିତି ଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କ ନିକଟରେ ପ୍ରଦାନ କଲେନାହିଁ।

## ଓଡ଼ିଶାରେ...

ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା। ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଞ୍ଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ ୨୦୩୬ ସୁଦ୍ଧା ଆମର ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ଓଡିଶାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବାର ଲକ୍ଷ୍ୟ ରହିଛି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଓ ସୁଦୃଢ଼ ପ୍ରଶାସନ ଏବଂ ଦକ୍ଷ, ଶୃଙ୍ଖଳିତ ଓ ସେବା ମନୋଭାବ ଅଧିକାରୀ ଓ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି। ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯୁବଶକ୍ତିର ସାମର୍ଥ୍ୟର ପ୍ରକୃତ ଉପଯୋଗ ପାଇଁ ଶିଳ୍ପାୟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଏଥିପାଇଁ ଦେଶ ଭିତରେ ଓ ଦେଶ ବାହାରକୁ ଯାଇ ଶିଳ୍ପପତି ମାନଙ୍କୁ ଭେଟି ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷିତ କରୁଛୁ। ଫଳସ୍ୱରୂପ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଦୁଇ ଦିନ ତଳେ ନୂଆ ଦିଲ୍ଲୀ ଓ ନୋଇଡାରେ ଓଡିଶା ଫୁଡ୍ ପ୍ରୋସେସିଂ ରୋଡ୍ ସୋ ରେ ଯୋଗଦେଇ ଶିଳ୍ପପତିମାନଙ୍କ ସହ ଓଡିଶାରେ ନିବେଶ ପାଇଁ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ସମୟରେ ୪୬ଟି ବୈଠକରେ ୨୦୮ ଜଣ ନିବେଶକଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ହୋଇଛି, ୩୮ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏଥିରେ ସମୁଦାୟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏବେ ଓଡିଶାରେ ରିଭର୍ସ ମାଇଗ୍ରେସନ୍ ଆରମ୍ଭ ହେଲାଣି ବୋଲି କହି ଆଗାମୀ ଦିନରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନବନିଯୁକ୍ତଙ୍କୁ ଦୁର୍ନୀତିରୁ ସବୁବେଳେ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ କର୍ମକ୍ଷେତ୍ରରେ ନିଷ୍ଠା ଓ ସଚ୍ଚୋଟତାର ସହ କାମ କରି ପରିବାର ପାଇଁ ସୁନାମ ଆଣିବା ସହିତ ରାଜ୍ୟର ଉନ୍ନତିରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ।

ପଞ୍ଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ମାନବ ସେବା ହିଁ ମାଧବ ସେବା, ଏହା ଆମର ଧର୍ମ ଅଟେ। ଆପଣମାନେ ଆସନ୍ତା କାଲି ପାଇଁ ଓଡିଶାର ଭାଗ୍ୟବିଧାତା। ଆମର ୨୦୩୬ ଲକ୍ଷ୍ୟ ପୂରଣର ପ୍ରମୁଖ ବିନ୍ଧାଣୀ। ଓଡିଶା ମାଟିର ସେବା ଓ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ନବନିଯୁକ୍ତଙ୍କ ମଧ୍ୟରୁ ଗୃହ ଓ ନଗର ଉନ୍ନୟନ ବିଭାଗର ତୁଷାରକାନ୍ତ ପଟ୍ଟନାୟକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଇପ୍ସିତା ମହାନ୍ତି, ଓଏଚ୍‌ପିସିର ଅକନ୍ତିକା ନିର୍ଝରିଣୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରତ୍ୟୁଷ ପଣ୍ଡା ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ସତ୍ୟ ପ୍ରକାଶ ଜେନା ସ୍ୱଚ୍ଛତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଓ ଧନ୍ୟବାଦ ଜଣାଇ ସମସ୍ତେ ସତ୍ୟ ନିଷ୍ଠା ଓ ସେବା ମନୋବୃତ୍ତି ନେଇ କାମ କରିବେ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୃହରେ...

ନେଇ ବିବୃତ୍ତି ଦାବି କରିଛନ୍ତି। ଶ୍ରୀ ଶାହା ବିବୃତ୍ତି ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଥିଲେ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ବିତର୍କ ବିରୋଧୀ ଦଳର ଦାବି ଅନୁଯାୟୀ କରାଯାଉଛି। ସେମାନେ ଅମିତ୍ ଶାହାଙ୍କ ବିବୃତ୍ତି ଦାବି କରିଥିଲେ। କୌଣସି ବିଶୃଙ୍ଖଳା କରାନଯାଉ। ବିରୋଧୀ ଦଳଗୁଡ଼ିକ ସରକାରଙ୍କର ଭୂମିକା ନେଇ ପ୍ରଶ୍ନ କରିଛନ୍ତି। ତେବେ ସମାଜବାଦୀ ପାର୍ଟି ପକ୍ଷରୁ ମଧ୍ୟ ଅଯୋଧ୍ୟା ରାମ ମନ୍ଦିରରେ ଦାନ ଅର୍ଥ ଚୋରି ନେଇ ବିବୃତ୍ତି ଦାବି କରାଯାଇଛି। ବିରୋଧୀ ଏହି ଦୁଇ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ଅଡ଼ି ବସିଛନ୍ତି। କଂଗ୍ରେସ ମୁଖ୍ୟ ସଚେତକ ଗୌରବ ଗୋଗେଇ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ବିରୋଧୀ ଦଳଗୁଡ଼ିକ ପ୍ରତିବାଦ ଜାରି ରଖିଛନ୍ତି। ମୁଲତବୀ ପ୍ରସ୍ତାବ ଦିଆଯାଇଥିଲେ ବି ତାହା ଗ୍ରହଣ ହେଉନାହିଁ। ସୂଚନାଯୋଗ୍ୟ ଆସନ୍ତା ୧୩ ତାରିଖରେ ମୌସୁମୀ ଅଧିବେଶନ ଶେଷ ହେବ। ଏହି ଅଧିକବେଶନରେ ଗୃହ କାର୍ଯ୍ୟ ବସ୍ତୁତଃ ଅଚଳ ହୋଇପଡ଼ିଛି।

## ଝାଡଖଣ୍ଡ...

ରାଜ୍ୟ ବିଧାନସଭା ନିକଟକୁ ଯାଇଥିଲେ। ସୁରକ୍ଷାକର୍ମୀମାନେ ପାଣି ମାଡ କରିବା ସହ ଟିୟର ଗ୍ୟାସ୍ ଓ ଲାଠି ଚାର୍ଜ କରି ସେମାନଙ୍କୁ ଅଟକାଇବାକୁ ଚାହିଁଥିଲେ। ପ୍ରତିବାଦକାରୀମାନେ ହାତରେ ଜାତୀୟ ପତାକା ଓ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଯାଇଥିଲେ। ସେମାନେ ବ୍ୟାରିକେଡ୍ ଭାଙ୍ଗିଥିଲେ। ବ୍ୟାପକ ସୁରକ୍ଷାବଳ ମୁତୟନ ସତ୍ତ୍ୱେ ବି ସେମାନେ ଗୋଟିଏ ପରେ ଗୋଟିଏ ବ୍ୟାରିକେଡ୍ ଭାଙ୍ଗି ଆଗକୁ ମାଡ଼ି ଚାଲିଥିଲେ। ପୂର୍ବାହ୍ଣ ୧୦.୩୦ରୁ ଏହି ଶୋଭାଯାତ୍ରା ପୁରୁଣା ବିଧାନସଭା କୋଠା ନିକଟରୁ ଆରମ୍ଭ ହୋଇ ନୂଆ ବିଧାନସଭା କମ୍ପ୍ଲେକ୍ସ ଯାଏ ଯାଇଥିଲା। ଯେତେବେଳେ ଶୋଭାଯାତ୍ରାଟି ଶେଷ ବ୍ୟାରିକେଡ୍ ଜଗନ୍ନାଥପୁର ମନ୍ଦିର ନିକଟରେ ପହଞ୍ଚିଥିଲା ପୋଲିସ ପକ୍ଷରୁ ପାଣି ମାଡ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ରିରଙ୍ଗା ଧରି ଛାତ୍ରମାନେ ନାଚିଥିଲେ। ଏହାପରେ ସେମାନେ ପୁଣି ବିଧାନସଭା ଆଡକୁ ଅଗ୍ରସର ହୋଇଥିଲେ। ବିଧାନସଭାର ୨୦୦ ମିଟର ଦୂରରେ ପ୍ରତିବାଦକାରୀଙ୍କ ଉପରେ ଟିୟର ଗ୍ୟାସ୍ ମାଡ କରାଯାଇଥିଲା। ଅଧିକାଂଶ ପ୍ରତିବାଦକାରୀ ଅଭିଯୋଗ କରିଛନ୍ତି ଯେ ପୋଲିସ ସେମାନଙ୍କ ମୁଣ୍ଡ, ହାତ ଓ ମୁହଁରେ ଆଘାତ ଦେଇଛି। ପ୍ରତିବାଦକାରୀମାନେ ଜେପିଏସ୍‌ସି, ଜେଏସ୍ଏସ୍‌ସିରେ ସଂସ୍କାର ଚାହୁଁଛନ୍ତି। ଏହାଛଡା ପିଏସ୍‌ସି ସିଭିଲ୍ ସେବା ପରୀକ୍ଷାର ବାତିଲ ଚାହୁଁଛନ୍ତି। ସିବିଆଇ କିମ୍ବା ଅବସରପ୍ରାପ୍ତ ହାଇକୋର୍ଟ ଜଜ୍‌ଙ୍କ ଦ୍ୱାରା ତଦନ୍ତ ଦାବି କରୁଛନ୍ତି। ଜେଏଲ୍‌କେଏମ୍ ନେତା ଦେବେନ୍ଦ୍ର ନାଥ ମାହାତୋ ଯିଏ କି ୯ ଦିନ ଧରି ଅନଶନରେ ଥିଲେ। ସେ ଏକ ଆମ୍ବୁଲାନ୍ସରେ ଆସି ପ୍ରତିବାଦରେ ସାମିଲ ହୋଇଥିଲେ। ସିଆଡି, ଇଡି ତଦନ୍ତ ଲାଗି ସରକାରଙ୍କ ଉପରେ ଚାପ ପକାଇଥିଲେ।

## ବଜ୍ରାଘାତରେ...

ଏହି ସମୟରେ ସେହି ବିଲରେ କାମ କରୁଥିବା ଖଲିକୋଟ ଥାନା ଅଧିନସ୍ଥ ଗୋଲାମଥୁରା ଗ୍ରାମର କେ.ଗୋବିନ୍ଦ ଙ୍କ ପନୀ କେ.ଜାନକୀ(୩୦) ମହିଳା ଶ୍ରମିକଙ୍କ ବଜ୍ରଘାତରେ ମୃତ୍ୟୁ ଘଟିଥିଲା ଓ ସେହି ମଥୁରା ଗ୍ରାମର ଏମ .ଲକ୍ଷ୍ମୀ(୫୦) କୁ ବଜ୍ରାଘାତ ଯୋଗୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନା ପଠାଯାଇଥିବା ଜଣାପଡିଛି। କେ ଜାନକୀଙ୍କ ମୃତ ଦେହକୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଛେଦ ପାଇଁ ରଖାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିନଣ୍ଟେଣ୍ଡେଣ୍ଟ ଡଃ ସତ୍ୟରଂଜନ ନନ୍ଦ ସୂଚନା ପ୍ରଦାନ କରିଛନ୍ତି। ସେହିଭଳି ଟାଙ୍ଗୀ ବ୍ଲକ ଅଧିନସ୍ଥ ଲକ୍ଷ୍ମୀଧରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ହଠାତ ବଜ୍ରପାତ ଯୋଗୁ ୭ମ ଶ୍ରେଣୀର ଛାତ୍ର ସୁଶାନ୍ତ ପାତ୍ର,ଆୟୁଷ୍ମାନ ମାନସିଂହ,ସେହି ସପ୍ତମ ଶ୍ରେଣୀର ମହେଶ୍ୱର ପାତ୍ର ଛାତ୍ରୀ ସେହି ସପ୍ତମ ଶ୍ରେଣୀର ସୁନିତା ପାତ୍ର ବଜ୍ରାଘାତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ବେଳେ ଆହତ ଛାତ୍ରଛାତ୍ରୀ ସୁସ୍ଥ ଥିବା ଜଣାପଡିଛି। ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧାରାଣୀ ଛୋଟରାୟ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଥିଲେ ମଧ ସ୍ୱାସ୍ଥ୍ୟକେନ୍ଦ୍ରରୁ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଆବଗତ ଅଛନ୍ତି। ବଜ୍ରଘାତରେ ମୃତ୍ୟୁ ବରଣ କରିଥିବା କେ.ଜାନକୀ ଜଣେ ଗରିବ ଖଟିଖିଆ ଶ୍ରମିକ ଓ ତାଙ୍କର ଏକ ସାତବର୍ଷ ର ପୁତ୍ର ସନ୍ତାନ ଅଛି। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଡାକ୍ତରଖାନା ପରିସରରେ ଥିବା ଅନ୍ୟ ଶାଥି ମହିଳା ଶ୍ରମିକ ମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଚାଷୀଙ୍କ...

ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ।

ବୈଠକର ମୁଖ୍ୟ ନିଷ୍ପତ୍ତି ଓ ଆଲୋଚନା ଅନୁଯାୟୀ ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି।

ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି।

ରବି ଋତୁ ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫) ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଭିଏଡବ୍ଲୁ ମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ। ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଦୁଇପ୍ରକାର ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ପ୍ରଦାନ କରାଯାଉଛି। ଆଗ୍ରିଷ୍ଟାକ ପଞ୍ଜିକୃତ ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ଓ ବିନା ଆଗ୍ରିଷ୍ଟାକ ପଞ୍ଜିକୃତ ପ୍ରାପ୍ତି ପତ୍ର। ଉଭୟ ପଞ୍ଜିକରଣ ପ୍ରାପ୍ତି ପତ୍ର ବୈଧ ଅଟେ। ରାଜ୍ୟର କୌଣସି ବି ଚାଷୀ ଯେପରି ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଅଛନ୍ତି।

## ଚାଷୀଙ୍କ...

ଏହାସହ ଉତ୍ତରାଧିକାରୀଙ୍କ ମଧ୍ୟରେ ସମ୍ପତ୍ତି ବଣ୍ଟନ ଜଟିଳ ହୋଇଥିବାରୁ ନିଜ ନାମରେ ପଟ୍ଟା ନଥିବା ଅନେକ ଚାଷୀ ଆଗାମୀ ଦିନରେ ସରକାରୀ ସୁବିଧାରୁ ବଞ୍ଚିତ ହେବେ ବୋଲି ସଂଗଠନ ଗୁଡ଼ିକ କହିଛନ୍ତି। ଏହି ସମସ୍ୟାର ପ୍ରତିବାଦରେ ରାଜବୋରାସମ୍ବର କୃଷକ ସଂଗଠନ, ପଦ୍ମପୁର ଉପଖଣ୍ଡ ତଥା ପାର୍ବତୀ ଗିରି କୃଷକ ସଂଗଠନର ଶହ ଶହ ଚାଷୀ କଚେରୀ ପରିସରରେ ସମବେତ ହୋଇଥିଲେ। ପରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜେଲଭରୋ ଆନ୍ଦୋଳନ ପାଇଁ ଦାବି କରିଥିଲେ।

ପଦ୍ମପୁର ଥାନା ପରିସରରେ ଆୟୋଜିତ ସଭାରେ ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥି, ଆବାହକ ଅଶୋକ ସାହୁ, ଗାଇସିଲେଟ ସଂଗଠନର ସଭାପତି ଅରବିନ୍ଦ ପଣ୍ଡା, ବିଜେପୁର ପାର୍ବତୀ ଗିରି ସଂଗଠନର କ୍ଷୀରୋଦ୍ର ପଧାନ, ମୋଣ୍ଡୋସିଲ ଆଞ୍ଚଳିକ କୃଷକ ସଂଗଠନର ଗିରିଶ ଡନସନା, ପଦ୍ମପୁର ସଂଗଠନର କୈଳାଶ ବାରିକ, ସୁବାସ ସାମନ୍ତରାୟ ଓ ପଞ୍ଚାନନ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଚାଷୀଙ୍କ ମୁଖ୍ୟ ଦାବି ମଧ୍ୟରେ ଏଗ୍ରିଷ୍ଟାକ ବାଧ୍ୟତାମୂଳକ ହଟାଇ ସମସ୍ତ ଚାଷୀଙ୍କ ପଞ୍ଜିକରଣ ଓ ଟୋକନ ପ୍ରଦାନ, ସୁଲଭ ମୂଲ୍ୟରେ ସାର ଯୋଗାଣ, ଲଘୁଚାପଜନିତ ବର୍ଷାରେ ଫସଲ କ୍ଷତିର ଆକଳନ କରି କ୍ଷତିପୂରଣ, ସ୍ମାର୍ଟ ମିଟର ପ୍ରତ୍ୟାହାର, ସମସ୍ତ ଉପଭୋକ୍ତାଙ୍କୁ ୩୦୦ୟୁନିଟ ମାଗଣା ବିଦ୍ୟୁତ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଏବଂ ସମସ୍ତ ଚାଷୀଙ୍କ ଋଣ ଛାଡ଼ ଆଦି ରହିଛି। ଆସନ୍ତା ୧୩ ତାରିଖରେ ପଦ୍ମପୁର ଉପଖଣ୍ଡର ପ୍ରତ୍ୟେକ କୃଷି ସମବାୟ କାର୍ଯ୍ୟାଳୟରେ ଏଗ୍ରିଷ୍ଟାକ ହଟାଇ ଚାଷୀ ପଞ୍ଜିକରଣ ସହ ସମସ୍ତଙ୍କୁ ଟୋକନ ପ୍ରଦାନ କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏହାକୁ ସମବାୟ, କୃଷି ଓ ଯୋଗାଣ ମନ୍ତ୍ରୀଙ୍କ ନିକଟକୁ ପଠାଯିବ। ସରକାର ଦାବି ପ୍ରତି ଦୃଷ୍ଟି ନଦେଲେ ଅଗଷ୍ଟ ୧୫ ପରେ ବୃହତ ଆନ୍ଦୋଳନ କରାଯିବ ବୋଲି ଚାଷୀ ସଂଗଠନ ଗୁଡ଼ିକ ଚେତାବନୀ ଦେଇଛନ୍ତି।

## କଳ୍ପନାତୀତ...

ସମୟରେ ପ୍ରତିବାଦକାରୀଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ପାଇଁ କିଏ ଅନୁମତି ଦେଇଥିଲା। ଏହାର ଉତ୍ତର ସ୍ପଷ୍ଟ ଭାବେ ମିଳିବା ଉଚିତ୍। ଛାତ୍ରମାନଙ୍କ ଉପରକୁ ପେଲେଟ୍ ଗନ୍‌ରେ ଗୁଳି ଚଳାଇବାକୁ କିଏ ନିର୍ଦ୍ଦେଶ ଦେଇଥିଲା। ତାହାକୁ ଗୃହମନ୍ତ୍ରୀ ପ୍ରଥମେ ଉତ୍ତର ଦିଅନ୍ତୁ।

ଏକ ସାମ୍ବାଦିକ ସମ୍ମିଳନୀ କରି ରାହୁଲ କହିଛନ୍ତି ଯେ ବିରୋଧୀ ଦଳ କେବେ କହିନଥିଲା ଯେ ଏକ ସାଧାରଣ ପ୍ରସଙ୍ଗ ଭଳି ଗୃହମନ୍ତ୍ରୀ ସଂସଦକୁ ଆସନ୍ତୁ ଓ ବକ୍ତବ୍ୟ ଦିଅନ୍ତୁ। ଆମର ଦାବି ଥିଲା ଯେ ଗୃହମନ୍ତ୍ରୀ ବୁଝାଇ ଦିଅନ୍ତୁ ଜୁଲାଇ ୨୦ରେ ଛାତ୍ରଙ୍କ ଉପରେ ଯେଉଁ କାର୍ଯ୍ୟାନୁଷ୍ଠାନ ହୋଇଥିଲା ସେଥିପ୍ରତି କିଏ ନିର୍ଦ୍ଦେଶ ଦେଇଥିଲା। ଶାହା ଗୃହକୁ ଆସି ଏକ ସାଧାରଣ ବିଷୟ ଭଳି ଭାଷଣ ଦେବା ଆମେ ଗ୍ରହଣ କରିବୁ ନାହିଁ। ସେ ସ୍ପଷ୍ଟ କରିବା ଉଚିତ୍ ଯେ କାହାର ନିର୍ଦ୍ଦେଶରେ ଗୁଳି ଚାଳନା ହୋଇଥିଲା। ବିରୋଧୀଙ୍କ ଦାବିର କେନ୍ଦ୍ରବିନ୍ଦୁ ହେଉଛି ଶାହାଙ୍କ ଉତ୍ତରଦାୟିତ୍ୱ। ଯଦି ସେ ନିର୍ଦ୍ଦେଶ ଦେଇଥିଲେ ତାହେଲେ ଛାତ୍ରଙ୍କ ଉପରେ ଯେଉଁ ଗୁଳି ଚାଳନା ହେଲା ଏଥିପାଇଁ ସେ ଦୋଷୀ। ଯଦି ସେ କହିନାହାନ୍ତି ତେବେ ଏହି ଘଟଣା ଘଟିଲା ତାଙ୍କ ଅପରାଗତାକୁ ପ୍ରମାଣ କରୁଛି। ବିରୋଧୀ ଦଳ ଚାହୁଁଛନ୍ତି ଯେ ଶ୍ରୀ ଶାହା ବ୍ୟକ୍ତିଗତ ଭାବେ ଗୁଳି ଚାଳନା ନିର୍ଦ୍ଦେଶ ଦେଇଥିଲେ। ଯଦି ଦେଇ ନଥିଲେ ଗୃହ ମନ୍ତ୍ରଣାଳୟ ପକ୍ଷରୁ କିଏ ଦେଇଥିଲା ବୋଲି ତାହା ସ୍ପଷ୍ଟ କରିବା ଉଚିତ୍। ଗତ ୧୫ ଦିନ ହେଲାଣି ପ୍ରଧାନମନ୍ତ୍ରୀ ନା ଗୃହମନ୍ତ୍ରୀ ସଂସଦକୁ ଆସୁଛନ୍ତି। ତାଙ୍କ ମତକୁ ନେଇ କାହାର ଆଗ୍ରହ ନାହିଁ। ଆମେ କେବଳ ଜାଣିବାକୁ ଚାହୁଁଛୁ ଯେ କିଏ ନିର୍ଦ୍ଦେଶ ଦେଇଥିଲା। ସେହିଭଳି କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ କହିଛନ୍ତି ଯେ କାହିଁକି ଛାତ୍ରଙ୍କ ଉପରେ ପେଲେଟ୍ ଗନ୍, ଲୁହାବୁହା ଗ୍ୟାସ୍ ଓ ଲାଠି ଚାର୍ଜ କରାଗଲା। ଏହାଛଡା ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରି ସମ୍ପର୍କରେ ଜବାବ ଦିଆଯାଉ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକ ଟ୍ରଷ୍ଟ ଗଠନ ହୋଇଛି। ଏହି ଟ୍ରଷ୍ଟ ଅଧିନରେ ମନ୍ଦିର ପରିଚାଳନା ହେଉଥିବାବେଳେ ଦାନ ଅର୍ଥ ଚୋରି ହୋଇଛି। ଆମେ ଚାହୁଁଛୁ ଯିଏ ଦୋଷୀ ସେ ଦଣ୍ଡ ପାଉ। ପ୍ରଧାନମନ୍ତ୍ରୀ ଏହାର ଉତ୍ତର ଦିଅନ୍ତୁ। ଏ ଘଟଣାରେ ଲକ୍ଷ ଲକ୍ଷ ଲୋକଙ୍କର ବିଶ୍ୱାସ ତୁଟି ଥିବାରୁ ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ। ଏହି ୩ ପ୍ରସଙ୍ଗ ସହ କୌଣସି ବୁଝାମଣା କରାଯାଇପାରିବ ନାହିଁ ବୋଲି ଖଡ୍‌ଗେ ସ୍ପଷ୍ଟ କରିଛନ୍ତି।

## ୨୪ ଘଣ୍ଟାରେ...

ସମ୍ବଲପର, ଅନୁଗୋଳ ଓ ଢ଼େଙ୍କାନାଳ ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ପୂର୍ଣ୍ଣ ଜାରି କରାଯାଉଛି। ଏହା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ବରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ବଲାଙ୍ଗୀର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ସତର୍କତା ଜାରି କରିଛି ପାଣିପାଗ ବିଭାଗ।


**ପୂର୍ବ ତଟ ରେଳପଥ**

ପାର୍କିଂ ଷ୍ଟାଣ୍ଡର ଇ-ନିଲାମ

ନିଲାମ କାଟଲଗ୍ ନଂ. SDCM-KUR-PKNG-8

ଷ୍ଟେସନ ଏବଂ ସ୍ଥାନ : (1) ବଡ଼ବନ୍ଧ (ଦୁଇ ଚକିଆ) (ପ୍ଲାଟଫର୍ମ-1 ନିକଟରେ), (2) ନିରାକାରପୁର- (ଦୁଇ ଚକିଆ) (ପ୍ଲାଟଫର୍ମ - 4 ପାର୍ଶ୍ୱରେ), (3) ତାଳଚେର- MIX (ଦୁଇ ଚକିଆ ଏବଂ ଚାରି ଚକିଆ) (ପରିଚାଳନା କ୍ଷେତ୍ର ନିକଟସ୍ଥ ତାଳଚେର (TLHR) ରେଳ ଷ୍ଟେସନ ବାହ୍ୟ ପାର୍ଶ୍ୱ ସ୍ଥାନରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.20.08.2026 ରିଖ 1500 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ), ନିଲାମ ସମାପ୍ତ ହେବା ତାରିଖ ଓ ସମୟ: ତା.20.08.2026 ରିଖ 1530 ଘଟିକା (କ୍ରମ ସଂ. 1 ପାଇଁ), 1540 ଘଟିକା (କ୍ରମ ସଂ. 2 ପାଇଁ) ଏବଂ 1550 ଘଟିକା (କ୍ରମ ସଂ. 3 ପାଇଁ)।

ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ: ଗୋରଖନାଥ (ପ୍ରି-ଫାବ୍ରିକେଟେଡ୍) (ପରିଚାଳନା କ୍ଷେତ୍ରରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.20.08.2026ରିଖ 1200 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.20.08.2026ରିଖ 1230 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଂ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-351/R/26-27



**କଟକ ମହାନଗର ନିଗମ**

ଚୌଧୁରୀ ବଜାର, କଟକ

13001/1477/2627

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ, କିଲିଖାନା ଗୁଡିକୁ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଏବଂ ପୋଖରୀ ୨୦୨୬-୨୭ ଆର୍ଥିକ ବର୍ଷ ଠାରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ଆସନ୍ତା ତା.୦୭.୦୮.୨୦୨୬ ରିଖ ଠାରୁ ତା.୧୭.୦୮.୨୦୨୬ ରିଖ ପର୍ଯ୍ୟନ୍ତ ଅପରାହ୍ଣ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝି ପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ www.cmccuttack.odisha.gov.in ରେ ଦେଖିପାରିବେ।

OIPR : 13001/13031/1/26-27/0053

ସ୍ୱା/- ଆୟୁକ୍ତ



**OFFICE OF THE NOTIFIED AREA COUNCIL, KHARIAR ROAD**

Mail:- nackhrd@rediffimail.com

Phone No- 06678-221239

**INVITATION FOR BIDS**

13001/1486/2627

Bid Reference No-

**Tender Call Notice No. 3566/3.8.2026**

Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. www.tendersodisha.gov.in

| | | | |
|---|---|---|---|
| 1 | Nature of work | : | Civil works as mentioned in website |
| 2 | Estimated Cost | : | Rs.23.15 lakhs |
| 3 | Period of Completion | : | As per DTCN |
| 4 | Date and time of availability of the documents in the portal | : | 10.00 AM 05/08/2026 to 5:00 PM 19/08/2026 |
| 5 | Last date/time for receipt of Bids in the portal | : | 19/08/2026 by 5:00 PM. |
| 6 | Offline Submission of Bid | : | 10:00 AM 20/08/2026 to 5:00 20/08/2026 |
| 7 | Name and address of the Officer inviting Bid | : | Executive Officer, Khariar Road NAC, Dist - Nuapada |

Further the details can be seen from the "procurement Portal- www.tendersorissa.gov.in

OIPR : 13001/13270/1/26-27/0003

Sd/- Executive Officer NAC, Khariar Road



**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**

Housing & Urban Development Department, Govt. of Odisha

13001/482/2627 ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

OFFICE OF THE PARADEEP MUNICIPALITY, PARADEEP

ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨

At/Po-Paradeep, Dist- Jagstsinghpur (Odisha), Pin-754142

No-4441 Dt. 10.08.2026

**E- PROCUREMENT NOTICE**

| | | |
|---|---|---|
| Tender Call Notice No. | : | 4250/ 31.07.2026 |
| Bid Identificaiton No. | : | EO/PDPM/W_07/2026-27 |
| Tender ID | : | 2026_ORULB_137596 |
| Nature of Works | : | Civil Works |
| Number of Works | : | 88 |
| Tender Value | : | Rs. 2.78 Lakh to Rs. 21.25 Lakh |
| Available Period | : | Dt. 11.08.2026 from 05:30 PM to Dt. 24.08.2026 05:30 PM |
| Tender Opening Date | : | Dt. 25.08.2026 at 11:30 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their civil license with vaild Registration Certificate before the closing date.

OIPR : 13001/13120/1/26-27/0013

Sd/- Executive Officer Paradeep Municipality



**ROURKELA SMART CITY LIMITED**

13001/1478/2627

**Bid ID No. RSCL/1147 Dt. 10.8.2026**

Rourkela Smart City Limited is hereby inviting quotations for allotment of various shops at different locations (Panposh Market, Koel Nagar Market, Basanti Food Court, Celly Plaza at Hockey Chowk and DAV Pond) on license basis. The location of the shop premises, base price shop wise, the deposit amount, monthly license fees and terms & conditions related to bidding process are mentioned in the website https://rmc.myrourkela.in. For further information or clarification regarding this advertisement. Mr. Pradyumna Kishore Pal, Company Secretary, Rourkela Smart City Limited can be contacted on Mob No-8908409569 on all working days between 10.00 AM to 5.00 PM.

Sd/- (Dheenah Dastageer, I.A.S) Chief Executive Officer Rourkela Smart City Ltd.

OIPR : 13001/13080/1/26-27/0011



19001/183/2627

**OFFICE OF THE PANCHAYAT SAMITI, GAISILET**

AT/PO/PS:- Gaisilet, Dist.:- Baragada (Odisha), PIN:- 768037

E_Mail ID:- ori-gaisilet@od.gov.in

No. 2472 / Dt. 5.8.2026

**"e"-procurement Notice**

**Bid Identification No. BDO/Gaisilet/02/2026-27**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

| | | | |
|---|---|---|---|
| 1. | Nature of work | : | Civil works |
| 2. | No. of works | : | 2 |
| 3. | Estimated cost | : | as per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 10 08 2026, 11 00 AM to 25 08 2026, 5.00 PM |
| 6. | Last date/time for receipt of Bids in the portal | : | Dt. 25 08 2026 up to 5 00 PM |
| 7. | Bids received online shall be opened on | : | Dt. 28 08 2026 at 11 AM |
| 8. | Name and address of the Officer inviting Bid. | : | Block Development Officer Gaisilet |

Further, the details can be seen from the procurement Portal www.tendersodisha.gov.in

OIPR : 19001/19191/1/26-27/0002

Sd/- Block Development Officer Gaisilet



**ZILLA SWASTHYA SAMITI, KORAPUT**

**DISTRICT PROGRAMME MANAGEMENT UNIT**

10001/449/2627

**NATIONAL HEALTH MISSION**

E-mail: nhmkpt@gmail.com Phone:06852-250242

Advt. No : 2080/DPMU/NHM/2O26 Date : 07/08/2026

**NOTICE FOR IN-HOUSE SELECTION UNDER NHM KORAPUT**

Applications are invited from the contractual employees of NHM working in the same post under OSH&FW Society working in other district desiring to be posted in Koraput district against the vacant positions of Entomologist, NVBDCP / VBDTS NVBDCP / Insect Collector-NVBDCP / Data Assistant-cum-Accountant (DAA) / Physiotherapist-DEIC / MO Pedialncian-DEIC / STS-NTEP on contractual basis for a period of 11 months under NHM, O/o CDM & PHO, KORAPUT.

Interested Eligible in-house candidates may log on to koraput.odisha.gov.in. for details terms & conditions and application form and may apply to the relevant post in the prescribed form to the Office of the Chief District Medical & Public Health Officer-cum-District Mission Director. Near Jail. Road. Koraput on or before 21.08.26 by 5.00 PM only through Speed Post/Registered Post/cumer Applications received after the due date & time will not be considered The undersigned reserves the right to cancel any or all the applications without assigning any reason thereof.

Sd/- CDM&PHO-cum-District Mission Director, Koraput

OIPR : 10001/10077/1/26-27/0002



**GOVT. OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR**

Tel. 06766-258094(O) Mail: eerwl_kjr@yahoo, com

25001/905/2627

**"e" Procurement Notice for Road Works**

**Identification No Online NCB - 07/2026-27.**

| | | | |
|---|---|---|---|
| 1. | Name of the Work | : | 1 Nos. Building Work |
| 2. | Total Number of Work | : | 1 No. |
| 3. | Estimated Cost | : | Rs. 97.53 |
| 4. | Class of Contractor | : | "B" Class |
| 5. | Period of Completion | : | As per annexure of e-Procurement Notice No. 07 of 2026-27. |
| 6. | Other Details | : | |

| Procurement Officer | Bid Identification No | Availability of tender Online for bidding | | Last Date & Time of seeking tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rurla Works Division-I, Keonjhar | Road Online NCB No.07 | Dt.13.08.2026 at 11.00 A.M. | Dt. 25.08.2026 up to 5.00 P.M. | Dt. 24.08.2026 up to 5.00 P.M. | Dt. 28.08.2026 at 11.00 A.M. |

Further details can be seen from the Website www.tenderorissa.gov.in

OIPR : 25001/25110/1/26-27/0007

Sd/- Superintending Engineer R.W. Division-I, Keonjhar


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

# ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଶୋଷଣ କରୁଛନ୍ତି ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଟାଟା ପାୱାର ଓଡିଶାକୁ ଆସିବା ଆଗରୁ ପୂର୍ବ ବିଜେଡି ସରକାର ଶକ୍ତି ବିତରଣ କ୍ଷେତ୍ରରେ ଅନେକ ଭିତ୍ତିଭୂମି ସଜାଡିଥିଲେ । ଓଇଆରସିର ନିର୍ଦ୍ଦେଶ (ଭେଷ୍ଟିଂ ଅର୍ଡର) ମୁତାବକ ଟାଟା ପାୱାର ଓଡ଼ିଶାରେ ବିଜୁଳି ଶକ୍ତି ଭିତ୍ତିଭୂମିର ବିକାଶ କରିବା ପାଇଁ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାର ଥିଲା । ବର୍ତ୍ତମାନ ସୁଦ୍ଧା ଟାଟା ପାୱାର ଭିତ୍ତିଭୂମିର ବିକାଶ ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛି, ସେ ବାବଦରେ କୌଣସି ଅଡିଟ୍ ହୋଇନାହିଁ । ଉପଭୋକ୍ତାଙ୍କ ଉପରେ ପୂର୍ବରୁ ଥିବା ସମସ୍ତ ବକେୟାକୁ ଟାଟା ପାୱାର ଜୁଲମ କରି ଆଦାୟ କରୁଥିବାରୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ଼ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ଓଡ଼ିଶାବାସୀଙ୍କୁ ନିରନ୍ତର ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବା ପରିବର୍ତ୍ତେ ରାଜ୍ୟ ସରକାର ଓ ଟାଟା ପାୱାର ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିରୀହ



ଉପଭୋକ୍ତା ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଡ଼ ଅରୁଣ ସାହୁ କହିଥିଲେ ଯେ, ସ୍ମାର୍ଟ ମିଟର ପାଇଁ ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଅନୁଦାନ ଦେଇଛନ୍ତି । ତନ୍ମଧ୍ୟରୁ ୩୦୭ କୋଟି କମ୍ପାନୀ ଦ୍ୱାରା ପୂର୍ବରୁ ସ୍ଥାପିତ ହୋଇଥିବା ମିଟର ପାଇଁ ଏବଂ ୪୨୮ କୋଟି ଟଙ୍କା ନୂତନ ସ୍ମାର୍ଟ ମିଟର ସ୍ଥାପନ ନିମନ୍ତେ ଦିଆଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ପୂର୍ବରୁ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଥିବା ସ୍ମାର୍ଟ ମିଟରର ଖର୍ଚ୍ଚ ସରକାର ବହନ କଲେ ମଧ୍ୟ ଆଦାୟ କରାଯାଇଥିବା ଭଡା (ମିଟର ରେଣ୍ଟ୍) ଉପଭୋକ୍ତାଙ୍କୁ ଫେରାଯାଉ ନାହିଁ କାହିଁକି? । ୟୁପି, ଦିଲ୍ଲୀ ଓ କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ମାନଙ୍କରେ ସ୍ମାର୍ଟ ମିଟରର ମୂଲ୍ୟ ୩ ହଜାର ଟଙ୍କାରୁ କମ୍ ଥିଲା ବେଳେ ଓଡିଶାରେ ଏହା ୩,୯୯୩ ଟଙ୍କା ବୋଲି ବିତରଣ କମ୍ପାନୀ ଦର୍ଶାଇଛି । ଗତ ମାର୍ଚ୍ଚ ୨୪ ତାରିଖରେ ୪ଟି ବିତରଣ କମ୍ପାନୀର ସିଏଜି ଅଡ଼ିଟ୍ ପାଇଁ ପଦକ୍ଷେପ ନେବାକୁ ଓଇଆରସି ପରାମର୍ଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନୀରବତା ସନ୍ଦେହ ସୃଷ୍ଟି କରୁଛି । କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି ବାହାନାରେ ଟାଟା ପାୱାର ବିଜୁଳି ଦର ବୃଦ୍ଧି କରିବାକୁ ଓଇଆରସି ନିକଟରେ ଦାବି କରିଆସୁଛି । ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ବାହାର ରାଜ୍ୟରୁ ଅଣଓଡିଆଙ୍କୁ ଆଣି ମୋଟା ଦରମାରେ ନିଯୁକ୍ତି ଦେଉଛି । ରାଜ୍ୟ ବାହାରର ଏଜେନ୍ସି ଜରିଆରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ସ୍ଥାନୀୟ ଯୁବକମାନଙ୍କୁ ଛଟେଇ କରାଯାଉଛି । ସରକାର ଓ ଟାଟା ପାୱାର ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାରେ ଯଦି ପୂର୍ଣ୍ଣଚ୍ଛେଦ ନ ପଡ଼େ, ତେବେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ମୁଣ୍ଡ ଟେକିବ ।

# ୨୭୭ ଗ୍ରାମ ବ୍ରାଉନସୁଗର ଜବତ : ୨ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ବେଗୁନିଆ ପୁଲିସ ଗୋଲାପାଟଣା ଖେଳପଡିଆ ନିକଟ ଇଉକାଲିପ୍ଟସ୍ ପଡିଆରେ ଚଢଉ କରି ୨୭୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ଜଟଣୀ ଥାନା ଅଧୀନ ତିରିମଲ ଗ୍ରାମ ର ରଶ୍ମିରଞ୍ଜନ ପାତ୍ର ଓରଫ ଟୁଟୁ (୩୩) ଏବଂ ଦେବାଶିଷ ସାହୁ (୩୨) । ସେମାନଙ୍କ ଠାରୁ ବ୍ରାଉନସୁଗର ସମେତ ଏକ କାର (ନଂ-ଓଡି.୦୨ଡିପି- ୦୩୯୭), ଦୁଇଟି ମୋବାଇଲ ଫୋନ୍, ନଗଦ ୩୦ହଜାର ୫ଶହ ଟଙ୍କା, ଏକ ଚେନ୍, ସୁନା ପରି ଦେଖାଯାଉଥିବା ଏକ ମୁଦି, ଆଧାର କାର୍ଡ, ପାନ୍ କାର୍ଡ, ଖାଲି ପଲିଥିନ୍ ପ୍ୟାକେଟ୍ ଓ ଫଏଲ୍ ପେପର କୁ ପୁଲିସ ଜବତ କରିଛି ବୋଲି ଆଜି ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ୍ ପର୍ଶୋତମ ଦାସ ସୂଚନା ଦେଇଛନ୍ତି ।

ଏସ୍‌ପି ଙ୍କ ସୂଚନା ଅନୁସାରେ, ବେଗୁନିଆ ଥାନା ଅଧିନ ଗୋଲାପଟଣା ଖେଳପଡ଼ିଆ ନିକଟସ୍ଥ ଇଉକାଲିପ୍ଟସ୍ ପଡିଆ ରେ ବ୍ରାଉନସୁଗର କାରବାର ହେଉଥିବା ନେଇ ଆଜି ସକାଳ ପ୍ରାୟ ୮ଟା ୧୫ ମିନିଟ୍ ରେ ପୁଲିସ ବିଶେଷସୂତ୍ରରୁ ଖବର ପାଇଥିଲା । ସେମାନଙ୍କୁ ଧରିବା ଲାଗି ଏସ୍‌ପି ପରମାର ସ୍ମିଥ ପର୍ଶୋତମ ଦାସଙ୍କ




ନିର୍ଦ୍ଦେଶକ୍ରମେ ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ପୁଲିସ ଟିମ୍ ଗଠନ କରାଯାଇଥିଲା । ଏସ୍‌ଆଇ ଉଷାରାଣୀ ଦାଶଙ୍କ ନେତୃତ୍ୱରେ ଏଏସ୍‌ଆଇ ମନୋଜ କୁମାର ଶତପଥୀ, କନଷ୍ଟେବଳ ପବନ ରାଉତରାୟ, ପ୍ରଦୀପ କୁମାର ବେହେରା ଓ ଶ୍ରୀନିବାସ ବାରିକଙ୍କୁ ନେଇ ଗଠିତ ଟିମ୍ ଘଟଣାସ୍ଥଳରେ ଚଢଉ କରିଥିଲା । ଚଢଉ ସମୟରେ ଖସିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ଟୁଟୁ ଓ ଦେବାଶିଷ ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ଏନେଇ ବେଗୁନିଆ ପୁଲିସ ୩୨୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି । ଏହି ମାମଲାର ତଦନ୍ତ ଏସ୍‌ଆଇ ଅଭୟ କୁମାର ରାଉତ କରୁଛନ୍ତି ବୋଲି ଏସ୍‌ପି କହିଛନ୍ତି ।

ଅନ୍ୟପକ୍ଷରେ ଖୋର୍ଦ୍ଧାରେ ଜାରି ରହିଛି ନିଶା ବିରୋଧୀ ଅଭିଯାନ । ଗତ ୨୬ ମଇ ରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ମୋଟ ୧୭ଟି ଏନଡିପିଏସ୍ ମାମଲା ରୁଜୁ ହୋଇଛି । ଏଥିରେ ୪ ଜଣ ମହିଳା ଓ ୩୭ ଜଣ ପୁରୁଷ ଗିରଫ ହୋଇଛନ୍ତି । ଏହି ସମୟ ମଧ୍ୟରେ ପୁଲିସ ୧ କିଲୋ ୭୬୮ ଗ୍ରାମ ୫୯୧ ମିଲିଗ୍ରାମ ବ୍ରାଉନସୁଗର, ୨୨୩ କିଲୋ ୯ ଗ୍ରାମ ଗଞ୍ଜେଇ ଓ ୨୦୬ଟି କୋରେକ୍ସ ବୋତଲ ଜବତ କରିଛି । ଏଥିସହ ୯ଟି କାର, ୮ଟି ମୋଟରସାଇକେଲ, ୧୭ଟି ମୋବାଇଲ ଫୋନ୍ ଓ ନଗଦ ୪୨,୮୯୦ ଟଙ୍କା କୁ ଜବତ କରିଛି । ପୁଲିସ ଆକଳନ ଅନୁଯାୟୀ, ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧ କୋଟି ୭୬ ଲକ୍ଷ ୮୦ ହଜାର ଟଙ୍କା ଏବଂ ଗଞ୍ଜେଇର ମୂଲ୍ୟ ପ୍ରାୟ ୨୨ ଲକ୍ଷ ୩୦ ହଜାର ଟଙ୍କା ହେବ । ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାରକୁ ରୋକିବା ପାଇଁ ପୁଲିସର ଚଢ଼ାଉ ଓ ଧରପଗଡ଼ ଅଭିଯାନ ଜାରି ରହିଛି, ଆଗକୁ ମଧ୍ୟ ଜାରୀ ରହିବ ବୋଲି ଏସ୍‌ପି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଏସ୍‌ଡିପିଓ ଅନୀଲ ମହାନ୍ତି, ଥାନା ଅଧିକାରୀ କାହ୍ନୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଲୱେ ସେଟଲମେଣ୍ଟ ବିଦ୍ୟାଳୟର କର୍ମକର୍ତ୍ତା ଚୟନ

କଟକ, (ସ୍ୱପ୍ର) : ରେଲୱେ ସେଟଲମେଣ୍ଟ ବିଦ୍ୟାଳୟ ସମୂହର ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ



ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସାଧାରଣ ବୈଠକରେ ସର୍ବ ସମ୍ମତି କ୍ରମେ ବିଭିନ୍ନ ପଦାଧିକାରୀ ମାନଙ୍କୁ ଚୟନ କରାଯାଇଛି । ଏଥିରେ ଉପଦେଷ୍ଟା ଭାବେ ମଧୁସୂଦନ ରାଉତ, ଶିବ ପ୍ରସାଦ ବେହେରା, ରଶ୍ମି ରଞ୍ଜନ ମିଶ୍ର, ପୁଣ୍ୟଶ୍ଳୋକ ଦାସ ମନୋନିତ ହୋଇଥିବାବେଳେ ସଭାପତି ଭାବେ ପ୍ରଶାନ୍ତ ମହାପାତ, କାର୍ଯ୍ୟକାରୀ ସଭାପତି ପ୍ରିୟ ରଞ୍ଜନ ମହାପାତ୍ର, ଉପ ସଭାପତି ସରୋଜ କୁମାର ରାଉତ, ସଂଜୀବ କୁମାର ମହାରଣା, ଭୀମସେନ ସାବତ, ଅଜୟ କୁମାର ମହାନ୍ତି, ବିଷ୍ଣୁ ଚରଣ ସାହୁ, ସାଧାରଣ ସମ୍ପାଦକ ସତ୍ୟବ୍ରତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିନୟ କୁମାର ପାତ୍ର, କମଳାକାନ୍ତ ଖଟୁଆ, ସତ୍ୟ ନାରାୟଣ ପଟ୍ଟନାୟକ ସହ ସମ୍ପାଦକ ପ୍ରସିତ କୁମାର ଦାସ, ଶୁଭେନ୍ଦୁ ସେନଗୁପ୍ତ, ସୁଜିତ କୁମାର ମିଶ୍ର, କୋଷାଧ୍ୟକ୍ଷ ମହମଦ ଅକିକ, ମହିଳା ସଂଯୋଜକ ମିତ୍ରାକ୍ଷୀ କର, ଶୁଚିସ୍ମିତା ସାବତ, ସାଂସ୍କୃତିକ ସମ୍ପାଦକ ପ୍ରିୟ ଦର୍ଶନ ପାଭେଲଙ୍କୁ ଚୟନ କରାଯାଇଛି । ଉପରୋକ୍ତ ପଦ ବା ପଦାଧିକାରୀ ନିଯୁକ୍ତି ସମ୍ବନ୍ଧୀୟ ସୂଚୀ ବିଷୟରେ କିଛି ମତାମତ, ଆଶଙ୍କା, କିମ୍ବା ପ୍ରଶ୍ନ ଥିଲେ ଉପଦେଷ୍ଟା ମଣ୍ଡଳୀ କିମ୍ବା ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ସହ ଆଲୋଚନା କରି ପାରିବେ ।

## ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳବାଇ ଚିକିତ୍ସାଳୟ ପକ୍ଷରୁ ସ୍ତନ୍ୟପାନ ସପ୍ତାହ ପାଳିତ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ୍ ସ୍ଥିତ ମଣ୍ଡଳ ରେଳବାଇ ଚିକିତ୍ସାଳୟର ବହିର୍ବିଭାଗ ପରିସରରେ ଏକ ସଚେତନତା ସେମିନାର ଆୟୋଜନ କରାଯାଇ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଫଳତାର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁ ଏବଂ ମାତାମାନଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଗତ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା । ସ୍ତନ୍ୟପାନ ସୁରକ୍ଷା ଓ ଏ ସମ୍ପର୍କିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସେମିନାରରେ ଚିକିତ୍ସା ବିଶେଷଜ୍ଞ, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇଥିଲେ । ଏହି ସେମିନାରଟି ମୁଖ୍ୟ ଚିକିତ୍ସାଧୀକ୍ଷକ ଡାକ୍ତର ସବିତା ଶତପଥୀ,ଡାକ୍ତର ଆର୍. ଏନ୍. ପଣ୍ଡା (ମଣ୍ଡଳ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ/ଖୋର୍ଦ୍ଧାରୋଡ଼ ) ଏବଂ ଡାକ୍ତର ପି. କେ. ଦାସ ଚୁକ୍ତିଭିତ୍ତିକ ଚିକିତ୍ସା ବିଶେଷଜ୍ଞ, ଶିଶୁ ରୋଗ ବିଭାଗଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଏଥିରେ ପ୍ରାୟ ୬୦ ଜଣ ସଦସ୍ୟ ଯୋଗ ଦେଇଥିଲେ, ଯେଉଁଥିରେ ଡାକ୍ତର, ସହକାରୀ ନର୍ସିଂ ଅଫିସର , ନର୍ସିଂ କର୍ମଚାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କର୍ମଚାରୀ, ଫାର୍ମାସିଷ୍ଟ, ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଏବଂ ଓପିଡିକୁ ଆସିଥିବା ରୋଗୀମାନେ ସାମିଲ ଥିଲେ । ଏହି ଅବସରରେ ଶିଶୁ ସ୍ୱାସ୍ଥ୍ୟ, ମାତୃ ପୁଷ୍ଟିହୀନତା ଦୂରୀକରଣ ଏବଂ ସ୍ତନ୍ୟପାନକୁ ନେଇ ସମାଜରେ ଥିବା ବିଭିନ୍ନ ଗୁଜବ ଓ ଭ୍ରାନ୍ତ ଧାରଣା ଦୂର କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ।

## ମହାପ୍ରଭୁଙ୍କ ୩୨ ବେଶ ପ୍ରଦର୍ଶନୀ ଓ ଦିବ୍ୟାଙ୍ଗ ପିଲାମାନଙ୍କ ଭଜନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ): ରାଜଧାନୀ ଭୁବନେଶ୍ୱରଠାରେ ଆସନ୍ତା ଅଗଷ୍ଟ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟସ୍ଥ "ଲିଙ୍ଗରାଜ ଭଜନ ମଣ୍ଡପ"ଠାରେ ଅନୁଷ୍ଠିତ ହେବାକୁ ଯାଉଛି "ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନୀ" । ଏହା ସହିତ ଦୃଷ୍ଟିବାଧିତ ପିଲାମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା, କଥାମୃତ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଜଗନ୍ନାଥ ପ୍ରେମୀମାନଙ୍କୁ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ସର୍ଭିସ ସେଣ୍ଟର ଫର ଦି ଦିବ୍ୟାଙ୍ଗ ପିପୁଲସ', 'ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆ' ଏବଂ 'ବିଶ୍ୱ ହିନ୍ଦୁ ପରିଷଦ, ଭୁବନେଶ୍ୱର ମହାନଗର'ର ମିଳିତ ଆୟୋଜନରେ ଏହି ଅନନ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସନ୍ଦର୍ଭରେ ସହିଦନଗର ବିଷ୍ଣୁମନ୍ଦିର ସାଂସ୍କୃତିକ ସମିତି ହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ସଭାପତି ଡ଼ ନାରାୟଣ ମହାପାତ୍ର ଓଡିଶା ସର୍ଭିସ ସେଣ୍ଟର ଫର ଦୁବ୍ୟାଙ୍ଗ ପିପୁଲ ସଭାପତି ଭବାନୀ ଶଙ୍କର ପାଢ଼ୀ, ବିଶ୍ୱ ହିନ୍ଦୁ ପରିଷଦର ମହାନଗର ସଭାପତି ଏବଂ ପ୍ରଦୀପ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସୁରେଶ କୁମାର ମିଶ୍ର, ତ୍ରିଲୋଚନ ନାୟକ, ଦିଲ୍ଲୀପ ପଟ୍ଟନାୟକ, ଅଜୟ ଦାସ, ଭାରତୀ ଭୂଷଣ ପଟ୍ଟନାୟକ, ଭଗବାନ ଦାଶ, ଅକ୍ଷୟ କୁମାର ସାହୁ, ବିଜୟ ମୋହନ ପଣ୍ଡା, ଶ୍ରୀନିବାସ ରାଓ ଓ ଦୀନବନ୍ଧୁ ବାବୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ଅଗଷ୍ଟ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଓ ଶ୍ରଦ୍ଧାଳୁ ଯୋଗଦେବେ । ଏହି ମହାନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ସପରିବାର ଉପସ୍ଥିତ ରହି ପ୍ରଭୁଙ୍କ କୃପା ଲାଭ କରିବା ପାଇଁ ଆୟୋଜକଙ୍କ ତରଫରୁ ଅନୁରୋଧ କରାଯାଇଛି ।

# ସାଂସ୍କୃତିକ ପ୍ରତିଷ୍ଠାନ ଆମ ସାହି ଆମ ରାମଲୀଳାର ସ୍ୱତନ୍ତ୍ର ବୈଠକ

କଟକ, (ସ୍ୱପ୍ର) : କଳା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାକୁ ଆରମ୍ଭ ହୋଇଛି ପ୍ରୟାସ । କଟକର ସ୍ୱତନ୍ତ୍ର ସାଂସ୍କୃତିକ ପ୍ରତିଷ୍ଠାନ ଆମ ସାହି ଆମ



ରାମଲୀଳାର ଆନୁଷ୍ଠାନିକ ବୈଠକ ସ୍ଥାନୀୟ ଗୋପାଳପୁର ଶ୍ରୀକୋରୁଆଁ ଗ୍ରାମର ଦଣ୍ଡାମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମା' ଅମ୍ବିକା ରାମଲୀଳା ସମିତିର ସହଯୋଗରେ ଅନୁଷ୍ଠିତ ବୈଠକରେ କଟକର ୪୦ଟି ଶ୍ରୀରାମଲୀଳା ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉକ୍ତ ସଭାରେ କମିଟି ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ପ୍ରଭାତ କୁମାର ଦେବତା, ଉପ ସଭାପତି ସିଦ୍ଧାର୍ଥ ନାୟକ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଦାସ, ସମ୍ପାଦକ ସଂନ୍ତୋଷ କୁମାର ସାହୁ, ସର୍ବ ବ୍ୟବସ୍ଥାପକ ମିଳନ ବେହେରାଙ୍କ ସହ ବିଭିନ୍ନ ଅଞ୍ଚଳର ସଂଯୋଜକଙ୍କୁ ଚୟନ କରାଯାଇଥିଲା । ଏଥିରେ ଯୋଗଦେଇଥିବା ପ୍ରତ୍ୟେକ ରାମଲୀଳା ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବା ସହିତ ମହାନ ଉତ୍କଳୀୟ ସଂସ୍କୃତି, ପରମ୍ପରାକୁ ଆଗକୁ ନେବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ଦେବତା କହିଥିଲେ । ଏଥିରେ ନିରଞ୍ଜନ ନାୟକ ସଭା ପରିଚାଳନା କରିଥିଲେ । ମା ଅମ୍ବିକା ରାମଲୀଳା ସମିତିର ସଭାପତି ବଳରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଥାନେରେ ଅନୁକୂଳଚନ୍ଦ୍ରଙ୍କର ସତସଙ୍ଗ



ଭୁବନେଶ୍ୱର (ସବ୍ୟୁ): ମୁମ୍ବାଇ ଥାନେ ସହରରେ ରହୁଥିବା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀ, କର୍ମୀ, ଏବଂ ମା ମାନଙ୍କର ଏକ ବିଶେଷ ସତସଙ୍ଗ ୯ ତାରିଖରେ ପାଳିତ ହୋଇଥିଲା । ଏଥିରେ ମହାରାଷ୍ଟ୍ର ରାଜ୍ୟର ବହୁ ସଂଖ୍ୟାରେ ଅନୁଗାମୀ ଯୋଗ ଦାନ କରିଥିଲେ । ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଏଥିରେ ହଜାର ହଜାର ଭକ୍ତ ମାନେ ଯୋଗ ଦାନ କରି. କୀର୍ତ୍ତନ. ଭଜନ,ଆଲୋଚନାରେ ଅଂଶ ଗ୍ରହଣ କରି ମହାରାଷ୍ଟ୍ର ମହୋତ୍ସବ ର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ ସିଦ୍ଧାନ୍ତ ହୋଇଥିଲା । ବହୁ ସଂଖ୍ୟାରେ ଯୁବକର୍ମୀ ମାନେ ଏବଂ ବର୍ଷିୟାନ୍ କର୍ମୀ ପ୍ରଭାକର ଯୋଶୀ ପ୍ରମୁଖ ଏହାର ଆୟୋଜନ କରି ସମସ୍ତଙ୍କୁ ପ୍ରସାଦ ବିତରଣ କରିଥିଲେ ।

# ଡାକ୍ତର କୁଳମଣି ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ତମାଣ୍ଡୋ ଅଂଚଳ ଜଣାଶୁଣା ଡାକ୍ତର କୁଳମଣି ପଟନାୟକଙ୍କ ଆଜି ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ । ସୋମବାର ଭୋର ୪ଟା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



ସ୍ୱର୍ଗତ ଡାକ୍ତର ପଟ୍ଟନାୟକ ଅହୋରାତ୍ର ରୋଗୀ ସେବା କରି ସ୍ଥାନୀୟ ଅଂଚଳ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ । ଜଣେ ସରଳ, ମିଷ୍ଟଭାଷୀ ଏବଂ ପରୋପକାରୀ ବ୍ୟକ୍ତିଭାବେ ସେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁରେ ଆଜି ତମାଣ୍ଡୋ ଅଂଚଳ ରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ କମଳିନୀ ପଟନାୟକ, ପୁଅ ପ୍ରଶାନ୍ତ କୁମାର ପଟନାୟକ, ହରମୋହନ ପଟନାୟକ, ପୁତୁରା ଗୌରପ୍ରସାଦ ପଟନାୟକ, ପୁତୁରା ସାମ୍ବାଦିକ ଅମ୍ବିକା ପ୍ରସାଦ ପ;ନାୟକ, ଝିଅ-ଜ୍ୱାଇଁ, ନାତିନାତୁଣୀ ଏବଂ ପରିବାର ଲୋକେ ଉପସ୍ଥିତ ଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ତମାଣ୍ଡୋସ୍ଥିତ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିଥିଲେ । ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁଶାସନ ସ୍ୱାଇଁ, ସମୟ ଖବରକାଗଜର ପ୍ରକାଶକ ସତ୍ୟନାରାୟଣ ମହାନ୍ତି, ତମାଣ୍ଡୋର ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରି, ବିଜେପି ନେତା ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ ପହଂଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ସହ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁରେ ସୋମବାର ତମାଣ୍ଡୋ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବଜାର ବନ୍ଦ ପାଳନ କରାଯାଇଛି ।

# ସୋଆରେ ବିକଶିତ ଭାରତ ଯୁବା କନେକ୍ଟ ପ୍ରୋଗ୍ରାମ୍ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଶନିବାର କ୍ୟାମ୍ପସ-୪ ପରିସରରେ "ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଭାରତ ଅଭିଯାନ" କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରସଙ୍ଗ ରହିଥିଲା "ନଶାମୁକ୍ତ ଯୁବା ଫର ବିକଶିତ ଭାରତ" । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଅଜିତ କୁଶୱାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି ଅଭିଯାନ ଖୁବ୍ ବ୍ୟାପକ ହେବାରେ ଲାଗିଛି । ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିଙ୍କୁ



କିପରି ନିଶାମୁକ୍ତ କରାଯିବ ଏବଂ ସେମାନଙ୍କୁ ଶାରୀରିକ, ମାନସିକ ଓ ଆଧାତ୍ମିକ ସ୍ତରରେ ସଶକ୍ତ କରାଯାଇପାରିବ ସେ ନେଇ ଶ୍ରୀ କୁଶୱାହ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ ଏବଂ "ନିଶାମୁକ୍ତ ଭାରତର" ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗ ଦେଇ ସମାଜକୁ ନିଶାମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ରହିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ । ସୋଆ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## କୋଟାକ ପକ୍ଷରୁ ହାଇବ୍ରିଡ଼ ହୋମ ଲୋନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଘର କ୍ରୟ କରିବା ହେଉଛି ଜଣେ ଗ୍ରାହକଙ୍କ ଆର୍ଥିକ ଯାତ୍ରାର କେବଳ ଆରମ୍ଭ ମାତ୍ରା ପରବର୍ତି ବର୍ଷ ଗୁଡ଼ିକରେ, ପରିବାର ଗୁଡ଼ିକ ପ୍ରତି ମାସର ଇଏମଆଇ ସହିତ ଘରର ବାହ୍ୟ ସାଜସଜ୍ଜା, ଶିକ୍ଷା, ସଂଚୟ ଏବଂ ଦୈନନ୍ଦିନ ଖର୍ଚ୍ଚ ପରି•ଳନା କରିଥାନ୍ତି । କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆଜି ତାହାର ହାଇବ୍ରିଡ଼ ହୋମ ଲୋନ ଶୁଭାରମ୍ଭ କରିବାର ଘୋଷଣା କରିଛି, ଯାହା ଗ୍ରାହକମାନଙ୍କୁ ସେମାନଙ୍କର ଗୃହ ଋଣ ସୁଧହାର ୩୯,୫୨ କିମ୍ବା ୬୫ ମାସ ପର୍ଯ୍ୟନ୍ତ ଲକ କରିବାକୁ ଏବଂ ଆରମ୍ଭ ଏହି ଗୁରୁତ୍ୱପୂର୍ଣ୍ଣ ବର୍ଷଗୁଡ଼ିକୁ ଅଧିକ ସ୍ୱଷ୍ଟତା ସହିତ ଯୋଜନା କରିବାକୁ ସମର୍ଥ କରିବ । ନକୁଲ ସାକ୍‌ସେନା, ମୁଖ୍ୟ - କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ମୋର୍ଟଗେଜ, କହିଛନ୍ତି, "ଗୋଟିଏ ଗୃହ ଋଣ ଅନେକ ଦଶନ୍ଧି ଧରି •ଲିପାରେ ଏବଂ ଏହା ଅନେକଗୁଡ଼ିଏ ସୁଧ-ହାର ଚକ୍ର ଦେଇ ଗତି କରିଥାଏ । ଅନେକ ଋଣଗ୍ରହିତାଙ୍କ ପାଇଁ, ପ୍ରତ୍ୟେକ ସୁଧ ହାର ପରିବର୍ତନ ଏହି ପ୍ରଶ୍ନ ଉଠାଇଥାଏ ଯେ, ପରବର୍ତି ପରିବର୍ତନ ସେମାନଙ୍କ ଇଏମଆଇ କିମ୍ବା ଘରୋଇ ବଜେଟକୁ କିପରି ପ୍ରଭାବିତ କରିବା । ସମୟ ସହିତ ଆୟ, ପ୍ରାଥମିକତା ଏବଂ ଆର୍ଥିକ ପ୍ରତିଶ୍ରୁତି ବଦଳୁଥିବାରୁ ପରିବାରଗୁଡ଼ିକ ଜୀବନର ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚଗୁଡ଼ିକୁ ମଧ୍ୟ ସନ୍ତୁଳିତ କରୁଛନ୍ତି । ଗ୍ରାହକମାନଙ୍କୁ ୬୫ ମାସ ପର୍ଯ୍ୟନ୍ତ ସେମାନଙ୍କ ସୁଧ ହାର ଲକ୍ କରିବାକୁ ସୁଯୋଗ ଦେଇ, କୋଟାକ୍ ହାଇବ୍ରିଡ଼ ହୋମ ଲୋନ ଗୃହ ମାଲିକାନାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଯୋଜନା କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ସୁବିଧା ସୃଷ୍ଟି କରେ ।"

## ଟନେଲ୍ ଇଞ୍ଜିନିୟରିଂରେ ଷ୍ଟେନଲେସ୍ ଷ୍ଟିଲ୍ ପ୍ରୟୋଗ ଉପରେ

# ସ୍ୱତନ୍ତ୍ର ପାଠ୍ୟକ୍ରମ ପାଇଁ ଜିନ୍ଦଲ ଷ୍ଟେନଲେସ୍ ଏମ୍ଆଇଟି-ଡବ୍ଲ୍ୟୁପିୟୁ ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ପୁଣେ ସ୍ଥିତ ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମଆଇଟି-ଡବ୍ଲ୍ୟୁପିୟୁ) ସହିତ ଷ୍ଟେନଲେସ୍ ଷ୍ଟିଲ୍: ଟନେଲ୍ ଏବଂ ଭୂତଳ ସ୍ପେସ୍ ନିର୍ମାଣ ପାଇଁ ଏକ ସ୍ଥାୟୀ, ସବୁଜ ଏବଂ ଅଭିନବ ସାମଗ୍ରୀ ଶୀର୍ଷକ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ସହଯୋଗର ଉଦ୍ଦେଶ୍ୟ ହେଉଛି ଭବିଷ୍ୟତର ଇଞ୍ଜିନିୟରମାନଙ୍କୁ ଷ୍ଟେନଲେସ୍ ଷ୍ଟିଲ, ଉନ୍ନତ ସାମଗ୍ରୀ ଏବଂ ସ୍ଥାୟୀ ଟନେଲ୍ ନିର୍ମାଣରେ ସେମାନଙ୍କର ପ୍ରୟୋଗର ବ୍ୟାବହାରିକ ଜ୍ଞାନ ସହିତ ସଜ୍ଜିତ କରି ଶିଳ୍ପାନୁଷ୍ଠାନ ସମ୍ବନ୍ଧୀୟ ଶିକ୍ଷା ସମ୍ପର୍କକୁ ମଜଭୁତ କରିବା । ମେଟ୍ରୋ ରେଳ, ରାଜପଥ, ରେଳବାଇ, ଜଳବିଦ୍ୟୁତ ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସ୍ପି)ରେ ଭାରତରେ ଉଲ୍ଲେଖନୀୟ ପୁଞ୍ଜି ବିନିଯୋଗ ହେବା ସହିତ ଭୂତଳ ଭିତିଭୂମି ଭବିଷ୍ୟତର ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ଉଭା ହେଉଛି । ଯେହେତୁ ଟନେଲଗୁଡିକ ଦୀର୍ଘ ସେବା ଜୀବନ ପାଇଁ ଡିଜାଇନ୍ ହୋଇଛି ଏବଂ ଭୂତଳ ଜଳ, ଆର୍ଦ୍ରତା ଏବଂ କ୍ଷୟକାରୀ ଅବସ୍ଥା ସହିତ




ଜଡିତ ଆହ୍ୱାନମୂଳକ ପରିବେଶରେ କାର୍ଯ୍ୟ କରୁଛି । ସମୟକ୍ରମେ ଉନ୍ନତ ସାମଗ୍ରୀ, ଜୀବନଚକ୍ର ଭିତିକ ଡିଜାଇନ୍ ଏବଂ ସ୍ଥାୟୀ ନିର୍ମାଣ ଅଭ୍ୟାସରେ ପାରଦର୍ଶିତା ଥିବା ଇଞ୍ଜିନିୟରମାନଙ୍କର ଆବଶ୍ୟକତା ବଢୁଛି । ଏହି ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ ଆଜିଠାରୁ ଆରମ୍ଭ ହେବ ।

ଜିନ୍ଦଲ ଷ୍ଟେନଲେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ତରୁଣ ଖୁଲବେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲୱେ ଲିମିଟେଡର ବ୍ୟବସାୟ ୟୁନିଟ୍ ମୁଖ୍ୟ ଶ୍ରୀ ମଧୁର ଗୁପ୍ତା; ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲୱେ ଲିମିଟେଡର ଷ୍ଟ୍ରାଟେଜିକ୍ ବିଜନେସ୍ ଆଣ୍ଡ ଟନେଲ୍ ଇନଫ୍ରା ମୁଖ୍ୟ ଶ୍ରୀ ସନ୍ଦୀପ ସିଂ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମଆଇଟି-ଡବ୍ଲ୍ୟୁପିୟୁ)ର ପ୍ରତିନିଧିତ୍ୱ କରି ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଭାଗର ଡିନ୍ ଡ. ସିଦ୍ଧାର୍ଥ ଚକ୍ରବର୍ତୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି ।

## ଲୋକସଭାରେ ଖଣି ଓ ଖଣିଜ ସଂଶୋଧନ ବିଲ୍ ଆଗତ

# ଖଣିଜ ଉପରେ ରାଜ୍ୟର କ୍ଷମତା କମିବ

ନୂଆଦିଲ୍ଲୀ : ଖଣି ଉପରେ କିମ୍ବା ଖଣି ଥିବା ଅଞ୍ଚଳରେ ରାଜ୍ୟଗୁଡ଼ିକର ଟିକସ ଲଗାଇବା କ୍ଷମତାକୁ ସଙ୍କୁଚିତ କରିବାକୁ କେନ୍ଦ୍ର ସରକାର ଏକ ବିଲ୍ ଲୋକସଭାରେ ଆଗତ କରିଛନ୍ତି। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲରେ ରାଜ୍ୟମାନଙ୍କ କ୍ଷମତା ସଙ୍କୁଚିତ କରିବାକୁ ଉଦ୍ୟମ କରାଯାଇଛି। ଏହି ବିଲରେ ଖଣି ଓ ଖଣିଜ ଥିବା ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ଅଧୀନକୁ ନେଇଯିବା ପାଇଁ ପ୍ରୟାସ ହୋଇଛି। ଏହି ବିଲରେ ଏକ ସମ୍ପୂର୍ଣ୍ଣ ନୂଆ ଧାରା ୯(ଡି) ଯୋଡ଼ାଯାଇଛି। ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜ ଥିବା ଅଞ୍ଚଳ ଉପରେ ଖଣିଜର ପରିମାଣ, ଖଣିଜ ମୂଲ୍ୟ, ରୟାଲ୍ଟି କିମ୍ବା ଅନ୍ୟ ଯେକୌଣସି ଉପାୟରେ କୌଣସି ଟିକସ, ସେସ୍ କିମ୍ବା ସେହି ଧରଣର



ଶୁଳ୍କ ଲଗାଇପାରିବେ ନାହିଁ। ଏମ୍ଏମ୍ଡିଆର୍ ସଂଶୋଧନ ନିୟମ ୨୦୨୬ ଲାଗୁ ହେବା ପୂର୍ବରୁ ସରକାରଙ୍କ ନିକଟରେ ଜମା କରାଯାଇନଥିବା ଏହି ଧରଣର ଟିକସକୁ ବୈଧ ବିଚାର କରାଯିବ। ଯଦି ସେଭଳି ଟିକସ ରାଜ୍ୟ ସରକାର ସଂଗ୍ରହ କରିସାରିଥିବେ କିମ୍ବା ସରକାରଙ୍କ ନିକଟରେ ଜମା କରାଯାଇଥିବ ତେବେ ତାହାକୁ ଫେରସ୍ତ କରାଯିବ ନାହିଁ। ଏହି ବିଲ୍ ଜରିଆରେ ସରକାର ଖଣି କ୍ଷେତ୍ରକୁ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ନିୟମ ପ୍ରଦାନ କରିବାକୁ ଚାହୁଁଛନ୍ତି। କେନ୍ଦ୍ର ସରକାର ଜଣାଇଛନ୍ତି ଯେ ଖଣିଜ ସମ୍ପଦ ହେଉଛି ସୀମିତ ଓ ସେଗୁଡ଼ିକ କିଛି ହାତଗଣତି ରାଜ୍ୟରେ ରହିଛି। ତେଣୁ ସେଗୁଡ଼ିକର ଉତ୍ତୋଳନ ଓ ପରିଚାଳନା ଜାତୀୟ ଲକ୍ଷ୍ୟ ଅନୁସାରେ ହେବା ଉଚିତ୍। ତେଣୁ ଖଣିଜ ପଦାର୍ଥ ଉପରେ ଶୁଳ୍କ ଲଗାଇବାରେ କୌଣସି ପ୍ରକାର ଆଞ୍ଚଳିକ ବୈଷମ୍ୟ ରହିଲେ ତାହା ସାର୍ବଜନୀନ ସ୍ୱାର୍ଥକୁ ପ୍ରଭାବିତ କରିବ। କେନ୍ଦ୍ର କହିଛି ଯେ ଏଭଳି ଟିକସ ଲଗାଇବାର ସନ୍ତୁଳନ ରହୁନଥିବାରୁ ଶିଳ୍ପଗୁଡ଼ିକ ସ୍ଥାନୀୟ ଯୋଗାଣକୁ ସମ୍ପୂର୍ଣ୍ଣ ଏଡ଼ାଇ ଯାଉଛନ୍ତି, ଯାହା ଫଳରେ ପରିବହନ ଖର୍ଚ୍ଚ ଓ ପ୍ରଦୂଷଣ ବଢ଼ୁଛି। ଦେଶ ଭିତରେ ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଥିଲେ ମଧ୍ୟ ପ୍ରତିବର୍ଷ ବାହାରୁ ବିପୁଳ ପରିମାଣର ଖଣିଜ ପଦାର୍ଥ ଆମଦାନି କରିବାକୁ ପଡୁଛି।ଟିକସର କୌଣସି ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇନଥିବାରୁ ରାଜ୍ୟଗୁଡ଼ିକୁ ଖଣିଜ ଅଧିକାର ଓ ଖଣି ଥିବା ଅଞ୍ଚଳ ଉପରେ ଅସମାନ ଟିକସ ଲଗାଉଛନ୍ତି। ଫଳରେ ଖଣି କ୍ଷେତ୍ର ଉପରେ ଟିକସ ବୋଝ ବଢୁଛି, ଟିକସ ନୀତିକୁ ଆକଳନ କରାଯାଇପାରୁନାହିଁ ଏବଂ ଖଣି କାର୍ଯ୍ୟ ଆରମ୍ଭ ହେବା ପରେ ଉତ୍ପାଦନ ଓ ପ୍ରେରଣ ଉପରେ ଏକାଧିକ ଟିକସ, ସେସ୍ ଓ ଅନ୍ୟାନ୍ୟ ଶୁଳ୍କ ରାଜ୍ୟଗୁଡ଼ିକ ଲଗାଉଛନ୍ତି। ଅତ୍ୟଧିକ ଟିକସ ଖଣି କାର୍ଯ୍ୟକୁ ବାଣିଜ୍ୟିକ ଦୃଷ୍ଟିରୁ ଅଣଲାଭଦାୟକ କରୁଛି ଏବଂ ଖଣିଜ ଉତ୍ତୋଳନକୁ ନିରୁତ୍ସାହିତ କରୁଛି।

## ଫୋନପେ' ମ୍ୟୁଚୁଆଲ ଫଣ୍ଡ

# ସମ୍ପତ୍ତି ସୃଷ୍ଟିକୁ ସୁଲଭ କରୁଛି ଏସଆଇପି

ନୂଆଦିଲ୍ଲୀ : ପ୍ରତିଦିନ ମାତ୍ର ୧୦ ଟଙ୍କାରୁ ଆରମ୍ଭ ହେଉଥିବା ନିବେଶ ସହିତ ଫୋନପେ ମ୍ୟୁଚୁଆଲ ଫଣ୍ଡ ଲଂଚ୍ ହେବାର ମାତ୍ର ୬ ମାସ ମଧ୍ୟରେ ୫ ଲକ୍ଷରୁ ଅଧିକ ଗ୍ରାହକ ହାସଲ କରିଛି, ଯାହା ଟିୟର୨ ଓ ଟିୟର ୩ ସହରଗୁଡିକରୁ ୭୭%ର ବିଶାଳ ଯୋଗଦାନ ଦ୍ୱାରା ପରିଚାଳିତ । ଭାରତର ଖୁଚୁରା ନିବେଶ ଯାତ୍ରା ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି ଯେଉଁଠାରେ ସମ୍ପତ୍ତି ନିର୍ମାଣ ଏକ ଦୈନିକ ଅଭ୍ୟାସରେ ପରିଣତ ହୋଇଛି । ଡେଲି (ଦୈନିକ) ଏସଆଇପିଗୁଡିକ ଦୀର୍ଘକାଳିନ ସମ୍ପତ୍ତି ନିର୍ମାଣ କରିବା ପାଇଁ ଏକ ପ୍ରଭାବଶାଳୀ ମାଧ୍ୟମରେ ଭାବେ ଉଭା ହୋଇଛି । ଦିନକୁ ମାତ୍ର ୧୦ ଟଙ୍କାର ଛୋଟ ନିବେଶକୁ ସକ୍ଷମ କରି ଫୋନପେ ମ୍ୟୁଚୁଆଲ ଫଣ୍ଡ ପ୍ରବେଶ ପ୍ରତିବନ୍ଧକକୁ ଦୂର କରିବା ସହିତ ନିବେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୌଳିକ ସିଦ୍ଧାନ୍ତ: ସମୟକ୍ରମେ ସ୍ଥିରତା'କୁ ସୁଦୃଢ କରିଛି । ଫୋନପେ ମ୍ୟୁଚୁଆଲ ଫଣ୍ଡର ଡେଲି ଏସଆଇପି ଡାଟା ଏହାର ବର୍ଦ୍ଧିତ ଆଚରଣଗତ ପରିବର୍ତ୍ତନକୁ ପ୍ରତିଫଳନ କରୁଛି । ଡିସେମ୍ବର ୨୦୨୫ରେ ଏହି ଫିଚରକୁ ଲଂଚ କରିବା ପରଠାରୁ ଏହି ପ୍ଲାଟଫର୍ମ ୫ ଲକ୍ଷରୁ ଅଧିକ ଦୈନିକ ଏସଆଇପି ନିବେଶକ ହାସଲ କରିଛି, ଯାହା ସ୍ୱଳ୍ପ, ନିରନ୍ତର ନିବେଶ ପାଇଁ ବର୍ଦ୍ଧିତ ଆକର୍ଷଣକୁ ପ୍ରଦର୍ଶିତ କରୁଛି । ଏହି ବେଗ ୨୦୨୬ରେ ଦ୍ରୁତ ବେଗରେ ବୃଦ୍ଧି ପାଇଛି । ଏସମ୍ପର୍କରେ ଫୋନପେର ମ୍ୟୁଚୁଆଲ ଫଣ୍ଡ ବିଭାଗର ମୁଖ୍ୟ ନିଲେଶ ଡି ନାୟକ କହିଛନ୍ତି, " ଭାରତର ସମ୍ପତି ସୃଷ୍ଟି ଯାତ୍ରା ନିବେଶଶିରୁ ବିକଶିତ ହୋଇଛି । ଫୋନପେ ମ୍ୟୁଚୁଆଲ ଫଣ୍ଡରେ ଆମର ଲକ୍ଷ୍ୟ ହେଉଛି ସମ୍ପତି ନିର୍ମାଣକୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ବାଧାମୁକ୍ତ ଦୈନିକ ଅଭ୍ୟାସରେ ପରିଣତ କରିବା । ଆପଣ ନିବେଶ ଆରମ୍ଭ କରିଥିବା ଜଣେ ଯୁବ ପେସାଦାର ହୁଅନ୍ତୁ, ଦୈନିକ ନଗଦ ପ୍ରବାହ ଥିବା ଜଣେ ବିଜନେସ୍ ମର୍ଚ୍ଚାଂଟ କିମ୍ବା ସ୍ୱଳ୍ପକାଳିନ ବଜାର ଅସ୍ଥିରତାକୁ ଦୂର କରିବାକୁ ଚାହୁଁଥିବା ଜଣେ ସ୍ୱାଧୀନ ବ୍ୟକ୍ତି, ଏହି ଫଣ୍ଡର ଡେଲି ଏସଆଇପି ଫିଚର ଆପଣଙ୍କର ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଏକ ସୁବିଧାଜନକ ଓ ପ୍ରଭାବଶାଳୀ ମାଧ୍ୟମ ପ୍ରଦାନ କରିଥାଏ ।"

# ଭାରତୀୟ ଦୂତାବାସ ବିକୃତୀକରଣକୁ ଏମ୍ଇଏର ନିନ୍ଦା

ନୂଆଦିଲ୍ଲୀ : ସ୍ଲୋଭେନିଆସ୍ଥିତ ଭାରତୀୟ ଦୂତାବାସକୁ ବିକୃତ କରାଯିବା ଘଟଣାକୁ ଭାରତ ନିନ୍ଦା କରିଛି। ଏହି ଘଟଣା ପଛରେ ଖଲିସ୍ତାନୀ ଗୋଷ୍ଠୀ ଥିବା ଦାବି ହେଉଥିବାବେଳେ ଭାରତ ଏହି ଘଟଣାରେ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଲୋଭେନିଆ କର୍ତ୍ତୃପକ୍ଷଙ୍କୁ କହିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ସ୍ଲୋଭେନିଆର ଲଜୁବଲଜାନାସ୍ଥିତ ଆମ ଦୂତାବାସ ପରିସରକୁ ଭାରତ ବିରୋଧୀ ତତ୍ତ୍ୱମାନେ ବିକୃତ କରିଥିବା ଘଟଣାକୁ ଆମେ ନିନ୍ଦା କରୁଛୁ। ତେବେ ଏହି ଘଟଣା ପାଇଁ କିଏ ଦାୟୀ, ସେ ସମ୍ପର୍କରେ ମନ୍ତ୍ରାଳୟ ବିସ୍ତୃତ ସୂଚନା ପ୍ରଦାନ କରିନି।ମିଳିଥିବା ସୂଚନା ଅନୁଯାୟୀ, ଦୂତାବାସରେ ଭାରତ ବିରୋଧୀ ସ୍ଲୋଗାନ ଲେଖି ଏହାକୁ ବିକୃତ କରିବା ପଛରେ ଖଲିସ୍ତାନୀ ସମର୍ଥକଙ୍କ ହାତ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଭିଏନା କନଭେନସନ୍ ଅନୁଯାୟୀ କୂଟନୈତିକ ପରିସରଗୁଡ଼ିକ ସୁରକ୍ଷିତ ରହିବା ଆବଶ୍ୟକ। ଏହି ମାମଲାକୁ ଭାରତ ସ୍ଲୋଭେନିଆ କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇଛି, ଯାହାଦ୍ୱାରା ଏଭଳି ନିନ୍ଦନୀୟ କାର୍ଯ୍ୟ ପଛରେ ଥିବା ଦୋଷୀମାନଙ୍କୁ ଦାୟୀ କରାଯାଇପାରିବ।ମନ୍ତ୍ରାଳୟ କହିଛି ଆମେ ଅନ୍ୟ ଦେଶର ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷମାନଙ୍କୁ ମଧ୍ୟ ଏଭଳି ଗୋଷ୍ଠୀର ଘୃଣାପୂର୍ଣ୍ଣ ପ୍ରଚାର ଓ ମିଥ୍ୟା ସୂଚନା ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରୁଛୁ। ତେବେ ଗତ କିଛି ବର୍ଷ ହେଲା ଖଲିସ୍ତାନୀ ସମର୍ଥିତ ଗୋଷ୍ଠୀମାନେ ବ୍ରିଟେନ୍, ଆମେରିକା ଓ କାନାଡା ଭଳି ଦେଶରେ ଭାରତର କୂଟନୈତିକ ମିସନଗୁଡ଼ିକୁ ବିକୃତ କରିବା ଓ ଭଙ୍ଗାରୁଜା କରିବା ଘଟଣାରେ ଜଡିତ ଥିବା ଅଭିଯୋଗ ହୋଇଆସୁଛି।

## ଜଳାଶୟ ପୁନରୁଦ୍ଧାର

# ୩ବର୍ଷରେ ଓଡ଼ିଶାକୁ ମିଳିଛି ୧୮୨୯କୋଟି

ନୂଆଦିଲ୍ଲୀ : ଜଳାଶୟ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ଗତ ୩ବର୍ଷରେ ଓଡ଼ିଶାକୁ ୧୮୨୯ କୋଟି ୫୬ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନ ଉତ୍ତରରେ କେନ୍ଦ୍ର ଜଳଶକ୍ତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି ସୂଚନା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ମୁତାବକ ୨୦୧୫-୧୬ ବର୍ଷରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଆରମ୍ଭ ହୋଇଥିଲା । ଫସଲ ପାଇଁ ଜଳ ଯୋଗାଣ ବ୍ୟବସ୍ଥାକୁ ଉନ୍ନତ କରିବା ସହିତ ଜଳ ସଂରକ୍ଷଣ ଏହି ଯୋଜନାର ଲକ୍ଷ୍ୟ । ଏହି ଯୋଜନା ଅଧୀନରେ ଗଡ଼ିଆ ପୋଖରୀ ସମେତ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକର ମରାମତି, ପୁନରୁଦ୍ଧାର ଆଦି କାର୍ଯ୍ୟ କରାଯାଇଥାଏ । ଏଥିଲାଗି ସ୍ୱତନ୍ତ୍ର ଭାବେ 'ହର୍ ଖେତ୍ କୋ ପାନି' କାର୍ଯ୍ୟକ୍ରମ ଚାଲୁଛି । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଓଡ଼ିଶାକୁ ୧୬୨.୮୭୫ କୋଟି ଟଙ୍କା ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ତିନୋଟି ଆର୍ଥିକ ବର୍ଷରେ ମିଳିଛି । ଏଥିରେ ୪୩୩ଟି ଗଡ଼ିଆ ପୋଖରୀ ସମେତ ଅନ୍ୟାନ୍ୟ ଜଳ ଉତ୍ସର ପୁନରୁଦ୍ଧାର କରାଯାଇଛି । ସେହିଭଳି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଅମୃତ ଯୋଜନାରେ ସହରାଞ୍ଚଳ ଜଳ ଉତ୍ସଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରୁଛନ୍ତି । ଅମୃତ ଯୋଜନାରେ ଗତ ୩ବର୍ଷ ଭିତରେ ରାଜ୍ୟର ବିଭିନ୍ନ ସହରରେ ୨୭ଟି ଜଳ ଉତ୍ସର ପୁନରୁଦ୍ଧାର କରାଯାଇଛି ଯେଉଁଥିପାଇଁ କେନ୍ଦ୍ର ସରକାର ୬୨୧.୪୬ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଶ୍ରୀ ରାୟଙ୍କୁ କେନ୍ଦ୍ରମନ୍ତ୍ରୀ ପୁଣି କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା (ଏମ୍ନରେଗା)ରେ କିନ୍ତୁ ଗତ ୩ବର୍ଷ ଭିତରେ ଓଡ଼ିଶାରେ ବ୍ୟାପକ ଜଳ ଉତ୍ସର ପୁନରୁଦ୍ଧାର କରାଯାଇଛି । ଏଥିପାଇଁ କେନ୍ଦ୍ରରୁ ଓଡ଼ିଶାକୁ ୧୦୪୫ କୋଟି ୭୩ଲକ୍ଷ ଟଙ୍କାର ସହାୟତା ମିଳିଛି, ଯେଉଁଥିରେ ୧୯୧୩୧ଟି ଜଳଉତ୍ସର ପୁନରୁଦ୍ଧାର କରାଯାଇପାରିଛି । ଏହାଛଡ଼ା ବର୍ଷା ଜଳ ସଂରକ୍ଷଣ ପାଇଁ ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମରେ ମଧ୍ୟ ଓଡ଼ିଶା ବ୍ୟାପକ ସହାୟତା ପାଇଛି, ଯେଉଁଥିରେ ୨୫,୨୫୩ଟି ଜଳ ଉତ୍ସର ପୁନରୁଦ୍ଧାର କାର୍ଯ୍ୟ ଗତ ୩ବର୍ଷ ମଧ୍ୟରେ ହୋଇପାରିଛି ।ଓଡ଼ିଶାରେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବା କାରଣରୁ ଭବିଷ୍ୟତ ପାଇଁ ଏହା ଆହ୍ୱାନ ସୃଷ୍ଟି କରିପାରେ ବୋଲି ସାଂସଦ ଶ୍ରୀ ରାୟ ଉଦଗର ସହ କହିଛନ୍ତି । ଏଭଳି ଘଟିଲେ କୃଷି କ୍ଷେତ, ପାନୀୟ ଜଳ ଓ ପଶୁ ପାଳନ କ୍ଷେତ୍ର ପ୍ରତି ଗୁରୁତର ସଂକଟ ସୃଷ୍ଟି ହୋଇପାରେ । ଏହି ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟର ସମସ୍ତ ନଦୀ, ହ୍ରଦ, ଝରଣା, ଗଡ଼ିଆ, ପୋଖରୀ, ଯୋର ଓ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକରେ ଯେପରି ବର୍ଷ ତମାମ ଜଳ ଭର୍ତ୍ତି ହୋଇ ରୁହେ ସେ ଦିଗରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେବା ଲାଗି ଏକ ବିବୃତିରେ ଶ୍ରୀ ରାୟ ଦାବି କରିଛନ୍ତି ।

# ସୁପ୍ରିମକୋର୍ଟରୁ ମିଳିଲା ଆଶ୍ୱସ୍ତି ଅଭିଷେକ ଯିବେ ବିଦେଶ

ନୂଆଦିଲ୍ଲୀ : ଟିଏମସି ସାଂସଦ ଏବଂ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଆଖି ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ମିଳିଛି। ସୋମବାର ସୁପ୍ରିମକୋର୍ଟ ତାଙ୍କୁ ତିନି ସପ୍ତାହ ପାଇଁ ବିଦେଶ ଯିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ଅଗଷ୍ଟ ୫ ତାରିଖରେ କୋଲକାତା ହାଇକୋର୍ଟ ତାଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ଦେବାକୁ ମନା କରିଦେଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଏସଏସକେଏମ ହସ୍ପିଟାଲର ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆଖିର ରୋଗର ଚିକିତ୍ସା କୋଲକାତାରେ ହୋଇପାରିବ କି ବିଦେଶ ଯାତ୍ରା କରିବା ଆବଶ୍ୟକ ତାହା ଜଣାପଡ଼ିବ।ଅଭିଷେକ ବାନାର୍ଜୀ ହାଇକୋର୍ଟଙ୍କର ଏହି ରାୟକୁ



ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଅଭିଷେକ ବାନାର୍ଜୀଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ତାଙ୍କୁ ଅନୁମତି ଦେଇଛନ୍ତି। ରିପୋର୍ଟ ଅନୁସାରେ, ତାଙ୍କର ବିଦେଶ ଯାତ୍ରା ସେପ୍ଟେମ୍ବରରେ ହେବାର କାର୍ଯ୍ୟକ୍ରମ ରହିଛି।

# ଠକେଇ କଲ୍ ରୋକିବା ପାଇଁ ୧୬୦୧ ନମ୍ବର ସିରିଜ

ନୂଆଦିଲ୍ଲୀ : ବ୍ୟାଙ୍କ, ଆର୍ଥିକ ସେବା ଓ ବୀମା ଓ ସରକାରୀ କ୍ଷେତ୍ର ବାହାରେ ଥିବା ସଂସ୍ଥାଗୁଡ଼ିକ ଲାଗି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ନୂଆ ୧୬୦୧ ସିରିଜ୍ ନମ୍ବର ଜାରି କରିଛି। ୟୁଟିଲିଟି, କୋରିଅର୍ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ଏହି ନମ୍ବର ସିରିଜ୍କୁ ସେବା ଓ କାରବାର ସମ୍ପର୍କିତ କଲ୍ ପାଇଁ ବ୍ୟବହାର କରିପାରିବେ। ଏହାକୁ ପ୍ରଚାରଧର୍ମୀ କଲ୍ ପାଇଁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଟ୍ରାଇ ସ୍ପଷ୍ଟ କରିଛି। ବର୍ତ୍ତମାନ ଦେଶରେ ସାଇବର୍ ଠକେଇ ଦ୍ରୁତ ଗତିରେ ବଢ଼ୁଥିବାରୁ ଅବାଞ୍ଛିତ କଲ୍କୁ ଚିହ୍ନଟ କରିବାରେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ନମ୍ବର ସିରିଜ୍ ଜାରି କରାଯାଇଛି।ଏଥିପାଇଁ ଯୋଗ୍ୟ ସଂସ୍ଥାଗୁଡ଼ିକୁ ଆସନ୍ତ ୯୦ ଦିନ ଭିତରେ ନୂଆ ସିରିଜ୍କୁ ସ୍ଥାନାନ୍ତର କରିବାକୁ ଟେଲିକମ୍ କମ୍ପାନିଗୁଡ଼ିକୁ





ଟ୍ରାଇ କହିଛି। ସମ୍ପ୍ରତି, ବ୍ୟାଙ୍କ, ଆର୍ଥିକ ସେବା ଓ ବୀମା କ୍ଷେତ୍ର ଓ ସରକାରୀ ଅନୁଷ୍ଠାନଗୁଡ଼ିକ ପାଇଁ ୧୬୦୦ ନମ୍ବର ସିରିଜ୍ ରହିଛି। ଆର୍ଥିକ କ୍ଷେତ୍ର ବେଶ ସମ୍ବେଦନଶୀଳ ହୋଇଥିବାରୁ ତାହାକୁ ଅନ୍ୟମାନଙ୍କଠାରୁ ଅଲଗା କରିବା ପାଇଁ ୧୬୦୧ ନମ୍ବର ସିରିଜ୍ ଜାରି କରାଯାଇଛି। ନୂଆ ନମ୍ବର ସିରିଜ୍ କେବଳ ଯୋଗ୍ୟ ସଂସ୍ଥାଗୁଡ଼ିକୁ ଆବଣ୍ଟନ କରାଯିବ। କୌଣସି ମଝିରେ ଥିବା ସଂସ୍ଥା କିମ୍ବା ଏଗ୍ରିଗେଟରମାନଙ୍କୁ ତାହା ଦିଆଯିବ ନାହିଁ। ନମ୍ବର ଜାରି କରିବା ପୂର୍ବରୁ ଯଥାର୍ଥ ଯାଞ୍ଚ କରାଯିବ। ୧୬୦୧ ନମ୍ବର ସିରିଜ୍କୁ ବିଦ୍ୟୁତ ବଣ୍ଟନ କମ୍ପାନି, ଜଳ ଯୋଗାଣ, ସହରାଞ୍ଚଳ ଗ୍ୟାସ୍ ବିତରଣ, ଏଲ୍ପିଜି ବିତରଣ ସଂସ୍ଥା ଓ ସେହି ଧରଣର ସେବା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକ ବ୍ୟବହାର କରିପାରିବେ।ସେହିପରି, କୋରିଅର୍, ଏକ୍ସପ୍ରେସ୍ ଲଜିଷ୍ଟିକ୍ସ କମ୍ପାନି, ପାର୍ସଲ ଡେଲିଭରି ସେବା ପ୍ରଦାନକାରୀ, ମାଲ ପରିବହନ ଓ ଲଜିଷ୍ଟିକ୍ସ ସେବା ପ୍ରଦାନକାରୀ ସଂସ୍ଥା ବ୍ୟବହାର କରିପାରିବେ। ଟ୍ରୁକଲର୍ ଭଳି କଲର୍ ଆଇଡି ସେବା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ଟ୍ରାଇ ତାଗିଦ୍ କରି ୧୬୦୦ ସିରିଜ୍ ନମ୍ବରକୁ ସ୍ପାମ୍ ଭାବେ ନ ଦେଖାଇବାକୁ କହିଛି। ଏହି ନମ୍ବରକୁ ରିଜର୍ଭ ବ୍ୟାଙ୍କ, ସେବି, ଆଇଆର୍ଡିଏଆଇ ଓ ପିଏଫ୍ଆର୍ଡିଏ ଅଧୀନରେ ପରିଚାଳିତ ସଂସ୍ଥାଗୁଡ଼ିକୁ ଆବଣ୍ଟନ କରାଯାଇଛି।

# ପୁଟିନ ୫ ଲକ୍ଷ ନୂଆ ସୈନ୍ୟ ମୁତୟନ କରିପାରନ୍ତି : ଜେଲେନସ୍କି

କିବ୍ : ରୁଷ୍-ୟୁକ୍ରେନ ଯୁଦ୍ଧ ଆହୁରି ତୀବ୍ର ହେବାର ଆଶଙ୍କା ମଧ୍ୟରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରାୟ ୫ ଲକ୍ଷ ନୂଆ ସୈନ୍ୟ ମୁତୟନ କରିବାକୁ ପ୍ରସ୍ତୁତ ହେଉଥିବା ନେଇ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ଚେତାବନୀ ଦେଇଛନ୍ତି। ୟୁକ୍ରେନୀୟ ଗୁଇନ୍ଦା ସୂଚନାକୁ ଉଦ୍ଧୃତ କରି ସେ କହିଛନ୍ତି, ରୁଷ୍‌ରେ ସେପ୍ଟେମ୍ବର ୨୧ରେ ରାଜ୍ୟ ଡୁମା ନିର୍ବାଚନ ଶେଷ ହେବା ପରେ ପୁଟିନ ଏହି ପ୍ରକ୍ରିୟା ଆରମ୍ଭ କରିପାରନ୍ତି। ଏତେ ବଡ଼ ସଂଖ୍ୟାରେ ଲୋକଙ୍କୁ ତୁରନ୍ତ ସାମରିକ ପ୍ରଶିକ୍ଷଣ ଦେବା ରୁଷ୍ ପାଇଁ ସହଜ ହେବ ନାହିଁ ବୋଲି ମଧ୍ୟ ଜେଲେନସ୍କି ଦାବି କରିଛନ୍ତି। ଫଳରେ ଅଳ୍ପ ପ୍ରଶିକ୍ଷଣ ପାଇଥିବା ଲୋକଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଯାଇପାରେ ଏବଂ ଏଥିରେ ଅଧିକ ଜୀବନହାନି ହୋଇପାରେ ବୋଲି ସେ ଚେତାବନୀ ଦେଇଛନ୍ତି।



ଏହା ମଧ୍ୟରେ ୟୁକ୍ରେନ ରୁଷ୍‌ର ଗଭୀର ଅଞ୍ଚଳଗୁଡ଼ିକୁ ଦୂରଗାମୀ ଆକ୍ରମଣ ଜାରି ରଖିଥିବାରୁ ପରମାଣୁ ଅସ୍ତ୍ର ବ୍ୟବହାର ନେଇ ମଧ୍ୟ ଆଶଙ୍କା ବଢ଼ିଛି। ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ କହିଛନ୍ତି, ଯଦି ଯୁଦ୍ଧ ରୁଷ୍‌କୁ ଏପରି ସ୍ଥିତିକୁ ଠେଲିଦିଏ, ଯେଉଁଠାରେ ଦେଶର ଅସ୍ତିତ୍ୱ ସଂକଟରେ ପଡ଼େ, ତେବେ ପୁଟିନ ତାଙ୍କର 'ଶେଷ ବିକଳ୍ପ' ଭାବେ ପରମାଣୁ ଅସ୍ତ୍ର ବ୍ୟବହାର କରିପାରନ୍ତି। ଏହା ଅତ୍ୟନ୍ତ ବିପଜ୍ଜନକ ସ୍ଥିତି ହେବ ବୋଲି ଫିଦାନ କହିଛନ୍ତି। ଏହି ସମୟରେ ରୁଷ୍ ଓ ୟୁକ୍ରେନ ଉଭୟ ପକ୍ଷରୁ ଦୂରଗାମୀ ଆକ୍ରମଣ ବଢ଼ିଛି। ଜାତିସଂଘ ଅନୁଯାୟୀ, ଚଳିତ ବର୍ଷ ଆକ୍ରମଣ ବୃଦ୍ଧି ପାଇବାରୁ ସାଧାରଣ ନାଗରିକଙ୍କ ମୃତ୍ୟୁ ମଧ୍ୟ ବଢ଼ିଛି। ସୋମବାର ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷ୍‌ର ତାଟାରସ୍ତାନରେ ଅତି କମ୍‌ରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୟୁକ୍ରେନର ଉତ୍ତର-ପୂର୍ବ ଖାରକିଭ ଅଞ୍ଚଳର ଏକ ଗାଁରେ ରୁଷ୍‌ର ତୋପ ଆକ୍ରମଣରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ୪୫୬ ୟୁକ୍ରେନୀୟ ଡ୍ରୋନ୍ ଖସାଇଥିବା ଦାବି କରିଥିବା ବେଳେ ୟୁକ୍ରେନ ବାୟୁସେନା ରୁଷ୍ ପକ୍ଷରୁ ୧୨୬ ଡ୍ରୋନ୍ ଛଡ଼ାଯାଇଥିବା କହିଛି।

# ଦେଶର ଅପ୍ରତ୍ୟକ୍ଷ ଟିକସ୍ କ୍ଷେତ୍ରକୁ ପରିବର୍ତ୍ତନ କରିଛି ଜିଏସଟି

ନୂଆଦିଲ୍ଲୀ : ସାମଗ୍ରୀ ଓ ସେବା କର (ଜିଏସଟି) ଆରମ୍ଭ ହେବାର ପ୍ରାୟ ଏକ ଦଶନ୍ଧି ପରେ ଭାରତୀୟ କ୍ଷୁଦ୍ର ବ୍ୟବସାୟଗୁଡିକ ସ୍ୱୀକାର କରିଛନ୍ତି ଯେ, ଏହି ସଂସ୍କାର ଦେଶର ଅପ୍ରତ୍ୟକ୍ଷ ଟିକସ କ୍ଷେତ୍ରକୁ ପରିବର୍ତନ କରିଛି । ଏକ ଏକୀକୃତ ଜାତୀୟ ବଜାର ସୃଷ୍ଟି କରି ଏବଂ ଟିକସ ଅନୁପାଳନକୁ ଉନ୍ନତ କରି ଜିଏସ୍ଟି ଆଜି ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ସଂସ୍କାର ମଧ୍ୟରୁ ଗୋଟିଏରେ ପରିଣତ ହୋଇଛି । କିନ୍ତୁ ଲକ୍ଷ ଲକ୍ଷ ଏମଏସଏମଇ ପାଇଁ- ଯିଏକି ଦେଶର ସର୍ବବୃହତ ନିଯୁକ୍ତିଦାତା ଓ ଉଦ୍ୟୋଗୀ ଅଟନ୍ତି- ଏହି ଯାତ୍ରା ସମ୍ପୂର୍ଣ୍ଣ ହେବାଠାରୁ ବହୁ ଦୂରରେ । ବ୍ୟବସାୟଗୁଡିକ ବିଭିନ୍ନ ରାଜ୍ୟକୁ ବିସ୍ତାର ହେବା, ଡିଜିଟାଲ କମର୍ସକୁ ଗ୍ରହଣ କରିବା ଓ ଜାତୀୟ ଯୋଗାଣ ଶୃଙ୍ଖଳାରେ ସମନ୍ୱିତ ହେବା ସହିତ, ଅନେକ ଲୋକ ନିଜର ବ୍ୟବସାୟ ବୃଦ୍ଧି କରିବା ପରିବର୍ତେ ଅନୁପାଳନରେ ଅଧିକ ସମୟ ଓ ସମ୍ବଳ ବ୍ୟୟ କରୁଛନ୍ତି । ତେଣୁ ଜିଏସଟି ସଂସ୍କାରର ପରବର୍ତୀ ପର୍ଯ୍ୟାୟ କେବଳ ଟିକସ ହାର ସମ୍ପର୍କିତ ରହିନାହିଁ ବରଂ ଏହା ଅନୁପାଳନକୁ ସରଳ, ନିରପେକ୍ଷ ଓ ଅଧିକ ପୂର୍ବାନୁମାନଯୋଗ୍ୟ କରିବା ସମ୍ବନ୍ଧିତ ହୋଇଛି । ଦେଶବ୍ୟାପୀ ଏମଏସଏମଇଗୁଡିକର ମତାମତକୁ ପ୍ରତିଫଳନ କରି ଫେଡେରେଶନ ଅଫ୍ ଇଣ୍ଡିଆନ ମାଇକ୍ରୋ ଆଣ୍ଡ ସ୍ମଲ ଆଣ୍ଡ ମିଡିୟମ ଏଂଟର୍ପ୍ରାଇଜେସ (ଏଫଆଇଏସଏମଇ) ଅନୁପାଳନ ଖର୍ଚ୍ଚ କମ୍ କରିବା, କାର୍ଯ୍ୟ ପୁଞ୍ଜି ଉନ୍ମୋଚନ କରିବା, ନିଶ୍ଚିତତା ବୃଦ୍ଧି କରିବା ଏବଂ ଟିକସ ପ୍ରବର୍ତନକୁ ଦୁର୍ବଳ ନକରି ସ୍ୱେଚ୍ଛାକୃତ ଅନୁପାଳନକୁ ସୁଦୃଢ କରିବା ପାଇଁ ବ୍ୟବହାରିକ ସଂସ୍କାରର ପ୍ରସ୍ତାବ ଦେଇଛି । ଏସମ୍ପର୍କରେ ଏଫଆଇଏସଏମଇର ମହାସଚିବ ଅନୀଲ ଭରଦ୍ୱାଜ କହିଛନ୍ତି, "ଜିଏସଟି ଏକ ଏକୀକୃତ ଜାତୀୟ ବଜାର ସୃଷ୍ଟି କରି ନିଶ୍ଚିତ ରୂପେ ଭାରତର ଅପ୍ରତ୍ୟକ୍ଷ ଟିକସ ପ୍ରଣାଳୀକୁ ରୂପାନ୍ତର କରିଛି । ଏହି ବ୍ୟବସ୍ଥା ପରିପକ୍ୱ ହେଉଥିବାରୁ ସଚ୍ଚୋଟ ଟିକସଦାତା, ବିଶେଷ କରି ଏମଏସଏମଇଗୁଡିକ





ପାଇଁ ଅନୁପାଳନକୁ ସରଳ, ଅଧିକ ପୂର୍ବାନୁମାନଯୋଗ୍ୟ ଓ କମ୍ ବୋଝ ବିଶିଷ୍ଟ କରିବା ଦିଗରେ ଗୁରୁତ୍ୱ ଦିଆଯିବା ଉଚିତ । ଆମର ସୁପାରିଶଗୁଡିକ ଟିକସ ଦାୟିତ୍ୱ ବା ଅନୁପାଳନରେ କୌଣସି ଛାଡ ଦାବି କରୁନାହିଁ । ସେଗୁଡିକ ଅନୁପାଳନ ଖର୍ଚ୍ଚ କମ କରିବା, ନିଶ୍ଚିତତା ବୃଦ୍ଧି କରିବା, କାର୍ଯ୍ୟ ପୁଞ୍ଜି ଉନ୍ମୋଚନ କରିବା, ସ୍ୱେଚ୍ଛାକୃତ ଅନୁପାଳନକୁ ସୁଦୃଢ କରିବା ଏବଂ ଜିଏସଟି ପରିଚାଳନାକୁ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଟିକସଦାତାଙ୍କ ପାଇଁ ଅନୁକୂଳ କରିବାକୁ ଲକ୍ଷ୍ୟ ରଖିଛନ୍ତି ।"

# ରପ୍ତାନୀ ପାଇଁ ଭାରତର ସାହେଦ-କ୍ଲାସ କାଲ୍ ଡ୍ରୋନକୁ ପ୍ରସ୍ତୁତ କରିଛି ଆଇଜି ଡିଫେନ୍ସ

ନୂଆଦିଲ୍ଲୀ : ଗଲ୍ଫ ରାଷ୍ଟ୍ରଗୁଡିକରେ ଭୂରାଜନୈତି ଅସ୍ଥିରତା ବିଶ୍ୱରେ ପ୍ରତିରକ୍ଷା ପ୍ରାଥମିକତାକୁ ନୂଆ ରୂପ ଦେଉଥିବାରୁ ଲଙ୍ଗ-ରେଞ୍ଜ ଅଟୋନୋମସ ଷ୍ଟ୍ରାଇକ୍ ସିଷ୍ଟମଗୁଡିକ ପାଇଁ ଚାହିଦା ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଏହାର ଭାରତର ପ୍ରଥମ ସ୍ୱଦେଶୀ ସାହେଦ-କ୍ଲାସ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନ 'କାଲ୍' (କେଏଏଲ)କୁ ଭାରତ ସରକାରଙ୍କ ପ୍ରଯୁଜ୍ୟ ଅନୁମୋଦନ ଅନୁଯାୟୀ ଆନ୍ତର୍ଜାତୀୟ ରପ୍ତାନୀ ସୁଯୋଗ ପାଇଁ ପ୍ରସ୍ତୁତ କରୁଛି । ଭାରତରେ ଡିଜାଇନ ଓ ନିର୍ମାଣ କରାଯାଇଥିବା କାଲ୍ ହେଉଛି ଦେଶର ପ୍ରଥମ ସ୍ୱଦେଶୀ ୧୦୦୦ କିମି-କ୍ଲାସ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନ ଯାହାକୁ ଅଧିକ ରଣନୈତିକ ଲକ୍ଷ୍ୟ ବିରୁଦ୍ଧରେ ଗଭୀର ଅନୁପ୍ରବେଶ ମିଶନଗୁଡିକ ପାଇଁ ନିର୍ମାଣ କରାଯାଇଛି । ଏହି ପ୍ଲାଟଫର୍ମ ଦୀର୍ଘ ସହନଶୀଳତା, ସ୍ୱୟଂଚାଳିତ ନାଭିଗେଶନ ଓ ସଠିକ ଟାର୍ଗେଟିଙ୍ଗକୁ ଏକ ସୁଲଭ ସମାଧାନ ମଧ୍ୟରେ ଏକୀକୃତ କରିଛି ଯାହା ଆଧୁନିକ ଯୁଦ୍ଧକ୍ଷେତ୍ରର ବିକଶିତ ଆବଶ୍ୟକତାକୁ ପୂରଣ କରିଥାଏ । କାଲ୍ ସାହେଦ-୧୩୬-ଟାଇପ ଲଙ୍ଗ-ରେଞ୍ଜ ୱାନ-ୱେ ଅ।ଟାକ ଡ୍ରୋନର ଉଦୀୟମାନ ଶ୍ରେଣୀରୁ ଆସୁଛି ଯାହା ନିଜର ବର୍ଦ୍ଧିତ ରେଞ୍ଜ, ସଠିକ ଷ୍ଟ୍ରାଇକ କ୍ଷମତା, ପରିଚାଳନାଗତ



ସହଜତା ଓ ସୁଲଭତାର ମିଶ୍ରଣ ମାଧ୍ୟମରେ ଆଧୁନିକ ଯୁଦ୍ଧକ୍ଷେତ୍ରକୁ ପରିବର୍ତନ କରିଛି । ଏସମ୍ପର୍କରେ ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, "ଭବିଷ୍ୟତର ଯୁଦ୍ଧକ୍ଷେତ୍ର ବହୁମାତ୍ରାରେ ଅଟୋନୋମସ, ଲଙ୍ଗ-ରେଞ୍ଜ ପ୍ରେସିଜନ ଷ୍ଟ୍ରାଇକ କ୍ଷମତାଗୁଡିକ ଦ୍ୱାରା ନିର୍ଦ୍ଧାରିତ ହେବ । କାଲ୍ ଆତ୍ମନିର୍ଭର ଡିଫେନ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି ଏବଂ ବିଶ୍ୱସ୍ତରୀୟ ସ୍ୱଦେଶୀ ସିଷ୍ଟମ ଡିଜାଇନ ଓ ନିର୍ମାଣ କରିବାର ଆମର କ୍ଷମତାକୁ ପ୍ରଦର୍ଶିତ କରୁଛି । ବନ୍ଧୁ ରାଷ୍ଟ୍ରଗୁଡିକ ନିଜର ପ୍ରତିରକ୍ଷା କ୍ଷମତାର ଆଧୁନୀକରଣ କରୁଥିବା ବେଳେ ଭାରତ ନିର୍ଭରଯୋଗ୍ୟ, ସୁଲଭ ଓ ମିଶନ-ପ୍ରସ୍ତୁତ ଅନ୍ମ୍ୟାନ୍ଡ ପ୍ଲାଟଫର୍ମଗୁଡିକ ପାଇଁ ଏକ ବିଶ୍ୱସନୀୟ ପାର୍ଟନର ହେବା ପାଇଁ ଉନ୍ନତ ସ୍ଥିତିରେ ରହିଛି ।"୧୦୦୦ କିଲୋମିଟର ପର୍ଯ୍ୟନ୍ତ ଏକ ଅପରେଶ୍ନାଲ ରେଞ୍ଜ, ୭ରୁ ୮ ଘଂଟାର ସହନଶୀଳତା ଓ ୫୦କେଜି ପେଲୋଡ ବହନ କରିବାର କ୍ଷମତା ସହିତ କାଲ୍କୁ ଯୁଦ୍ଧ ପରିବେଶରେ ଲଙ୍ଗ-ରେଞ୍ଜ ପ୍ରେସିଜନ ଷ୍ଟ୍ରାଇକ ମିଶନ ପରିଚାଳନା କରିବା ପାଇଁ ଡିଜାଇନ କରାଯାଇଛି । ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ ଡ୍ରୋନଗୁଡିକ ଆଧୁନିକ ଯୁଦ୍ଧକ୍ଷେତ୍ରର ଏକ ପରିଭାଷିତ ଟେକ୍ନୋଲୋଜି ଉଭା ହୋଇଛି ଯାହା ସୈନ୍ୟବଳକୁ ପାରମ୍ପରିକ ମିଶାଇଲ ସିଷ୍ଟମଗୁଡିକ ତୁଳନାରେ ଖୁବ୍ କମ୍ ମୂଲ୍ୟରେ ରଣନୈତିକ ଲକ୍ଷ୍ୟ ହାସଲ କରିବା ପାଇଁ ସକ୍ଷମ କରିଥାଏ । ଏଗୁଡିକର ଯୁଦ୍ଧକ୍ଷେତ୍ର ପ୍ରଭାବଶାଳୀତା ବିଶ୍ୱବ୍ୟାପୀ ପ୍ରତିରକ୍ଷା ଆଧୁନିକୀକରଣ କାର୍ଯ୍ୟକ୍ରମଗୁଡିକୁ ତ୍ୱରାନ୍ୱିତ କରୁଥିବା ବେଳେ ବିଭିନ୍ନ ଦେଶର ସରକାର ଅଟୋନୋମସ ପ୍ରେସିଜନ ଷ୍ଟ୍ରାଇକ ପ୍ଲାଟଫର୍ମଗୁଡିକରେ ବହୁମାତ୍ରାରେ ନିବେଶ କରୁଛନ୍ତି । ଏହି ସମ୍ପ୍ରସାରଣକୁ ସମର୍ଥନ କରିବା ପାଇଁ ଓଡିଶା ସରକାର ଗଞ୍ଜାମ ଜିଲ୍ଲାରେ ୩୦୦ କୋଟି ଟଙ୍କା ମୂଲ୍ୟର ମଲ୍ଟି-ଡ୍ରୋନ ମାନୁଫ୍ୟାକ୍ଚରିଂ ଫ୍ୟାସିଲିଟିକୁ ମଞ୍ଜୁରୀ ଦେଇଛନ୍ତି । ଅନ୍ୟପକ୍ଷରେ ଭାରତ ସରକାରଙ୍କ ସମସ୍ତ ପ୍ରଯୁଜ୍ୟ ରପ୍ତାନୀ ଅନୁମୋଦନ ଓ ନିୟାମକୀୟ ମଞ୍ଜୁରୀ ଅନୁଯାୟୀ କାଲ୍, ବିଦେଶୀ ବନ୍ଧୁ ରାଷ୍ଟ୍ରଗୁଡିକୁ ସ୍ୱଦେଶୀ ପ୍ରତିରକ୍ଷା ଟେକ୍ନୋଲୋଜିର ଏକ ବିଶ୍ୱସନୀୟ ଯୋଗାଣକାରୀରେ ପରିଣତ ହେବା ପାଇଁ ଭାରତର ଲକ୍ଷ୍ୟରେ ଯୋଗଦାନ ଦେବା ଲାଗି ଆଇଜି ଡିଫେନ୍ସକୁ ସୁବ୍ୟବସ୍ଥିତ କରିଛି । ଲଙ୍ଗ-ରେଞ୍ଜ ଷ୍ଟ୍ରାଇକ ସିଷ୍ଟମ ଇଂଟରସେପ୍ଟର ଡ୍ରୋନ, ଏଫପିଭି କମ୍ବାଟ ଡ୍ରୋନ, ଅଟୋନୋମସ ୟୁଏଭିଜ, କାଉଂଟର ୟୁଏଏସ ସିଷ୍ଟମ, ଏଆଇ-ସକ୍ଷମ ସ୍ୱାମ ଟେକ୍ନୋଲୋଜି, ଇଲେକ୍ଟ୍ରୋନିକ ୱାରଫେୟାର ସଲ୍ୟୁଶନ୍ସ, ଟାକ୍ଟିକାଲ ରୋବୋଟିକ୍ସ ଓ ଲଜିଷ୍ଟିକ୍ସ ଡ୍ରୋନ ଆଦି ସାମିଲ ରହିଛି ।

# ଡେଭିସ୍ କପ୍ ଦଳରେ ମାନସ ନୂଆ ଚେହେରା

ନୂଆଦିଲ୍ଲୀ : ଦକ୍ଷିଣ କୋରିଆ ବିପକ୍ଷ ଡେଭିସ୍ କପ୍ କ୍ୱାଲିଫାୟର୍ସ-୨ ମ୍ୟାଚ୍ ଲାଗି ସୋମବାର ଭାରତୀୟ ଦଳଘୋଷିତ ହୋଇଛି । ଏହି ଦଳରେ ପ୍ରଥମ ଥର ମାନସ ଧାମ୍ନେଙ୍କୁ ସ୍ଥାନ ମିଳିଛି । ୧୮ ବର୍ଷୀୟ ଧାମ୍ନେଙ୍କ ସହ ଏହି ୫ ଜଣିଆ ଦଳରେ ସୁମିତ ନଗଲ, ଦକ୍ଷିଣେଶ୍ୱର ସୁରେଶ, ଯୁକି ଭାମ୍ବ୍ରି ଓ ଏନ୍ ଶ୍ରୀରାମ ବାଲାଜୀ ରହିଛନ୍ତି । ଏହି ମ୍ୟାଚ୍ ସେପ୍ଟେମ୍ବର ୧୮ ଓ ୧୯ ତାରିଖରେ ସଓଲର ଅଲିମ୍ପିକ୍ସ ଟେନିସ୍ ସେଣ୍ଟର ହାର୍ଡ କୋର୍ଟରେ ଖେଳାଯିବ । ବିଶ୍ୱର ୨୩୫ ନମ୍ବର ସୁମିତ ଓ ୩୯୩ ନମ୍ବର ଦକ୍ଷିଣେଶ୍ୱରଙ୍କ ପରେ ୩୬୨ ନମ୍ବର ଧାମ୍ନେଙ୍କୁ ଅଧିନାୟକ ରୋହିତ ରାଜପାଲ୍ ତୃତୀୟ ଏକକ ବିକଳ୍ପ ଭାବେ ରଖିଛନ୍ତି । କନିଷ୍ଠ ଦୁଇ ଅଭିଜ୍ଞ ଖେଳାଳି ବିଶ୍ୱର ୨୮ ନମ୍ବର ଭାମ୍ବ୍ରି ଓ ୫୭ ନମ୍ବର ବାଲାଜୀଙ୍କ ସହ ଦକ୍ଷିଣେଶ୍ୱରଙ୍କୁ ରାଜପାଲ ଯୁଗଳରେ ସୁଯୋଗ ଦେଇ ପାରନ୍ତି । ଗତ ଫେବ୍ରୁଆରିରେ ରାଉଣ୍ଡ-୧ରେ ୩-୨ରେ ନେଦରଲାଣ୍ଡ୍ସକୁ ହରାଇବାରେ ଦକ୍ଷିଣେଶ୍ୱରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ସେ ୨ଟି ଯାକ ଏକକ ଜିତିଥିଲା ବେଳେ ଭାମ୍ବ୍ରିଙ୍କ ସହ ଯୁଗଳରେ ଦଳକୁ ବିଜୟ ଦେଇଥିଲେ । କୋରିଆକୁ ହରାଇ ପାରିଲେ ଭାରତ ନଭେମ୍ବରରେ ଡେଭିସ୍ କପ୍ ଫାଇନାଲ୍ ୮କୁ ଯୋଗ୍ୟତା ଅର୍ଜନ କରିବ । ସଂପ୍ରତି ଭାରତର ମାନ୍ୟତା ୧୯ ଥିଲା ବେଳେ କୋରିଆର ୧୬ ରହିଛି । ଉଭୟ ୧୧ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୫-୬ରେ ପଛରେ ରହିଛି । ଶେଷ ଥର ଉଭୟ ଦଳ ୨୦୧୬ରେ ଚଣ୍ଡିଗଡ଼ରେ ମୁହାଁମୁହିଁ ହୋଇଥିଲେ । ଏଥିରେ ଭାରତ ୪-୧ରେ ବିଜୟୀ ହୋଇଥିଲା । ଭାରତୀୟ ଡେଭିସ୍ କପ୍ ଦଳ: ସୁମିତ ନଗଲ, ଦକ୍ଷିଣେଶ୍ୱର ସୁରେଶ, ମାନସ ଧାମ୍ନେ (ଏକକ), ଯୁକି ଭାମ୍ବ୍ରି, ଏନ୍ ଶ୍ରୀରାମ ବାଲାଜୀ (ଯୁଗଳ), ଅର୍ଣ୍ଣବ ପାପରକର, ସିଦ୍ଧାର୍ଥ ରାୱତ (ରିଜର୍ଭ) ।

## ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଅସିଚାଳନା

# ପ୍ରଥମ ଦିନରେ ଭାରତକୁ ୧୭ ପଦକ



ଲାଗୋସ୍, ୧୦।୮ (ଏଜେନ୍ସି) : ନାଇଜେରିଆର ଲାଗୋସରେ ଚାଲିଥିବା ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଅସିଚାଳନା ପ୍ରତିଯୋଗିତାରେ ଭାରତୀୟ ଦଳ ଦମଦାର ପ୍ରଦର୍ଶନ କରିଛି । ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ମୋଟ ୧୭ଟି ପଦକ ଜିତିଛି । ଏଥିରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି । ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଥିବାବେଳେ ଏହା ଅଗଷ୍ଟ ୧୪ ପର୍ଯ୍ୟନ୍ତ ଚାଲିବ । ସୂଚନା ଅନୁସାରେ ଭାରତୀୟ ଅସିଚାଳକମାନେ ସମସ୍ତ ବିଭାଗରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି । ସାବ୍ରେ, ଫଏଲ୍ ଓ ଏପି ଏହି ତିନିଟି ବିଭାଗର ସମସ୍ତ ୬ଟି ବ୍ୟକ୍ତିଗତ ଇଭେଣ୍ଟରେ ଅନ୍ତତଃ ଜଣେ ଭାରତୀୟ ଅସିଚାଳକ ପଦକ ହାସଲ କରିଛନ୍ତି । ପୁରୁଷ ସାବ୍ରେ ବିଭାଗରେ ନିଖିଲ ୱାଗ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଲକ୍ଷ୍ୟ ବାଦସର ରୌପ୍ୟ ପଦକ ହାସଲ କରିଛନ୍ତି । ଅଶ୍ୱିନୀ ଆର୍ଯ୍ୟ ଓ ଲାଇଶ୍ରାମ ମୋରାମ୍ବା ଯୁଗ୍ମ କାଂସ୍ୟ ପଦକ ଜିତିଛନ୍ତି । ଫଳରେ ଏହି ଇଭେଣ୍ଟରେ ଭାରତ ପୋଡିୟମର ସମସ୍ତ ଚାରିଟି ସ୍ଥାନ ଦଖଲ କରିଛି । ପୁରୁଷ ଫଏଲ୍ ବିଭାଗରେ ତେଜସ ପାଟିଲ ରୌପ୍ୟ ଏବଂ ହେମାଶ ସନାସାମ କାଂସ୍ୟ ପଦକ ଜିତିଛନ୍ତି । ସେହିପରି ପୁରୁଷ ଏପି ବିଭାଗରେ ଲୋକେଶ ଭିମାନି ରୌପ୍ୟ ପଦକ ହାସଲ କରିଥିବାବେଳେ ଶୌର୍ଯ୍ୟ ଅଶ୍ୱିନୀ ଓ ଗଡୱିନ୍ ଅନ୍ୱକେସ୍ କାଂସ୍ୟ ପଦକ ଜିତିଛନ୍ତି ।

## ◆ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ଉଦ୍‌ଯାପିତ

# ୩ ପଦକ ସହ ୨୭ତମ ସ୍ଥାନରେ ଭାରତ

ଓରେଗାନ (ଆମେରିକା) : ବିଶ୍ୱ ୨୦ବର୍ଷରୁ କମ୍ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତ ୩ ପଦକ ସହ ପଦକ ତାଲିକାରେ ୨୭ତମ ସ୍ଥାନରେ ରହିଛି । ପ୍ରତିଯୋଗିତାର ଶେଷ ଦିନରେ ଭାରତ କୌଣସି ପଦକ ଜିତିପାରିନଥିବାରୁ ମୋଟ ପଦକ ସଂଖ୍ୟା ୩ରେ ସୀମିତ ରହିଛି । ଏହି ୩ ପଦକ ମଧ୍ୟରେ ୨ଟି ରୌପ୍ୟ ଓ ୧ଟି କାଂସ୍ୟ ରହିଛି । ପୁରୁଷ ହାଇଜମ୍ପରେ ବସନ୍ତ କୁମାର ମେଘୱାଲ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଲଙ୍ଗଜମ୍ପରେ ଶାହନୱାଜ ଖାଁ କାଂସ୍ୟ ପଦକ ହାସଲ କରିଛନ୍ତି । ଏହାପୂର୍ବରୁ ଶୁକ୍ରବାର ପୁରୁଷ ଜାଭେଲିନ୍ ଥ୍ରୋ'ରେ ଆଶିଷ ଯାଦବ ରୌପ୍ୟ ପଦକ ଜିତି ଭାରତର ପଦକ ଖାତା ଖୋଲିଥିଲେ । ଶେଷ ଦିନରେ ଅନୁଷ୍ଠିତ ମହିଳା ହାଇଜମ୍ପ ଫାଇନାଲରେ ଭାରତର ପୂଜା ସିଂହ ୭ମ ସ୍ଥାନରେ ରହିଥିଲେ । ସେ ନିଜର ଜାତୀୟ ରେକର୍ଡର ମଧ୍ୟ ନିକଟବର୍ତ୍ତୀ ହୋଇପାରି ନଥିଲେ । ସେହିପରି ଭାରତର ୪୪୦୦ପଦକ ତାଲିକାରେ ଆୟୋଜକ ଆମେରିକା ୨୪ଟି ପଦକ ସହ ଶୀର୍ଷ ସ୍ଥାନରେ ରହିଛି । କେନିଆ ୧୧ଟି ପଦକ ସହ ଦ୍ୱିତୀୟ ଏବଂ ଇଟାଲୀ ୫ଟି ପଦକ ସହ ତୃତୀୟ ସ୍ଥାନରେ ରହିଛି । ଚତୁର୍ଥ ସ୍ଥାନରେ ଜାମାଇକା ଥିବାବେଳେ ୫ମ ସ୍ଥାନରେ ଅଷ୍ଟ୍ରେଲିଆ ଓ ୬ଷ୍ଠରେ ଇଥିଓପିଆ ରହିଛି ।

# ବାଂଲାଦେଶ ଗସ୍ତ ନେଇ ସରକାରଙ୍କ ଅନୁମତି ଲୋଡ଼ିବ ବିସିସିଆଇ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ ଦଳର ପ୍ରସ୍ତାବିତ ବାଂଲାଦେଶ ଗସ୍ତ ନେଇ ବିସିସିଆଇ ଖୁବଶୀଘ୍ର ଭାରତ ସରକାରଙ୍କ ଅନୁମତି ଏବଂ ସ୍ପଷ୍ଟତା ଲୋଡ଼ିବ । ଦୁଇ ଦେଶ ମଧ୍ୟରେ ଗତ ଦୁଇ ବର୍ଷ ହେଲା ଦେଖାଦେଇଥିବା ଅସ୍ଥିରତାର ପ୍ରଭାବ ଦ୍ୱିପାକ୍ଷିକ କ୍ରିକେଟ୍ ସମ୍ପର୍କ ଉପରେ ଏବେ ବି ରହିଥିବାରୁ ବିସିସିଆଇ ନିଜ ତରଫରୁ ଏହି ଗସ୍ତ ନେଇ କୌଣସି ନିଷ୍ପତ୍ତି ନେବାକୁ ଚାହୁଁନାହିଁ । ବିସିସିଆଇର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ବୋର୍ଡ ନିଜେ ଭାରତୀୟ ଦଳର ବାଂଲାଦେଶ ଗସ୍ତ ନେଇ ନିଷ୍ପତ୍ତି ନେଇପାରିବ ନାହିଁ । ଏଥିପାଇଁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶନ ଏବଂ ଅନୁମତି ଆବଶ୍ୟକ । ତେବେ ବୋର୍ଡ ଖୁବ୍‌ଶୀଘ୍ର ଆମେ ସରକାରଙ୍କ ସହ



ଯୋଗାଯୋଗ କରିବ ବୋଲି ସେ କହିଛନ୍ତି । ବିସିସିଆଇ ସୂତ୍ର ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ନିକଟରୁ ବିସିସିଆଇକୁ ଏକ ଚିଠି ଆସିଛି । ଏହା ସହିତ ପ୍ରସ୍ତାବିତ ଦ୍ୱିପାକ୍ଷିକ ସିରିଜ୍‌କୁ ନେଇ ଉଭୟ ବୋର୍ଡ ମଧ୍ୟରେ ନିୟମିତ ଯୋଗାଯୋଗ ଜାରି ରହିଛି । ଗତ ବର୍ଷ ଭାରତୀୟ ଦଳ ବାଂଲାଦେଶ ଗସ୍ତ କରି ୩ ଦିନିକିଆ ୩ ଟ୍ୱେଣ୍ଟି-୨୦ ଖେଳିବାର ଥିଲା । କିନ୍ତୁ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ପରେ ଏହି ଗସ୍ତକୁ ସ୍ଥଗିତ ରଖାଯାଇଥିଲା । ଚଳିତ ବର୍ଷ ଆରମ୍ଭରେ ଆଇପିଏଲରୁ ବାଂଲାଦେଶୀ ବୋଲର୍ ମୁସ୍ତାଫିଜୁର ରେହମାନଙ୍କୁ ବାଦ ଦିଆଯିବା ପରେ ତାହାର ଜବାବରେ ବାଂଲାଦେଶ ଦଳ ଭାରତ ଆସି ଟ୍ୱେଣ୍ଟି-୨୦ ବିଶ୍ୱକପ ଖେଳିବାକୁ ରାଜି ହୋଇ ନଥିଲା । କିନ୍ତୁ ଏବେ ବାଂଲାଦେଶରେ ନିର୍ବାଚିତ ସରକାର ଆସିବା ପରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆସିଛି । ଏହା ପରେ ଭାରତୀୟ ଦଳର ଗସ୍ତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ ଦୁଇ ବୋର୍ଡ ଉଦ୍ୟମ କରୁଛନ୍ତି ।

# ୧୫ରେ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

କୋଣାର୍କ, (ସବ୍ୟୁ) : ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ସହଯୋଗ କ୍ରମେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଏକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ରିଙ୍ଗ ରୋଡ୍ ସ୍ଥିତ ଏନଏସି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟକୁ କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ଓ ଜନମଙ୍ଗଳ ଯୁବ ସଂଗଠନ ମିଳିତ ଭାବରେ ଆୟୋଜନ କରୁଛନ୍ତି । ଆସନ୍ତା ୧୫ ତାରିଖ ଅପରାହ୍ନ ୩ ଟାରୁ ଏହା ଆରମ୍ଭ ହେ । ଏଥିରେ ରାଜ୍ୟର ବଛା ବଛା ଚାରିଗୋଟି ଦଳ ବାଲେଶ୍ୱର କ୍ଲବ, ପୁରୀ କ୍ଲବ, ରେନବୋ ଭୁବନେଶ୍ୱର ଓ ଚନ୍ଦ୍ରଭାଗା କ୍ଲବ ମଧ୍ୟରେ ମ୍ୟାଚ ଗୁଡ଼ିକ ଖେଳାଯିବ । ଏଥିରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯିବା ସହ ପ୍ରତିଭାବାନ ଖେଳାଳିଙ୍କୁ ସମ୍ମାନିତ କରାଯିବ ବୋଲି କୋଣାର୍କ ସ୍ପୋର୍ଟ୍ସ ଏକାଡେମୀର ସଭାପତି ଚନ୍ଦ୍ରଶେଖର ରାଉତରାୟ ଓ ଜନମଙ୍ଗଳ ଯୁବ ସଂଗଠନ ସମ୍ପାଦକ ରାମକୃଷ୍ଣ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

# ପ୍ରଥମ ଜାତୀୟ ବାଟୁଲି ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର, ୧୦।୮ (ସବ୍ୟୁ) : ରବିବାର ଦିନ ଭୁବନେଶ୍ୱର ୟୁନିଟ୍ ୮ ସ୍ଥିତ ପୁରୁଣା ସ୍ପୋର୍ଟସ ଅଫିସ ଠାରେ ପ୍ରଥମ ଜାତୀୟ ବାଟୁଲି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଏଲିଟ ସ୍ଲିଙ୍ଗ ସଟ୍ ଫେଡେରେସନ ଅଫ ଇଣ୍ଡିଆ ଆୟୋଜନ କରିଥିଲା । ଏହି ପ୍ରତିଯୋଗିତାରେ ୧୨ ଟି ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସର୍ବମୋଟ ପଦକ ଟାଲିରେ ମହାରାଷ୍ଟ୍ର ୫ ଟି ସ୍ୱର୍ଣ୍ଣ, ୨ଟି କାଂସ୍ୟ ପଦକ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଝାଡ଼ଖଣ୍ଡ ୪ ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ , ୫ ଟି କାଂସ୍ୟ ପଦକ ପାଇ ୨ୟ ସ୍ଥାନ ଓ ଓଡ଼ିଶା ୪ ଟି ସ୍ୱର୍ଣ୍ଣ , ୧ଟି ରୌପ୍ୟ, ୨ଟି କାଂସ୍ୟ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ପ୍ରଧାନ, ବିଜେପି ର ବରିଷ୍ଠ ନେତା, ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘର ସଭାପତି,



ଡ. ଗୌରୀ ମହାନ୍ତି, ରାଜ୍ୟ କରାଟେ ସଂଘର ସମ୍ପାଦକ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାକୁ ଅଫିସିଆଲ୍ ଭାବେ ଡ. ଅବିନାଶ ପୁଣ୍ଡିର, ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ କୁମାର ମିଶ୍ର, ଚନ୍ଦନ କୁମାର ଟୋପୋ, ବିର୍ସା ମୁଣ୍ଡା,ଦୀପକ ସିର୍କେ, କୁମାର ଆଦିତ୍ୟ,କ୍ରିଷ୍ଣା ସେଠ୍, ହିମାଂଶୁ ସ୍ୱାମୀ, ସନ୍ଦୀପ କୁମାର ଦାସ , ମିର ଅଜମତ ଅଲ୍ଲୀ ଓ ହିମାଂଶୁ ଶେଖର ଦାସ ପରିଚାଳନା କରିଥିଲେ । ସର୍ବଶେଷରେ ଜାତୀୟ ସଂଘର ସଭାପତି କେ. ସୁକାନ୍ତ ରାଓ ପଦକ ବିଜୟୀମାନଙ୍କୁ ପଦକ ଓ ମାନପତ୍ର ବିତରଣ କରିଥିଲେ ।

## ମେରୁଦଣ୍ଡ ଆଘାତକୁ ପଛରେ ପକାଇ ସଫଳତା

# ଜାତୀୟ ପଦକ ବିଜେତା ଗୌତମ ସାଜିଛନ୍ତି ସ୍ୱାବଲମ୍ବନର ଉଦାହରଣ

କେନ୍ଦୁଝର, (ସବ୍ୟୁ): ୧୫ବର୍ଷ ବୟସରେ ଗୌତମଙ୍କ ଜୀବନ ଅପ୍ରତ୍ୟାଶିତ ଭାବେ ବଦଳି ଯାଇଥିଲା । ୨୦୧୪ମସିହାରେ ଏକ ସ୍କୁଲ କ୍ରିକେଟ ମ୍ୟାଚ ସମୟରେ ପଡ଼ି ଯିବା କାରଣରୁ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଥିଲା, ଯାହା ଫଳରେ ତାଙ୍କର ଆଂଶିକ ପାରାଲାଇଜ (ପକ୍ଷାଘାତ) ହୋଇ ଯାଇଥିଲେ । ପରବର୍ତ୍ତୀ ବର୍ଷଗୁଡ଼ିକ ଚିକିତ୍ସା, ଥଇଥାନ ଏବଂ ଏକ ନୂତନ ବାସ୍ତବତା ସହିତ ଖାପ ଖୁଆଇବାରେ ପରିପୂର୍ଣ୍ଣ ଥିଲା । ଏହି ଯାତ୍ରା ଚ୍ୟାଲେଞ୍ଜିଂ ହୋଇଥିବାବେଳେ, ଗୌତମ ନିଜର ସ୍ୱାଧୀନତା ଫେରାଇ ଆଣିବା ଏବଂ ନିଜ ଏବଂ ତାଙ୍କ ପରିବାର ପାଇଁ ଭବିଷ୍ୟତ ଗଠନ କରିବାକୁ ସ୍ଥିର କରିଥିଲେ । ୨୦୨୪ ମସିହାରେ ତାଙ୍କର ନିଷ୍ଠା ଫଳପ୍ରଦ ହୋଇଥିଲା, ଯେତେବେଳେ ସେ ପାରା-ରଗବୀରେ ଓଡ଼ିଶା ପ୍ରତିନିଧିତ୍ୱ କରି ସଓ୍ୱର୍ଣ୍ଣ ପଦକ ଏବଂ ପରେ ଖେଲୋ ଇଣ୍ଡିଆ ପାରା ଗେମ୍ସରେ କାଂସ୍ୟ ପଦକ ଜିତିଥିଲେ, ଯାହା ଆଜିବି ଜାରି ରହିଥିବା ତାଙ୍କ କ୍ରୀଡ଼ା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ



ସାଜିଛି । ଖେଳ ସହିତ ଗୌତମ ନିଜର ବ୍ୟକ୍ତିଗତ ଦାୟିତ୍ୱ ତୁଲାଇବା ସହ ସ୍ୱାଧୀନ ଭାବେ ରୋଜଗାର କରିବାର ଉପାୟ ଅନୁସନ୍ଧାନ କରିବା ଆରମ୍ଭ କରିଥିଲେ । ୨୦୨୩ ମସିହାରେ ସମୟର ସୁବିଧା ଏବଂ ଅତିରିକ୍ତ ଜୀବିକା ରୋଜଗାରର ସୁଯୋଗ ଦ୍ୱାରା ଆକୃଷ୍ଟ ହୋଇ ସେ ଜୋମାଟୋ ଡେଲିଭରୀ ପାର୍ଟନର ଭାବେ ଯୋଗ ଦେଇଥିଲେ ।ବର୍ତ୍ତମାନ ସେ ପ୍ରତିଦିନ ସନ୍ଧ୍ୟା୫ଟାରୁ ରାତି୧୧ଟା ମଧ୍ୟରେ ଡେଲିଭରୀ କାମ ସମାପ୍ତ କରନ୍ତି, ଯାହା ଫଳରେ ସେ ନିୟମିତ ତାଲିମ ନେବା, ପ୍ରତିଯୋଗିତାରେ ଭାଗ ନେବା ଏବଂ ତାଙ୍କ ପରିବାରର ଖର୍ଚ୍ଚରେ ସାହାଯ୍ୟ କରିବାକୁ ସମର୍ଥ ହୋଇପାରୁଛନ୍ତି । କାରଯ୍ୟ ଏବଂ କ୍ରୀଡା ବ୍ୟତୀତ ଗୌତମ ନିଜ ଆଖପାଖରେ ଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ । ସେ ନିୟମିତ ଭାବେ ନିଜ ରୋଜଗାରର କିଛି ଅଂଶ ନିଜ ପଡ଼ୋଶୀ ଅଞ୍ଚଳର ବୁଲା ଜୀବଜନ୍ତୁଙ୍କୁ ଖାଇବାକୁ ଦେବାରେ ବିନିଯୋଗ କରନ୍ତି ଏବଂ ଏହା ସହିତ ନିଜ ପରିବାରର ଦୈନନ୍ଦିନ ଆବଶ୍ୟକତାକୁ ମଧ୍ୟ ପୂରଣ କରନ୍ତି । ସେ ପ୍ରତିଯୋଗିତା ପାଇଁ ତାଲିମ ନେଉଛନ୍ତି, ସହର ସାରା ଡେଲିଭରୀ କରିବା ହେଉ କିମ୍ବା ଘରେ ପ୍ରିୟଜନଙ୍କ ଯନି ନେବା ହେଉଗୌତମ ନିରନ୍ତର ଆଗକୁ ବଢ଼ିବାର ଏକା ପ୍ରକାର ଦୃଢ଼ ସଂକଳ୍ପ ନେଇ ପ୍ରତ୍ୟେକ ଦିନର ସାମ୍ନା କରନ୍ତି । ନିଜର ଲକ୍ଷ୍ୟ ପୂରଣ କରିବା ସହିତ ସ୍ୱାଧୀନ ଭାବେ ରୋଜଗାର କରିବାର ସାମର୍ଥ୍ୟ, ଗୌତମଙ୍କୁ ଏପରି ଏକ ଜୀବନ ଗଢ଼ିବାରେ ସାହାଯ୍ୟ କରିଛି ଯାହା ତାଙ୍କ ସମ୍ମୁଖୀନ ହୋଇଥିବା ଆହ୍ୱାନ ନୁହେଁ, ବରଂ ତାଙ୍କର ନିରନ୍ତର ଅଗ୍ରଗତି ଦ୍ୱାରା ପରିଚିତ ।

# ଦିନିକିଆ ବିଶ୍ୱକପ୍: ସିଧାସଳଖ ଯୋଗ୍ୟତାରୁ ୱେଷ୍ଟଇଣ୍ଡିଜ୍ ବଞ୍ଚିତ

ଦୁବାଇ : ଦୁଇ ଥର ଚମ୍ପିଆନ୍ ୱେଷ୍ଟଇଣ୍ଡିଜ୍ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରି ପାରିନାହିଁ । ପୁଣିଥରେ ୱେଷ୍ଟଇଣ୍ଡିଜକୁ ଯୋଗ୍ୟତା ପର୍ଯ୍ୟାୟ ଖେଳି ଦିନିକିଆ ବିଶ୍ୱକପରେ ସ୍ଥାନ ନିଶ୍ଚିତ କରିବାକୁ ପଡ଼ିବ । ଶୁକ୍ରବାର ଘରୋଇ ଆୟରଲାଣ୍ଡକୁ ୨ୟ ଦିନିକିଆରେ ଆଫଗାନିସ୍ତାନକୁ ୯୨ ରନରେ ପରାସ୍ତ କରିବା ପରେ ୱେଷ୍ଟଇଣ୍ଡିଜ୍ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତାରୁ ବଞ୍ଚିତ ହୋଇଛି । ଆଫଗାନିସ୍ତାନ ବିଶ୍ୱକପରେ ସିଧାସଳଖ ସ୍ଥାନ ନିଶ୍ଚିତ କରିପାରିଛି । ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ଆୟୋଜନ ହେବ । ଏଥିରେ ୧୪ଟି ଦଳ ଖେଳିବେ । ଦୁଇ ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି । ଏହି ଦୁଇଟି ଦଳଙ୍କୁ ଛାଡ଼ି ଚଳିତବର୍ଷ ସେପ୍ଟେମ୍ବର ୩୧ ସୁଦ୍ଧା ଆଇସିସି ଦିନିକିଆ ମାନ୍ୟତାରେ ଶ୍ରେଷ୍ଠ ୮ଟି ଦଳ ମଧ୍ୟ ସିଧାସଳଖ ଯୋଗ୍ୟତା ହାସଲ କରିବେ ।

# ଜାତୀୟ ଜଳକ୍ରୀଡ଼ା ଚାମ୍ପିୟନସିପ୍ : ଓଡ଼ିଶା ପୋଲିସ କ୍ରୀଡ଼ାବିତଙ୍କ ସଫଳତା

କଟକ, ୧୦।୮ (ସବ୍ୟୁ) : ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ଅସ୍ମିତା ଜାତୀୟ ଜଳକ୍ରୀଡ଼ା ଚାମ୍ପିୟନସିପ୍ ୨୦୨୬-୨୭ରେ ଓଡ଼ିଶା ପୋଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଗତ ଅଗଷ୍ଟ ୮ରୁ ୯ ତାରିଖ ପର୍ଯ୍ୟନ୍ତ ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିୟନସିପ୍ରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ବିଭିନ୍ନ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧ଟି କାଂସ୍ୟ ସହ ମୋଟ ୮ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଓଡ଼ିଶା ପୋଲିସ କ୍ରୀଡ଼ାବିତଙ୍କ ଏହି



ଉଲ୍ଲେଖନୀୟ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତା କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିବଦ୍ଧତା ଏବଂ କ୍ରିଡା ଉତ୍କର୍ଷତା ପ୍ରତି ସେମାନଙ୍କ ଅବଦାନ ପାଇଁ ପ୍ରଶଂସା କରିଛନ୍ତି । ଏହି ସଫଳତା ଓଡ଼ିଶା ପୋଲିସର କ୍ରୀଡ଼ା ପରମ୍ପରାକୁ ଆହୁରି ସମୃଦ୍ଧ କରିବା ସହ ଯୁବ କ୍ରୀଡ଼ାବିତମାନଙ୍କୁ ଜଳକ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି । ଏହି ସଫଳତାରେ ରଶ୍ମିତା ସାହୁ ୩ଟି ପଦକ ହାସଲ କରିଛନ୍ତି । ସେ କାନୋଇଂ ସିଙ୍ଗଲ୍ ୧୦୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି । ସେହିପରି ସଚିମା କେରକେଟା ମଧ୍ୟ ୩ଟି ପଦକ ହାସଲ କରିଛନ୍ତି । ସେ କାନୋଇଂ-୪ର ୨୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୧୦୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷରେ ଫୁଲମଣି ଖାଖା କାୟାକିଂ-୨ ୨୦୦ ମିଟରରେ ରୌପ୍ୟ ଏବଂ ସିଙ୍ଗଲ୍ ୧୦୦୦ ମିଟରରେ କାଂସ୍ୟ ପଦକ ହାସଲ କରି ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି ।


## ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ... / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ... ରେ ଯୋଗାଯୋଗ କରନ୍ତୁ ।


# ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିରରେ ୨୬ ଜଣ ଉତ୍ତୀର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ରାଇଫଲ ଆସୋସିଏସନ ଆନୁକୂଲ୍ୟରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣର ଓଡିଶା ରାଇଫଲ ଆସୋସିଏସନର ଟ୍ରେଜରର ବଳଭଦ୍ର ଦାସ ଓ ଆଇଏସଏସ୍ଏଫ୍ କୋଚ ଆଶିଷ ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ଓଡିଶା ରାଇଫଲ ଆସୋସିଏସନର ସମ୍ପାଦକ ଡ. ହରିପ୍ରସାଦ ପଟନାୟକ ଏବଂ ସଭାପତି ଡ. ଗୌରି ମହାନ୍ତି ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରର ଆଗାମୀ ସଂସରଣ



ଶିବରରେରେ ୨୬ଜଣ ଶିବିରାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି । କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା । ଏହାକୁ ପରିକ୍ଷାର୍ଥୀ ମାନଙ୍କୁ ରାଇଫଲ, ପିସ୍ତଲ, ଓ ସଟଗନ ସମ୍ବନ୍ଧୀୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଥିଲା । କୃତକାର୍ଯ୍ୟ ହୋଇଥିବା ଶିବିରାର୍ଥୀ ମାନଙ୍କୁ ଆସନ୍ତା ମାସରେ ଅନୁଷ୍ଠିତ ହେବ । କୃତି ପ୍ରତିଯୋଗୀମାନଙ୍କୁ ରାଜ୍ୟ ରାଇଫଲ ସଂଘର ପୃଷ୍ଠପୋଷକ ତଥା ଜାତୀୟ ରାଇଫଲ ସଂଘର ବରିଷ୍ଠ ଉପସଭାପତି ଶ୍ରୀ କଳିକେଶ ନାରାୟଣ ସିଂହଦେଓ ଶୁଭେଚ୍ଛା ଜଣାଇଛନ୍ତି ।

# ଗ୍ଲାସଗୋରେ ଆତଙ୍କ ଖେଳାଇଥିଲେ ଭାରତୀୟ ବକ୍ସର



ନୂଆଦିଲ୍ଲୀ : ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭ ସ୍ୱର୍ଣ୍ଣ ସହ ୧୦ ପଦକ ଜିତିଥିବା ଭାରତୀୟ ମୁଷ୍ଟିଯୋଦ୍ଧାମାନେ ଐତିହାସିକ ସଫଳତା ହାସଲ କରିଥିଲେ । ସ୍ଥିତି ଏପରି ହୋଇଥିଲା ଯେ ଗ୍ଲାସଗୋରେ ଅନ୍ୟ ଦେଶର ମୁଷ୍ଟିଯୋଦ୍ଧାମାନଙ୍କ ମଧ୍ୟରେ ଭୀତି ସଂଚାର କରିଥିଲେ ଭାରତୀୟ ମୁଷ୍ଟିଯୋଦ୍ଧା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା ବେଳେ ମୁଷ୍ଟିଯୋଦ୍ଧା ସାକ୍ଷୀ ଚୌଧୁରୀ କହିଥିଲେ ଯେ ପ୍ରତିପକ୍ଷ ମୁଷ୍ଟିଯୋଦ୍ଧାମାନେ ଭାରତ ନାଁ ଶୁଣିଲେ ଆତଙ୍କିତ ହୋଇଯାଉଥିଲେ । ଭାରତୀୟ ମୁଷ୍ଟିଯୋଦ୍ଧାମାନଙ୍କୁ ସାମ୍ନା କରିବାର ଭୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ଏତେ ମାତ୍ରାରେ ବ୍ୟାପି ଯାଇଥିଲା ଯେ, ଡ୍ର'ରେ ଭାରତ ବିପକ୍ଷରେ ମୁକାବିଲା ନିର୍ଦ୍ଧାରିତ ହେବା ମାତ୍ରେ ସେମାନେ ପଦକ ଜିତିବାର ଆଶା ଛାଡ଼ି ଦେଉଥିଲେ । ସେମାନେ କହୁଥିଲେ, 'ଆମର ଭାରତ ବିପକ୍ଷରେ ଲଢେଇ ଅଛି, ଏଣୁ ଆମେ ପ୍ରଥମ ରାଉଣ୍ଡରେ ହିଁ ହାରିଯିବୁ, ପଦକ ବି ଜିତିପାରିବୁ ନାହିଁ ।" ଏହା ଶୁଣିବା ପରେ ପ୍ରଧାନମନ୍ତ୍ରୀ ଲଭଲୀନା ବର୍ଗୋହାଇଁଙ୍କୁ ପଚାରିଥିଲେ ଯେ ସତରେ କଣ ଭାରତୀୟ ମୁଷ୍ଟିଯୋଦ୍ଧାଙ୍କୁ ଡରୁଥିଲେ । ଏହାର ଉତ୍ତରରେ ଲଭଲୀନା କହିଥିଲେ ଯେ ଏହା ସତ ଯେ ସମସ୍ତେ ଭାରତୀୟ ମୁଷ୍ଟିଯୋଦ୍ଧାମାନଙ୍କୁ ନେଇ ଆତଙ୍କିତ ଥିଲେ ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି